
-26

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


❋ ଷଷ୍ଠ ପୁଷ୍ପ ❋ ପ୍ରଥମ ପାଖୁଡ଼ା ❋ ଷଟ୍‌ବିଂଶତିତମ ସଂଖ୍ୟା ❋

ସଂପାଦକ : କେଶବ ଦାସ

ପ୍ରକାଶକ : କେଶବ ସାମଲ, ସାଧାରଣ ସଂପାଦକ, ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍, କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍-(୦୬୭୧) ୨୭୬୭୧୦୧, ୨୭୬୭୬୭୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।



❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି ❋

❋ କେଶବାବ୍ଦ ଚତୁଶ୍ଚତ୍ୱାରିଂଶତ୍ ❋ ଚରମମର୍ତ୍ତ୍ୟାବତରଣ ମାସ ❋ କୁମାର ପୂର୍ଣ୍ଣିମା

# ପ୍ରବେଶ ପରିଚିତି

❋ ଷଷ୍ଠ ପୁଷ୍ପ ❋
ପ୍ରଥମ ପାଖୁଡ଼ା
ଷଟ୍‌ତ୍ରିଂଶତିତମ ସଂଖ୍ୟା
ତୃତୀୟ ସଂସ୍କରଣ - ୨୦୧୩

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ ।
ବସୁନ୍ଧରା ବାରି ବିମାନ ବହ୍ନିଃବାୟୁ
ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ପାଦପଦ୍ମ ବନ୍ଦନା | ୧ |
| ମଙ୍ଗଳାଷ୍ଟକମ୍ | ୨ |
| **ସିଂହଦ୍ୱାର** | |
| ପ୍ରାର୍ଥନା | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| ଚରମରେ ଚିନ୍ତନ : ଏ ପାଖୁଡ଼ାରେ | ୭ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୧୦ |
| ପୁରାଣ ପୃଷ୍ଠାରୁ (ଗଳ୍ପାଂଶ) : | ୧୧ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : ମୋହ | ୧୫ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୯ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚବି | ୨୧ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୨୩ |
| ଜିଜ୍ଞାସା : ଜିଜ୍ଞାସୁ | ୨୭ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୦ |
| କେଶବ କୈବଲ୍ୟ କଣିକା | ୩୪ |
| କଲ୍ୟାଣ ଦେଲି ତୋତେ | ୩୭ |
| **ନୀଳଚକ୍ର** | |
| 'ଚରମ'ର ସଂକେତ | ୩୯ |
| ଗୌତମୁନି ହୋମ ଦିବସ | ୪୨ |
| ଆଶ୍ରମ ସନ୍ଦେଶ | ୪୮ |


## ପତ୍ରିକା ବ୍ୟବହାର ବିଧି


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣସ୍ତମ୍ଭ



ଗାୟନ୍ତି ଭକ୍ତ୍ୟା ସତତାନୁ ରାଗୈ-
ର୍ଭକ୍ତଗଣୈଃ ସଂସ୍ତୁତ ପାଦପଦ୍ମମ୍ ।
ସପାତୁ ନିତ୍ୟଂ ଦୀନଭକ୍ତ ସଂଘାନ୍
କେଶବ ବାଗାନ୍ତର ଯାଦବେତି ॥

## ମଙ୍ଗଳାଚରଣ

## ପାଦପଦ୍ମ ବନ୍ଦନା

ପାଦପଦ୍ମ ଘେନ ବନ୍ଦନା ମୋର ।
ପାଦପଦ୍ମ ମୋତେ ଉଦ୍ଧରି ଧର ॥୧॥
ପାଦପଦ୍ମ ବସ ହୃଦ ଆସନେ ।
ପାଦପଦ୍ମ ଚିନ୍ତେ ଉଦାସ ମନେ ॥୨॥
ପାଦପଦ୍ମ ମୋର ଭବ ନଉକା ।
ପାଦପଦ୍ମ ଟେକି ଧର ସୁଭକ୍ତ ॥୩॥
ପାଦପଦ୍ମ ଧ୍ୟାୟି ଏକ ମନରେ ।
ପାଦପଦ୍ମ ସିନା ଗଣ୍ଠି-ଧନରେ ॥୪॥
ପାଦପଦ୍ମ ଅନୁସରି ସତତ ।
ପାଦପଦ୍ମ ଧାରା ପାନରେ ରତ ॥୫॥
ପାଦପଦ୍ମ ଧାରୁ ଝରେ କଲ୍ୟାଣ ।
ପାଦପଦ୍ମରେ ନେଉଛି ଶରଣ ॥୬॥
ପାଦପଦ୍ମ କରୁଣା ଅବତାର ।
ପାଦପଦ୍ମ ସିନା କୈବଲ୍ୟ ସାର ॥୭॥
ପାଦପଦ୍ମ ରଜ ଝରୁ ମୋ ଶିରେ ।
ପାଦପଦ୍ମ ପରଶୁ ଥାଉ ଧିରେ ॥୮॥
ପାଦପଦ୍ମ ବନ୍ଦନା ମୋ' କରମ ।
ପାଦପଦ୍ମ ଧ୍ୟାନ ମୋର ଧରମ ॥୯॥
ପାଦପଦ୍ମ ଚୁମ୍ବୁ (ମୋ) ମନ ଭ୍ରମର ।
ପାଦପଦ୍ମ ମଧୁ ମଧୁରତର ॥୧୦॥
ପାଦପଦ୍ମ ଛବି ଫୁଟୁ ନୟନେ ।
ପାଦପଦ୍ମ ମୂର୍ତ୍ତି ଉଠୁ ମୋ ଧ୍ୟାନେ ॥୧୧॥
ପାଦପଦ୍ମ ଇହକାଳ ଦେବତା ।
ପାଦପଦ୍ମ ପରକାଳ କରତା ॥୧୨॥
ପାଦପଦ୍ମ ହୃଦ ତଟେ ସମ୍ପାତି ।
ପାଦପଦ୍ମ ପୂଜା କରଇ ନିତି ॥୧୩॥
ପାଦପଦ୍ମରେ ମୋ ଆଶା ଭରସା ।
ପାଦପଦ୍ମ ଚିନ୍ତା ମୋ ନିତ୍ୟ ନିଶା ॥୧୪॥
ପାଦପଦ୍ମ ନି-ରା-ଶା-ର ନିଳୟ ।
ପାଦପଦ୍ମ ଲୋକମାତା ଆଳୟ ॥୧୫॥
ପାଦପଦ୍ମ ସର୍ବବିଭୂତି ସ୍ଥଳ ।
ପାଦପଦ୍ମ ସର୍ବ ତୀର୍ଥର ଜଳ ॥୧୬॥
ପାଦପଦ୍ମ ସର୍ବ ଦେବତା ସ୍ଥଳୀ ।
ପାଦପଦ୍ମ ସର୍ବ ଦେବୀଙ୍କ ମେଳି ॥୧୭॥
ପାଦପଦ୍ମ ମୋର ବନ୍ଦନା ଘେନ ।
ପାଦପଦ୍ମ ସ୍ଥିର କର ମୋ ମନ ॥୧୮॥
ପାଦପଦ୍ମ ହୃଦ ଆସନେ ବସ ।
ପାଦପଦ୍ମ ଧ୍ୟାନନେତ୍ରେ ପ୍ରକାଶ ॥୧୯॥
ପାଦପଦ୍ମ ପିତା ମାତା ସ୍ୱଜନ ।
ପାଦପଦ୍ମ ଜ୍ଞାନ ଭକତି ଧନ ॥୨୦॥
ପାଦପଦ୍ମ କର୍ମଯୋଗର ସାର ।
ପାଦପଦ୍ମ ପ୍ରଣାମ ଘେନା କର ॥୨୧॥
ପାଦପଦ୍ମ ଅର୍ଘ୍ୟ ନିଅ ମୋ ଟୋକି ।
ପାଦପଦ୍ମ ଜ୍ଞାନାଲୋକେ ଉଜ୍ଜ୍ୱଳି ॥୨୨॥
ପାଦପଦ୍ମ ଟେକି ନିଅ ଗୋ କୋଳେ ।
ପାଦପଦ୍ମ ଚିନ୍ତେ ଆନନ୍ଦ ଭୋଳେ ॥୨୩॥
ପାଦପଦ୍ମ ଚିନ୍ତା ମୋର ସାଧନ ।
ପାଦପଦ୍ମ ଖଣ୍ଡ ସର୍ବ ବନ୍ଧନ ॥୨୪॥
ପାଦପଦ୍ମ ଧ୍ୟାନ ଧ୍ୟେୟ ମୋହର ।
ପାଦପଦ୍ମ ମୋତେ ଉଦ୍ଧରି ଧର ॥୨୫॥

# ମଙ୍ଗଳାଷ୍ଟକମ୍

'ଚରମ' : ପ୍ରଥମ ପୃଷ୍ଠାରେ ଦ୍ୱିତୀୟ ପାଣ୍ଡୁଲିପିରେ ମଙ୍ଗଳାଷ୍ଟକମ୍‌ର ପ୍ରଥମ ଦୁଇଗୋଟି ଶ୍ଳୋକ ପ୍ରକାଶ ପାଇଥିଲା । ସଂପୂର୍ଣ୍ଣ ଭାବରେ ଏଯାବତ୍ ଏହା 'ଚରମ' ପୃଷ୍ଠାରେ ସ୍ଥାନିତ ହୋଇପାରିନାହିଁ । ସତ୍‌ସଙ୍ଗ ଅଧିବେଶନରେ ଏହା ପାଠ ହୋଇ ଆସୁଅଛି । ସତ୍‌ସଙ୍ଗ କାର୍ଯ୍ୟକ୍ରମ ସହିତ ଏହା ଏକ ନିୟମିତ ନୀତିରେ ପାଠମୈଳେ ଭାବରେ ଗୃହୀତ ହୋଇଛି । ଅଧିକାଂଶ ଭକ୍ତ ଅନୁଗତ ଗୁରୁଭାଇ ଭଉଣୀମାନେ ସଂପୂର୍ଣ୍ଣ ମଙ୍ଗଳାଷ୍ଟକମ୍ 'ଚରମ'ରେ ପଢ଼ିବାକୁ ପାଇ ବାରମ୍ବାର ଅନୁରୋଧ କରିଆସୁଛନ୍ତି । ସେମାନଙ୍କ ଅନୁରୋଧକୁ ସମ୍ମାନ ଦେଇ ବିଳମ୍ବରେ ହେଲେ ମଧ୍ୟ ଏହା 'ଚରମ' ପୃଷ୍ଠା ମଣ୍ଡନ କରୁଛି ।

ବନ୍ଦେ ଅବ୍ୟକ୍ତ ପୁରୁଷମ୍ ବ୍ୟକ୍ତାବ୍ୟକ୍ତ ଭବାତୀତମ୍ ।
ପୂର୍ଣ୍ଣବ୍ରହ୍ମଂ ପୂର୍ଣ୍ଣାନନ୍ଦମ୍ ଅବାଂଙ୍ଗ୍ ମାନସ ଗୋଚରମ୍ ॥୧॥
ଆଦ୍ୟାଶକ୍ତି ସ୍ୱରୂପିଣମ୍ ପରମାତ୍ମା ମହେଶ୍ୱରମ୍ ।
ପ୍ରକୃତି ପୁରୁଷ ଦ୍ୱୟମ୍ ତଦ୍ବେକ ପରମେଶ୍ୱରମ୍ ॥୨॥
ସ୍ଥୂଳସୂକ୍ଷ୍ମାଦି କାରଣମ୍ ରହିତଂ ତଂ ପରାପ୍ରରମ୍ ।
ବିଶ୍ୱାତ୍ମା ବିଶ୍ୱପ୍ରାଣ ତ୍ୱମ୍ ପରଂବ୍ରହ୍ମଂ ଜନାର୍ଦ୍ଦନମ୍ ॥୩॥
ଜୀବବ୍ରହ୍ମଂ ପରଂବ୍ରହ୍ମମ୍ ଯୋଗ ସୂତ୍ର ଧରଂ ଖ୍ୟାତମ୍ ।
ଅଚ୍ୟୁତଂ ଚ୍ୟୁତାଚ୍ୟୁତଂ ଚ କେଶବଂ ଯଦୁନନ୍ଦନମ୍ ॥୪॥
ମାତୃଶକ୍ତି ପରାଂ ରୂପାମ୍ ପରମେଷ୍ଟିଂ ପରଂଗୁରୁମ୍ ।
ପରାପରା ପରଂ ଭାବମ୍ ଭାବାଭାବାଦି କେଶବମ୍ ॥୫॥
ଭାବମୟ ଭକ୍ତବନ୍ଧୁମ୍ କୃପାସିନ୍ଧୁ ଗୁରୁସ୍ୱାମୀନ୍ ।
ସଚ୍ଚିଦାନନ୍ଦ ବିଗ୍ରହମ୍ ସୁକାନ୍ତିସୁତ କେଶବମ୍ ॥୬॥
ନିରାକାରଂ ସାକାରଂଚ ରୂପାତୀତମ୍ ଜଗଦ୍‌ଗୁରୁମ୍ ।
ସର୍ବକଳାଧୃତଂ ଦେହମ୍ ପୂର୍ଣ୍ଣରୂପମ୍ ଖଗେଶ୍ୱରମ୍ ॥୭॥
ବନ୍ଦେଽହଂ ହର୍ତ୍ତାକର୍ତ୍ତାରମ୍ ମମଭର୍ତ୍ତା ପରଂଗୁରୁମ୍ ।
ପାଦପଦ୍ମଂ ଭଜେ ନିତ୍ୟମ୍ ପିତାମାତା ସ୍ୱରୂପକମ୍ ॥୮॥

ମଣିଷର ମନ ହିଁ ତା'ର ଅନ୍ତରିନ୍ଦ୍ରିୟ । 'ବିବେକାନ୍ଧସ୍ୟ ମୂଢ଼ତା'- ଅର୍ଥାତ୍, ଯାହାର ବିବେକ ଅନ୍ଧ, ସେ ମୋହାବିଷ୍ଟ । ନିର୍ବୋଧ । ଅଜ୍ଞାନ । ଜଡ଼ । ନିଜର ଅଜ୍ଞାନତା ଯୋଗୁଁ ଯେଉଁ ବ୍ୟକ୍ତି ଦୁଃଖ ଭୋଗ କରେ, ତାହାକୁ କୁହାଯାଏ ମୂଢ଼ । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି: ''ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ଭୂତାନାମସ୍ମି ଚେତନା' ଅର୍ଥାତ୍, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମୁଁ ମନ, ସର୍ବଭୂତରେ ମୁଁ ଚେତନା । ମନ ଏକ ଜ୍ୟୋତିଃ । ତେଣୁ ମନ ଅତ୍ୟନ୍ତ ଶକ୍ତିଶାଳୀ । ମନ ମଧ୍ୟ ଦେହାଶ୍ରୟୀ ।

''ଯଜ୍ଜାଗ୍ରତୋଦୂର ମୁଦେତି ଦୈବଂ । ତଦୁସୁପ୍ତସ୍ୟ ତଥୈବ ଇତି ।
ଦୂରଙ୍ଗମଂ ଜ୍ୟୋତିଷାଂ ଜ୍ୟୋତିରେକମ୍ । ତନ୍ମେ ମନଃ ଶିବ ସଂକଳ୍ପ ମସ୍ତୁ ॥''

ଅର୍ଥାତ୍, ଜାଗ୍ରତ ଅବସ୍ଥାରେ ଯେଉଁ ମନ ଦୂରରେ ଭ୍ରମଣ କରେ, ସୁପ୍ତ ଅବସ୍ଥାରେ ମଧ୍ୟ ଯେଉଁ ମନ ଦୂରରେ ଭ୍ରମଣ କରେ, ସେହି ଦୂରଗାମୀ ମନ ହିଁ ଜ୍ୟୋତିଃମାନଙ୍କ ମଧ୍ୟରେ ଏକ ଜ୍ୟୋତିଃ । ସେହି ମନ ଶିବ ସଂକଳ୍ପରେ ସ୍ଥିର ରହୁ ॥

-ଆଲୋଚନା ପ୍ରସଙ୍ଗରେ ଶ୍ରୀଶ୍ରୀ ଠାକୁରଙ୍କ ବାଣୀ-




# ପ୍ରାର୍ଥନା

ମୁଁ ଯେ ଦୀନ ଅକିଞ୍ଚନ ପାମର
ସେବି ରହିଥିବି ତୁମ ପୟର
ତୁମେ ସକଳ ବସ୍ତୁର ଆଧାର
ଶ୍ରୀଚରଣେ ମତି ରହୁ ମୋହର ॥୧॥

ତୁମେ ମାୟା ସଂସାରର କାଣ୍ଡାରୀ
ଏ ଜୀବନ ପଥେ ତୁମେ ଦିଶାରୀ
ତୁମେ ଅଖିଳ ଜଗତ ଠାକୁର
ତୁମ ପାଦେ ରହୁ ମତି ମୋହର ॥୨॥

ତୁମେ ଅଗତିର ଗତି ମୁକତି
ତୁମେ କେବଳ ସକଳ ଶକତି
ତୁମେ ବ୍ରହ୍ମା ବିଷ୍ଣୁ ମହାଈଶ୍ୱର
ତୁମ ପାଦେ ରହୁ ମତି ମୋହର ॥୩॥

ହାତ ଧରି ନିଅ ବାଟ ବଢାଇ
ହାତ ଦେଇଛି ତୁମକୁ ବଢ଼ାଇ
ପଥ କର ହେ ସୁଗମ ସୁନ୍ଦର
ତୁମପାଦେ ରହୁ ମତି ମୋହର ॥୪॥

ତୁମେ ନିତ୍ୟ ସତ୍ୟ ପରମେଶ୍ୱର
ତୁମ ବିନା ଏ ଜୀବନ ଅସାର
ତୁମେ ସତ୍ୟ ଶିବ ପୁଣି ସୁନ୍ଦର
ତୁମ ପାଦେ ରହୁ ମତି ମୋହର ॥୫॥

ତୁମେ ନାମମୟ ପ୍ରେମମୟ ହେ,
ତୁମ ବିଗ୍ରହ ନୟନ ମୋହେ ହେ,
ତୁମ ପାଦପଦ୍ମ ନିତ୍ୟ ସୁନ୍ଦର
ତୁମ ପାଦେ ରହୁ ମତି ମୋହର ॥୬॥

ଏହି ପ୍ରୀତିକୁ ଜୀବନ ଦେବତା
ଭୁଲି କରିବ ନାହିଁ ବିଶ୍ୱ ପିତା
ପ୍ରୀତିହେତୁ ମତିରଖି ପୟର
ଡାକେ ମତିରହୁ ପାଦେ ତୁମର ॥୭॥

# ମୁଖଶାଳା



## ସଂପାଦକୀୟ

**ଶ୍ରୀ**ମନ୍ନାରାୟଣ ଭଗବାନ ଠାକୁରଙ୍କର ନାମ ତଥା ପ୍ରଦତ୍ତ ବୀଜମନ୍ତ୍ରର ଗୌରବ, ମହିମା ଓ ମହତ୍ତ୍ୱ ଗାନରେ କୌଣସି ବାହୁଲ୍ୟ, ଅତିରଂଜନ ବା ଅଯଥା ଗୁରୁତ୍ୱାରୋପର ପ୍ରଶ୍ନହିଁ ନାହିଁ । ଏହା ଆମର ପ୍ରତ୍ୟକ୍ଷ ଅନୁଭୂତି ଏବଂ ଏହି ଅନୁଭୂତିର ଭିତ୍ତିଭୂମିରେ ଆମର ବିଶ୍ୱାସ ମଧ୍ୟ ଦୃଢ଼ ଓ ଅଟଳ । ସଂସାରରେ ରହି ଜୀବନ ପଥରେ ଚଳୁଥିବା ଜୀବ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୋଇଥାଏ । ବିଭିନ୍ନ ପରିସ୍ଥିତିରେ ଭିନ୍ନ ଭିନ୍ନ ସମସ୍ୟାର ଘେରରେ ପଡ଼ିବା ସ୍ୱାଭାବିକ । ପୂର୍ବ ଜନ୍ମଜନ୍ମାନ୍ତରର ସଞ୍ଚିତ ଅସୁମାରି କର୍ମଫଳ ଭୋଗ ନିମନ୍ତେ ଜୀବ ମାତୃକଳା ଧରି ଧରାପୃଷ୍ଠରେ ଭୂମିଷ୍ଠ ହୁଏ । କର୍ମଫଳ ଭୋଗ ପର୍ଯ୍ୟାୟରେ ତ୍ରିତାପର ଉତ୍ତାପ ଜୀବକୁ ବ୍ୟସ୍ତବିବ୍ରତ, ଅସ୍ଥିର ଓ ଚଳମଳ କରିଦିଏ । ଅନେକ ସମୟରେ ଜୀବ ଏତେ ବେଶି ବିବ୍ରତ ଓ ଅସ୍ଥିର ହୋଇଯାଏ ଯେ ନିତ୍ୟଶାନ୍ତି, ପରମ ଆନନ୍ଦ ତ ଦୂରର କଥା ସ୍ଥୂଳ ଅନିତ୍ୟ ଇନ୍ଦ୍ରିୟଗ୍ରାହ୍ୟ ସୁଖ ପ୍ରତି ମଧ୍ୟ ବିମୁଖ ହୋଇଯାଏ । ସତରେ, ଜୀବର ଏହା ଏକପ୍ରକାର ଜୀବନ୍ମୃତ ଅବସ୍ଥା । ଜୀଇଁ ଥାଉଁ ଥାଉଁ ମୃତ୍ୟୁର ନାରକୀୟ ଯନ୍ତ୍ରଣା । ତଥାପି ଜୀବର ନିସ୍ତାର ନାହିଁ, ପଥ ଖୋଜି ସେ ପାଏନା । ପାଇଲେ ମଧ୍ୟ ପଥରେ ରହି ପାଦଚାଳି ଆଗେଇବାର ସାହସ ବା ଶକ୍ତି ମଧ୍ୟ ସେ ସଞ୍ଚୟ କରିବାକୁ ଅସମର୍ଥ ହୋଇଥାଏ । ଦୁର୍ଭାଗ୍ୟର ବୋଝ ବୋହି ହତଭାଗ୍ୟ ଜୀବ ଓ ଜୀବନକୁ ବ୍ୟର୍ଥ ମଣି ଧିକ୍କାର କରେ । ତଥାପି ଆଲୋକ ପ୍ରତି ଆକୃଷ୍ଟ ହୋଇପାରେ ନାହିଁ । ଏହାହିଁ ବିଧିର ବିଡ଼ମ୍ବନା !

କେବଳ ଠାକୁରଙ୍କ ନାମ ଓ ବୀଜମନ୍ତ୍ରରେ ଆନ୍ତରିକ ଆଗ୍ରହ ଜନିତ ଆନନ୍ଦଲାଭର ସୁଯୋଗ ଓ ସୁବିଧା ଯେଉଁମାନେ ପାଇଛନ୍ତି, ସେମାନେ ଏହି ଦିବ୍ୟସମ୍ପଦ ବ୍ୟତୀତ ଅନ୍ୟ କୌଣସି ଐଶ୍ୱର୍ଯ୍ୟର ପ୍ରାଚୁର୍ଯ୍ୟରେ କଦାଚନ ପ୍ରଲୋଭିତ ନୁହଁନ୍ତି । ସେମାନେ ସଂଗୋପନରେ ଏ ଦେହ ଏବଂ ଏ ଜଗତ ପ୍ରତି ଏକପ୍ରକାର ଉଦାସୀନ ମନୋଭାବ ପୋଷଣ କରି ନାମମନ୍ତ୍ରର ମାନସଜପରେ ମଗ୍ନ ରହି ଦିବ୍ୟ ଆନନ୍ଦ ଅମୃତ ପାନ କରନ୍ତି । ସକଳ ଅବସ୍ଥାରେ, ସକଳସ୍ଥାନରେ, ସକଳ ଘଟରେ ଠାକୁରଙ୍କର ପାଦପଦ୍ମର ପ୍ରତ୍ୟକ୍ଷ ଦର୍ଶନ କରି ତୃପ୍ତ ରହନ୍ତି । ପରମ ସନ୍ତୋଷରେ ଜୀବନଚର୍ଯ୍ୟା ପଥରେ ସାତ୍ତ୍ୱିକ ଭାବ ପୋଷଣ କରି ଆତ୍ମବିସ୍ମୃତ ହୋଇଯାଆନ୍ତି । ଆଧ୍ୟାତ୍ମିକ ଜୀବନର ଅନିର୍ବଚନୀୟ ଦିବ୍ୟାନୁଭୂତିରେ ବାରମ୍ବାର ପୁଲକିତ ହୁଅନ୍ତି । ଏ ରହସ୍ୟର ଉଦ୍‌ଘାଟନ ସମସ୍ତଙ୍କ ପାଖରେ ସବୁ ସମୟରେ ଅବଶ୍ୟ କରାଯାଇ ପାରେନା । ଅବିଶ୍ୱାସୀମାନଙ୍କ ଆଗରେ ଏକଥା କହିବା ପାଇଁ ତ ଶାସ୍ତ୍ର ନିଷେଧ ରହିଛି:

*''ଅଶ୍ରଦ୍ଧାନେ ବିମୁଖେଽପ୍ୟଶୃଣତି ଯଶ୍ଚୋପଦେଶଃ ଶିବନାମାପରାଧଃ ॥''*

- ଅର୍ଥାତ୍ ଅବିଶ୍ୱାସୀମାନଙ୍କୁ ବା/ଓ ନାମମନ୍ତ୍ରରେ ଅଶ୍ରଦ୍ଧ ବ୍ୟକ୍ତିମାନଙ୍କୁ ଏବଂ ଯେଉଁମାନେ ଏହା ଶୁଣିବାପାଇଁ ଆଗ୍ରହୀ ନୁହଁନ୍ତି, ସେମାନଙ୍କୁ ନାମମନ୍ତ୍ରର ମହିମା ମହତ୍ତ୍ୱ ଓ ଗୌରବର ଗାଥା ଶୁଣାଇବା ପବିତ୍ର ନାମମନ୍ତ୍ରଠାରେ ପାପ କରିବା ସଦୃଶ ଅଟେ । ତଥାପି, ନାମମନ୍ତ୍ର ବିରୁଦ୍ଧରେ କରିଥିବା ପାପର ପ୍ରାୟଶ୍ଚିତ ହିଁ ନାମମନ୍ତ୍ରର ମାନସଜପ ଦ୍ୱାରା ହୋଇଥାଏ । ନିରବଚ୍ଛିନ୍ନ ମାନସଜପାଭ୍ୟାସ ଦ୍ୱାରା ଆମର ସକଳ କାମନାବାସନାର ପରିସମାପ୍ତି ଘଟିଥାଏ । ଏ ସଂପର୍କରେ ପଦ୍ମପୁରାଣରେ ଉଲ୍ଲେଖ ଅଛି :

*''ନାମାପରାଧ ଯୁକ୍ତାନାଂ ନାମାନ୍ୟେବ ହରନ୍ତ୍ୟଧମ୍ ।*
*ଅବିଶ୍ରାନ୍ତ ପ୍ରଯୁକ୍ତାନି ତାନ୍ୟେବାର୍ଥକରାଣିଚ ।।''*

ଶତସହସ୍ର ଜାଗତିକ ମାୟାକର୍ଷଣ ଓ ବିଷୟ ପ୍ରଲୋଭନର ବାଧାବନ୍ଧ ସତ୍ତ୍ୱେ ନାମମନ୍ତ୍ରର ଅମୂଲ୍ୟ ମୂଲ୍ୟ ହୃଦୟଙ୍ଗମ କରିଥିବା ବ୍ୟକ୍ତି କଦାଚ କସ୍ମିନ୍‌କାଳେ ନାମମନ୍ତ୍ରର ପ୍ରତିବଦଳରେ ଐହିକ ଅନିତ୍ୟ ଭୋଗ ଐଶ୍ୱର୍ଯ୍ୟ ପ୍ରତି ଆକୃଷ୍ଟ ହୁଏ ନାହିଁ କିମ୍ବା ଅନିତ୍ୟ ସ୍ୱଳ୍ପସୁଖରେ ଲାଳସା ରଖେ ନାହିଁ । ଈଶ୍ୱର ଉପଲବ୍ଧିର ସର୍ବଶ୍ରେଷ୍ଠ ମାଧ୍ୟମହିଁ ନାମମନ୍ତ୍ରରେ ଆନ୍ତରିକ ଶ୍ରଦ୍ଧା ସହ ନିରବଚ୍ଛିନ୍ନ ମାନସଜପ । ନାମମନ୍ତ୍ରର ତ୍ରିବିଧ ଜପ ମଧ୍ୟରୁ ମାନସଜପହିଁ ଶ୍ରେଷ୍ଠତମ ଜପ ଓ ଏହାଦ୍ୱାରା ନାମମନ୍ତ୍ର ଅନ୍ତଃସ୍ଥଳରେ ଠୁଳ ହୋଇ ଅନ୍ତର୍ମୁଖୀ ହୁଏ । ଭଗବାନ ମନୁ କହନ୍ତି :

*''ବିଧିଯଜ୍ଞାଜ୍ଜପଯଜ୍ଞୋ ବିଶିଷ୍ଟୋ ଦଶଭିର୍ଗୁଣୈଃ ।*
*ଉପାଂଶୁ ସ୍ୟାଚ୍ଛତଗୁଣଃ ସାହସ୍ରୋ ମାନସଃ ସ୍ମୃତଃ ।।''*

- ଶାସ୍ତ୍ରମତାନୁସାରେ ଯାଗଯଜ୍ଞାଦି ଅନୁଷ୍ଠାନ ଅପେକ୍ଷା ସାଧାରଣ ଜପ ଦଶଗୁଣ ମଙ୍ଗଳକର, ଉପାଂଶୁ ଜପ ଶହେଗୁଣ ଏବଂ ମାନସଜପ ହଜାରେ ଗୁଣ ମଙ୍ଗଳକର ଅଟେ । ସାଧାରଣ ଜପରେ ଜୀବ ମନ୍ତ୍ର ଉଚ୍ଚାରଣ କରେ । ଉପାଂଶୁ ଜପରେ ତାହା ଉଚ୍ଚାରିତ ନ ହେଲେ ମଧ୍ୟ ଜିହ୍ୱା ଓ ଓଠ ହଲେ ବା ଥରେ । ମାତ୍ର ମାନସ ଜପରେ ଜିହ୍ୱା, ଓଠ ସ୍ଥିର ରଖାଯାଏ, ଉଚ୍ଚାରଣ ତ ଆଦୌ କରାଯାଏ ନାହିଁ । ନିଃଶ୍ୱାସପ୍ରଶ୍ୱାସର ତାଳେତାଳେ ଜପ ଚାଲେ । ଏହାଦ୍ୱାରା ମନ୍ତ୍ରଜପ ଅନ୍ତର୍ମୁଖୀ ହୋଇ ଅନ୍ତଃକରଣରେ ସୂକ୍ଷ୍ମବୀଜ ସ୍ୱରୂପ ଠୁଳ ହୋଇ ରହେ । ମନ ନିଶ୍ଚଳ ଏବଂ ସ୍ଥିର ରହେ । ଶରୀର ଭାବନା, ବିଷୟାବନ୍ଧନ, ସଂସାର ଯାତ୍ରା ପଥ କ୍ରମଶଃ ଦୂରେଇ ଯାଇ ସାଧକକୁ ଏକ ଦିବ୍ୟ ଅନୁଭୂତି ପ୍ରଦାନ କରେ ।

ବହୁଭାବରେ ବୀଜମନ୍ତ୍ରର ମାନସଜପ ପ୍ରାଣୀକୁ ରକ୍ଷାକରେ । ବିଶେଷତଃ ବାହ୍ୟ ଓ ଅନ୍ତଃକରଣର ଶୁଚି ନିମନ୍ତେ ପ୍ରଭୁଙ୍କର ପବିତ୍ର ନାମଜପ ବିଶେଷ ଭାବରେ ଉପଯୋଗୀ । ବୈଦିକ ମନ୍ତ୍ର ଏ ସମ୍ବନ୍ଧରେ ପ୍ରଶସ୍ତି ଉଚ୍ଚାରଣ କରି ଗାନ କରେ:

*''ଅପବିତ୍ରଃ ପବିତ୍ରୋ ବା ସର୍ବାବସ୍ଥାଂ ଗତୋଽପି ବା ।*
*ଯଃ ସ୍ମରେତ୍ ପୁଣ୍ଡରୀକାକ୍ଷଂ ସ ବାହ୍ୟାଭ୍ୟନ୍ତରଃ ଶୁଚିଃ ।।''*

ଅର୍ଥାତ୍ : ଯେ କୌଣସି ବ୍ୟକ୍ତି ଯେପରି ଅବସ୍ଥାରେ ଥାଉ ନା କାହିଁକି ସେ କମଳଲୋଚନ ଭଗବାନ ଠାକୁରଙ୍କର ପୁଣ୍ୟ ନାମ ସ୍ମରଣ କରି ମାନସ ଜପ କଲେ ହିଁ ଅନ୍ତର ବାହାର ସର୍ବତ୍ର ପବିତ୍ର ହୁଏ ।

'କଳି ସନ୍ତରଣୋପନିଷଦ୍' ଜପର ସଂପୂର୍ଣ୍ଣ ବିଧିବିଧାନ ଓ ଜପର ଫଳ ବିଷୟରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରନ୍ତି । **ଦ୍ୱାପର ଯୁଗର** ଅନ୍ତେ ଦେବର୍ଷି ନାରଦ ତାଙ୍କର ବିଶ୍ୱବ୍ରହ୍ମାଣ୍ଡ ଭ୍ରମଣ ଶେଷରେ ବ୍ରହ୍ମାଙ୍କୁ ସାକ୍ଷାତ କରି ପ୍ରଶ୍ନ କଲେ: **ହେ ମହାତ୍ମା,** ମୁଁ କଳିଯୁଗରେ କିପରି ମାୟା ସାଗରରୁ ତରିଯିବି, ତାହାର ଉପାୟ ମୋତେ ବତାଇ ଦିଅନ୍ତୁ । **ବ୍ରହ୍ମା ସ୍ମିତ ହସି** ଉତ୍ତର ଦେଲେ ଦେବର୍ଷି, ତୁମେ ସୁନ୍ଦର ପ୍ରଶ୍ନଟିଏ ପଚାରିଲ । କଳିଯୁଗରେ ମାୟା ସମୁଦ୍ରରୁ ତରିବାର **ଉପାୟ ଉପନିଷଦ୍‌ର** ଗୂଢ଼ତମ ଗୁପ୍ତ ରହସ୍ୟାନୁସାରେ ଶ୍ରବଣ କର । କଳିଯୁଗରେ ଜୀବ କଳିର ମାୟାବନ୍ଧନରୁ **ମୁକ୍ତି ପାଇବାର ଉପାୟ** ମଧ୍ୟ ରହିଛି । ତାହା ହେଉଛି କେବଳ ପରମ ପରାତ୍ପର ପରମେଶ୍ୱର ଶ୍ରୀନାରାୟଣଙ୍କର ପୁଣ୍ୟନାମ **ଭଜନ, କୀର୍ତ୍ତନ, ମନନ** କଲେ ହିଁ କଳିପାଶରୁ କଳି ଉପହର ଜୀବ ରକ୍ଷା ପାଇବ । ଏହା ଶୁଣି ନାରଦ ପୁଣି ପ୍ରଶ୍ନ **କଲେ: ହେ ପ୍ରଭୁ,** ସେ ପୁଣ୍ୟନାମ କ'ଣ ତାହା ମୋତେ ଜଣାଇ ଦିଅନ୍ତୁ । ହିରଣ୍ୟଗର୍ଭ ବ୍ରହ୍ମା ପ୍ରୀତ ହୋଇ ନିମ୍ନସୂତ୍ର **ଉଚ୍ଚାରଣ କଲେ:**

*''ହରେ ରାମ ହରେ ରାମ ରାମ ରାମ ହରେ ହରେ ।*
*ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।''*

ଭଗବାନ ଶ୍ରୀମନ୍ନାରାୟଣଙ୍କର ଏହି ଷୋଳ ଗୋଟି ପୁଣ୍ୟନାମ କଳିର ସକଳ କଳୁଷ ଧୋଇ ଦେଇ ଜୀବକୁ ପୂତ ପବିତ୍ର କରିଦିଏ । ଏହାଠାରୁ ଅଧିକ କାର୍ଯ୍ୟକ୍ଷମ ଉପାୟ ସକଳ ବେଦବେଦାନ୍ତରେ ମଧ୍ୟ ନାହିଁ । ଏହି ମହାନାମର ମାନସଜପ ଦ୍ୱାରା କଳିହତ ଜୀବର ସକଳ ଅଜ୍ଞାନତା (ଅବିଦ୍ୟା)ର ଆବରଣ ଛିନ୍ନ ହୁଏ । ଏହି ମହାମନ୍ତ୍ରର ଯଥାର୍ଥ ଭଜନ, କୀର୍ତ୍ତନ, ମନନ ଓ ଜପ ଦ୍ୱାରା ଜୀବ କ୍ରମଶଃ ଚାରିପ୍ରକାର ମୁକ୍ତି ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରକାର ମୁକ୍ତି ବା ତତୋଧିକ ପ୍ରକାର ମୁକ୍ତି ଅବଶ୍ୟ ଲାଭ କରିପାରେ । ସେହି ଚାରିପ୍ରକାର ମୁକ୍ତିର ସ୍ୱରୂପ ହେଉଛି (୧) ସଲୋକତା (ଭଗବାନଙ୍କ ଲୋକରେ ବସତି), (୨) ସମୀପତା (ଭଗବାନଙ୍କର ନିକଟବର୍ତ୍ତୀ ହେବା), (୩) ସ୍ୱରୂପତା (ଭଗବାନଙ୍କର ସ୍ୱରୂପ ଲାଭ), (୪) ସାଯୁଜ୍ୟତା (ଭଗବାନଙ୍କ ସହିତ ଏକାତ୍ମ ହେବା) । ଭଗବାନଙ୍କର ଏହି ଷୋଳନାମ ବିଶିଷ୍ଟ ମନ୍ତ୍ର ଯେଉଁ ଜୀବ ତା'ର ଜୀବନକାଳ ମଧ୍ୟରେ ସାଢ଼େ ତିନିକୋଟି ଥର ଉଚ୍ଚାରଣ ବା ମାନସଜପ କରିପାରେ, ସେ ସବୁପ୍ରକାର ଏପରିକି ବ୍ରହ୍ମହତ୍ୟା, ନାରୀହତ୍ୟା, ଶିଶୁହତ୍ୟା, ଭ୍ରୁଣହତ୍ୟା, ବ୍ରାହ୍ମଣହତ୍ୟାଦି ପାପକଳୁଷରୁ ମୁକ୍ତିପାଇ ଭଗବାନଙ୍କର ସଙ୍ଗଲାଭ କରିପାରେ ।

ଚନ୍ଦ୍ର ଏକ, ମାତ୍ର ଚନ୍ଦ୍ରିକା ଅନେକ । ସେହିପରି ଭଗବାନଙ୍କର ତିନିନାମ ଏହି ମନ୍ତ୍ରରେ ଷୋଳ ନାମରେ ପ୍ରତିଭାତ । ସେହି ତିନିନାମ-ହରି, ରାମ ଏବଂ କୃଷ୍ଣ । ସତ୍ୟରେ ହରି, ତ୍ରେତୟାରେ ରାମ ଏବଂ ଦ୍ୱାପରରେ କୃଷ୍ଣ । ବ୍ରହ୍ମା କଳିର 'କେଶବ'ଙ୍କ ନାମ ଏଠାରେ ପ୍ରକାଶ କରିନାହାନ୍ତି । ନାରଦ ମଧ୍ୟ ସେ ସଂପର୍କରେ ପ୍ରଶ୍ନ କରିନାହାନ୍ତି । ମହାପ୍ରଭୁ ମହାମାୟା ବଳରେ କଳିରେ ଆପଣଙ୍କୁ ସଂଗୋପନରେ ରଖିଛନ୍ତି । ମାତ୍ର 'କେଶବ' ଏକାଧାରରେ ହରି, ରାମ ଓ କୃଷ୍ଣଙ୍କର ସକଳ କଳା ଓ ନାମ ମହତ୍ତ୍ୱ ନିଜଠି ଲୁଚାଇ ରଖି ପାରିଛନ୍ତି । ଏ ଗୋପନ ରହସ୍ୟ ଭେଦ କିଏ ବା କରିପାରିଛି ? ଯିଏ କରିଛନ୍ତି, ସେ ବା କାହିଁକି ଏହା ସର୍ବଜନ ବିଦିତ କରିବା ପାଇଁ ପ୍ରଘଟ କରିଯିବେ ? ମହାପ୍ରଭୁଙ୍କର ଆଜ୍ଞା, ଆଦେଶ ବିନା ନିଜର ଆତ୍ମବଡ଼ିମା ପ୍ରକାଶ କରିବାର ଆବଶ୍ୟକତା ବା କ'ଣ ??

ଦ୍ରବଣରେ ସକଳ ଦ୍ରବ୍ୟ ଲୁକ୍କାୟିତ ଥିବା ଭଳି 'କେଶବ'ରେ ହରି, ରାମ, କୃଷ୍ଣ ଏକାଧାରରେ ଦ୍ରବୀଭୂତ ହୋଇ ଗୋପନରେ କ୍ରିୟାଶୀଳ ଅଟନ୍ତି । ହରିର ଅର୍ଥ- ଯେ ଯୋଗୀମାନଙ୍କର ହୃଦୟକୁ ହରଣ କରନ୍ତି । 'ହରତି ଯୋଗିଚେତାଂସି ଇତି ହରିଃ ।''

*'ହରିର୍ହରତି ପାପାନି ଦୁଷ୍ଟଚିତ୍ତୈରପି ସ୍ମୃତଃ ।*

*ଅନିଚ୍ଛୟାପି ସଂସ୍ପୃଷ୍ଟୋ ଦହତ୍ୟେବ ହି ପାବକଃ ।''* -ଦୁଷ୍ଟ ଚିତ୍ତ ମାନବ ମଧ୍ୟ ହରିନାମ ଗାନ କଲେ, ହରି ତାହାର ସକଳପାପ ହରଣ କରନ୍ତି, ଯେପରି ଅନିଚ୍ଛା ସତ୍ତ୍ୱେ ଅଗ୍ନିକୁ ସ୍ପର୍ଶକଲେ ମଧ୍ୟ ଅଗ୍ନି ସକଳ ଦ୍ରବ୍ୟକୁ ଭସ୍ମୀଭୂତ କରେ । ରାମର ଅର୍ଥ- ଯୋଗୀ ଯାହାଙ୍କୁ ଦର୍ଶନ କରି ଆନନ୍ଦ ଲାଭ କରନ୍ତି । 'ରମନ୍ତେ ଯୋଗିନୋଽସ୍ମିନ୍ ଇତି ରାମଃ' । ରାମର ଅର୍ଥ ପରଂବ୍ରହ୍ମ, ଅନନ୍ତ ଚେତନାର ଉତ୍ସ ଏବଂ ଶାଶ୍ୱତ ଆଶୀର୍ବାଦ ପ୍ରଦାନକାରୀ ଯାହାଙ୍କଠାରୁ ଯୋଗୀମାନେ ଚିରନ୍ତନ ସନାତନ ନିତ୍ୟ ଆନନ୍ଦ ଲାଭ କରନ୍ତି । ସେହିପରି କୃଷ୍ଣର ଅର୍ଥ- ଯେ ଯୋଗୀମାନଙ୍କର ହୃଦୟ ଆକର୍ଷଣ କରନ୍ତି । 'କର୍ଷତି ଯୋଗିନୋ ମନାଂସି ଇତି କୃଷ୍ଣଃ ।' କୃଷ୍ଣ ଶବ୍ଦର ଅନ୍ୟ ଅର୍ଥଟି ନିମ୍ନ ଶ୍ଲୋକରୁ ସ୍ପଷ୍ଟତଃ ବୁଝାପଡ଼େ-

*'କୃଷିର୍ଭୂବାଚକଃ ଶବ୍ଦୋ ଣଶ୍ଚ ନିର୍ବୃତିବାଚକଃ ।*

*ତୟୋରୈକ୍ୟଂ ପରଂ ବ୍ରହ୍ମ କୃଷ୍ଣ ଇତ୍ୟଭିଧୀୟତେ ।।'*- କୃଷ୍ଣ ଅର୍ଥ ସ୍ଥିତି, ଣ ଅର୍ଥ ଆଶୀର୍ବାଦ, ତେଣୁ, କୃଷ୍ଣର ଅର୍ଥ ପରଂବ୍ରହ୍ମ, ଯାହାଙ୍କଠାରେ ନିତ୍ୟସ୍ଥିତି ଏବଂ ସତ୍ୟ କଲ୍ୟାଣର ଧାରା ଏକତ୍ର ଠୁଳ ହୋଇ ରହିଅଛି ।

କିମଧିକମ୍ ! ଶ୍ରୀକେଶବ ସମର୍ପଣମସ୍ତୁ !! ବିନୀତ, କେଶବ ଦାସ ବୃନ୍ଦାବନ ।।

- ସଂପାଦକ, ''ଚରମ''

# 'ଚରମ' ର ଚିନ୍ତନ : ଏ ପାଖୁଡ଼ାରେ

## କ୍ରୋଧ

କାମ, କ୍ରୋଧ ଏବଂ ଲୋଭ- ଏହି ତିନୋଟି ମନୁଷ୍ୟର ପରମ ଶତ୍ରୁ । ଏହି ତିନି ରିପୁ ନରକର ଦ୍ୱାର । ଅନ୍ୟ ତିନିରିପୁ-ମୋହ, ମଦ, ମାତ୍ସର୍ଯ୍ୟ-ଯଥାକ୍ରମେ କାମ, କ୍ରୋଧ ଏବଂ ଲୋଭରୁ ହିଁ ସୃଷ୍ଟି ହୋଇଥାଏ । ତେଣୁ, ପ୍ରଥମ ତିନୋଟିକୁ ଜୟ କରି ପାରିଲେ, ଶେଷ ତିନୋଟିକୁ ସହଜରେ ବଶ କରିହେବ । ପ୍ରଥମ ତିନିରୂପ ମଧ୍ୟରୁ କାମ ଦୁର୍ଜୟ । ସୁର (ଦେବତା), ନର (ମନୁଷ୍ୟ), ଅସୁର (ରାକ୍ଷସ) ସମସ୍ତଙ୍କୁ ଦୁର୍ଜୟ କାମ ପଶୁରେ ପରିଣତ କରିପାରେ । କାମାତୁର ଲୋକ ପଶୁଠାରୁ ମଧ୍ୟ ଅଧମ । କାମ ମୋହିତ ହେଲେ ଗୁରୁଲଘୁ, ମନୁଷ୍ୟ ପଶୁ, ମାତାଭଗ୍ନୀ, କନ୍ୟା ଇତ୍ୟାଦି ହିତାହିତ ଜ୍ଞାନ ରହେ ନାହିଁ । କାମ ଯେଉଁଠି ମୋହ ମଧ୍ୟ ସେଇଠି । ଉଭୟେ, ଯୋଡ଼ିଯାଇଁକି ହୋଇ ମନୁଷ୍ୟର ଇହ ଓ ପରକାଳର ସର୍ବନାଶ କରିଥାଆନ୍ତି । କାମପରେ ମନୁଷ୍ୟର ଦ୍ୱିତୀୟ ରିପୁ (ଶତ୍ରୁ) କ୍ରୋଧ । କ୍ରୋଧ ଅତି ପ୍ରଚଣ୍ଡ, ଅତି ଦୁର୍ଦ୍ଦାନ୍ତ, ଅତି ଦୁର୍ଜ୍ଜୟ । କ୍ରୋଧକୁ ଜୟ କରି ବଶ କରି ବଶରେ ଆଣିବା ଅତ୍ୟନ୍ତ କଷ୍ଟକର । କ୍ରୋଧ ଏବଂ ମଦ ଏକତ୍ର ହୋଇ ମନୁଷ୍ୟକୁ ଚଣ୍ଡାଳରେ ପରିଣତ କରିଦିଅନ୍ତି । କ୍ରୋଧର ଲୀଳାସଙ୍ଗିନୀ ହିଂସା । କ୍ରୋଧ ମଦୋନ୍ମତ୍ତ ହିଂସ୍ରକ ମନୁଷ୍ୟ ଏ ସଂସାରରେ କ'ଣ ନ କରିପାରେ, ଏପରି କାର୍ଯ୍ୟ ନାହିଁ । କ୍ରୋଧର ଉଦୟ ହେବା ସଙ୍ଗେ ସଙ୍ଗେ ମଦ (ଗର୍ବ, ଉନ୍ମାଦତା) ଏବଂ ହିଂସା ପ୍ରବୃତ୍ତି ଜାଗିଉଠେ । କ୍ରୋଧ ସହିତ ହିଂସା, ଦ୍ୱେଷ, ଈର୍ଷା, ପରଶ୍ରୀକାତରତା ଆଦି ସକଳ ଆସୁରିକ ଓ ତାମସିକ ଭାବରାଜି ପ୍ରକାଶମାନ ହୋଇ ଜୀବ ଓ ଜୀବଜଗତରେ ଅନିଷ୍ଟ ସାଧନ ହିଁ କରିଥାଏ । ବାକ୍ୟହିଂସା, ମାନସହିଂସା ଓ କର୍ମ ହିଂସା ଦ୍ୱାରା ଏ ସଂସାରରେ ଦଙ୍ଗାହଙ୍ଗାମା, ନରହତ୍ୟା, ରକ୍ତପାତ ଆଦି ସଂଘଟିତ ହୁଏ, ହେଉଛି । ବିବିଧ ହିଂସାର ମୂଳ କାରଣ ହିଁ କ୍ରୋଧ । କ୍ରୋଧକୁ ଜୟ କରାଯାଇପାରିଲେ, ମଦ ଏବଂ ହିଂସାକୁ ମଧ୍ୟ ବଶୀଭୂତ କରାଯାଇପାରେ, ପାରିବ ।

ଆଧ୍ୟାତ୍ମିକ ଜଗତରେ ପ୍ରବେଶ କରିବା ପାଇଁ ବୀରତ୍ୱ ହିଁ ପାଥେୟ । ଏ ଜଗତରେ ଭୀରୁ କଦାପି ପ୍ରବେଶ କରି ପାରିନାହିଁ, ପାରେ ନାହିଁ । ବୀର ଶତ୍ରୁଜୟ କରେ, ଶତ୍ରୁମାନଙ୍କୁ ବଶୀଭୂତ କରେ । ଆଧ୍ୟାତ୍ମିକ ଜଗତରେ ପ୍ରବେଶ ପୂର୍ବରୁ ଷଡ଼ରିପୁ (ଛଅଗୋଟି ଶତ୍ରୁ) ପଥ ଓଗାଳି ଥାନ୍ତି । ସେମାନେ ହେଲେ- କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ । ତୁମେ ତୁମର ବୀରତ୍ୱ ଦ୍ୱାରା ଏହି ଛଅଗୋଟି ଶତ୍ରୁଙ୍କୁ ଜୟ କରି ବଶୀଭୂତ ନ କଲେ, ଆଧ୍ୟାତ୍ମିକ ଜଗତରେ ପ୍ରବେଶ କରିପାରିବ କିପରି ? ତୁମେ ତୁମ ବୀରତ୍ୱ ବଳରେ ଏହି ଛଅଗୋଟି ଶତ୍ରୁର ବଶୀଭୂତ ହୋଇ ନିଜ ନିଜର ଆଧ୍ୟାତ୍ମିକ ଉନ୍ନୟନ ପରିବର୍ତ୍ତେ ଆପଣାର ଅଧଃପତନ ଆପଣା ଆପେ ଡାକି ଆଣୁଛ । ନୁହେଁ କି ? ତେଣୁ ତୁମକୁ ବୀର କୁହାଯିବ ନା ଭୀରୁ କୁହାଯିବ ତାହା ତୁମେ ନିଜେ ହିଁ ନିର୍ଣ୍ଣୟ କର ।

ବିଜ୍ଞମାନଙ୍କ ମତାନୁସାରେ ମଣିଷ ଯେତେବେଳେ ନିଜକୁ ଅସହାୟ ମନେକରେ, ସେତେବେଳେ ତା'ଠାରେ କ୍ରୋଧ ଜନ୍ମନିଏ । କ୍ରୋଧ ଅସହାୟତାର ଲକ୍ଷଣ । କେତେକଙ୍କ ମତାନୁସାରେ ଅଜ୍ଞତା ମଧ୍ୟରୁ କ୍ରୋଧର ଉତ୍ପତ୍ତି । ପିଥାଗୋରସ୍ କହନ୍ତି: କ୍ରୋଧ ଆରମ୍ଭ ହୁଏ ନିର୍ବୋଧତାରୁ ଏବଂ ଶେଷ ହୁଏ ଅନୁତାପରେ । ଶ୍ରୀମଦ୍‌ଭାଗବଦ୍ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି:

''ଧ୍ୟାୟତେ ବିଷୟାଦ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।
ସଙ୍ଗାତ୍ ସଂଜାୟତେ କାମଃ କାମାଦ୍ କ୍ରୋଧୋଽଭିଜାୟତେ ॥

କ୍ରୋଧାଦ୍ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତି ବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ॥'' (ଦ୍ୱିତୀୟ ଅଧ୍ୟାୟ, ସାଂଖ୍ୟଯୋଗ, ଶ୍ଳୋକ ୬୨/୬୩)

- ବିଷୟଚିନ୍ତା କରୁ କରୁ ମନୁଷ୍ୟ ବିଷୟାସକ୍ତ ହୁଏ, ଆସକ୍ତିରୁ ବିଷୟ ପ୍ରାପ୍ତିର ଇଚ୍ଛା ଜନ୍ମେ, ଏହି ପ୍ରାପ୍ତିର ଇଚ୍ଛା ବା କାମନା ପ୍ରତିହତ ବା ବାଧାପ୍ରାପ୍ତ ହେଲେ, ତହିଁରୁ କ୍ରୋଧ ସୃଷ୍ଟି ହୁଏ । କ୍ରୋଧରୁ ବିବେକ ନାଶରୂପକ ମୋହର ଉତ୍ପତ୍ତି ହୁଏ, ମୋହରୁ ସ୍ମୃତି ବିଲୋପ ସାଧିତ ହୁଏ । ସ୍ମୃତିଭ୍ରଂଶ ଫଳରୁ ବୁଦ୍ଧିଭ୍ରଂଶ ହୁଏ, ବୁଦ୍ଧିବିବେକର ନାଶ ହେତୁ ପ୍ରାଣୀର ବିନାଶ ସଂଘଟିତ ହୁଏ । ଏ ସଂପର୍କରେ ପୂର୍ବାପର ସମ୍ବନ୍ଧ ସହ ପୁଙ୍ଖାନୁପୁଙ୍ଖ ଜ୍ଞାନ ନିମନ୍ତେ ଗୀତାର ଦ୍ୱିତୀୟ ଅଧ୍ୟାୟରୁ ଶ୍ଲୋକ ୫୪ (ଅର୍ଜ୍ଜୁନଙ୍କର ପ୍ରଶ୍ନ) ଠାରୁ ଶ୍ଲୋକ ୭୨ (ଭଗବାନଙ୍କର ଉତ୍ତର) ପଠନ ଓ ବିଶ୍ଳେଷଣ କରିବା ନିମନ୍ତେ ଆମର ପରାମର୍ଶ ।

ଆସକ୍ତିରୁ କାମ, କାମରୁ କ୍ରୋଧ, କ୍ରୋଧରୁ ମୋହ, ମୋହରୁ ସ୍ମୃତିନାଶ, ସ୍ମୃତିନାଶରୁ ବୁଦ୍ଧିନାଶ ଏବଂ ବୁଦ୍ଧିନାଶରୁ ପ୍ରାଣନାଶ ହୋଇଥାଏ । କାମପରି କ୍ରୋଧ ମନୁଷ୍ୟକୁ ପଶୁ ଓ ଚଣ୍ଡାଳରେ ପରିଣତ କରେ । କ୍ରୁଦ୍ଧ ହେଲେ ଲୋକ ହିତାହିତଜ୍ଞାନଶୂନ୍ୟ ଓ ଆତ୍ମଜ୍ଞାନ ଶୂନ୍ୟ ହୁଏ । ସେ ଅବସ୍ଥାରେ ସେ ଭୁଲିଯାଏ ଯେ ସେ କିଏ । କାମ ପ୍ରତିହତ ହେଲେ ହିଁ ଆସେ କ୍ରୋଧ । କାମ ଓ କ୍ରୋଧ ଉଭୟେ ରଜଗୁଣରୁ ଜାତ ହୋଇ ତମଗୁଣରେ କ୍ରିୟାଶୀଳ ହୁଅନ୍ତି । କାମ ଓ କ୍ରୋଧ ଉଭୟେ ମନୁଷ୍ୟର ଚରମ ଶତ୍ରୁ । ସାଧନପଥରେ ସାଧନକୁ ଗ୍ରାସ କରିବାପାଇଁ ଉଭୟେ ନାନା ବେଶ ଧରି ଆସି ସାଧକ ସମ୍ମୁଖରେ ଉପସ୍ଥିତ ହୁଅନ୍ତି । ତେବେ କ୍ରୋଧର କାରଣଠାରୁ ଦୂରରେ ରହିଲେ କ୍ରୋଧକୁ ସଂଯତ କରାଯାଇପାରେ, ମାତ୍ର କାମର କାରଣ ଠାରୁ ଦୂରରେ ରହିଲେ ମଧ୍ୟ କାମକୁ ଏତେ ସହଜରେ ସଂଯତ, ବଶୀଭୂତ, ଜୟ କରାଯାଇପାରେ ନାହିଁ । ଯେଉଁ ସାଧକ କାମକୁ ଜୟ କରିପାରନ୍ତି, ତାଙ୍କର କ୍ରୋଧ ବଶୀଭୂତ, ସଂଯତ । କେତେକ ଲକ୍ଷଣରୁ ବ୍ୟକ୍ତି କ୍ରୋଧୀ କି ନୁହେଁ, ତାହା ଅବଶ୍ୟ ଜଣାପଡ଼େ । ଏ ସବୁ ଲକ୍ଷଣ ପ୍ରକାଶ ପାଉ ନ ଥିଲେ, ବ୍ୟକ୍ତିର କ୍ରୋଧ କେବଳ ବାହ୍ୟରୂପ ଏବଂ ସେ ପ୍ରକୃତ ଅର୍ଥର କ୍ରୋଧୀ ନୁହଁନ୍ତି । କ୍ରୋଧୀବ୍ୟକ୍ତି ହିଂସ୍ରକ ହେବେ, ଅନ୍ୟମାନଙ୍କୁ ପ୍ରଚଣ୍ଡ ହିଂସା କରି ପ୍ରତିଶୋଧ ପରାୟଣ ହେବେ, କ୍ଷମାଶୀଳ ଆଦୌ ହୋଇପାରିବେ ନାହିଁ । ଅନ୍ୟମାନଙ୍କୁ ଆନ୍ତରିକ ସ୍ନେହ, ଶ୍ରଦ୍ଧା, ପ୍ରେମ, ମମତା ଦେଇ ପାରିବେ ନାହିଁ । ଦଙ୍ଗା, ହଙ୍ଗାମା, ନରହତ୍ୟା, ଜୀବହତ୍ୟା, ରକ୍ତପାତ ଆଦି ଅବଶ୍ୟ କରିବେ । କ୍ରୋଧ ଅବସ୍ଥାରେ ବ୍ୟକ୍ତିର ସୁନ୍ଦର ମୁଖମଣ୍ଡଳ ବିକୃତ ରୂପ ଧାରଣ କରେ, କରିବ । ତାଙ୍କର ଚକ୍ଷୁଲାଲ, ଭ୍ରୂକୁଞ୍ଚିତ, ସର୍ବାଙ୍ଗ ଉତ୍ତପ୍ତ, ଫଁ ଫଁ ନିଶ୍ୱାସ ତ୍ୟାଗ, ଅଧର ସ୍ଫୁରିତ (ଦୁଇଓଠ ଥରିଉଠିବା) ଆଦି ବାହ୍ୟ ଲକ୍ଷଣରୁ ତାଙ୍କର ଅନ୍ତଃସ୍ଥଳରେ କ୍ରୋଧ ପ୍ରକାଶ ପାଇବ । କ୍ରୋଧ ସମୟରେ ମନୁଷ୍ୟର ପ୍ରକୃତ ରୂପ ଯେଉଁ ବିକୃତ ରୂପ ଧାରଣ କରେ, କୁତ୍ସିତ କଦାକାର ଦେଖାଯାଏ, ଅନ୍ୟ କୌଣସି ରିପୁ ଦ୍ୱାରା ସେ ସେହିଭଳି ବିକୃତ/କୁତ୍ସିତ ରୂପ ଧାରଣ କରେ ନାହିଁ । କ୍ରୋଧ ଉତ୍ପନ୍ନ ହେବା ମାତ୍ରେ ହିଁ ବ୍ୟକ୍ତିର ସର୍ବାଙ୍ଗରେ ପରିବର୍ତ୍ତନ ଦୃଶ୍ୟମାନ ହୁଏ । ଏହି ପରିବର୍ତ୍ତନ ଯେଉଁମାନେ ତା' ନିକଟରେ ଥାଆନ୍ତି, ସେମାନେ ସ୍ପଷ୍ଟ ଦେଖିପାରନ୍ତି । କ୍ରୋଧର ଉତ୍ତେଜନା କ୍ରୋଧ ପରେ ମଧ୍ୟ କିଛି ସମୟ ପାଇଁ ବ୍ୟକ୍ତିଠାରେ ବିଦ୍ୟମାନ ଥାଏ । ଅତିକ୍ରୋଧର ଉତ୍ତେଜନାରେ କେତେକ ଲୋକ ମୃତ୍ୟୁବରଣ ମଧ୍ୟ କରିଥିବାର ନଜିର୍ ରହିଛି । ଏହି ସବୁ ଲକ୍ଷଣ ବିଲକ୍ଷଣରୁ ବ୍ୟକ୍ତି ପ୍ରକୃତ ଅର୍ଥରେ କ୍ରୋଧର ବଶୀଭୂତ କି ନୁହେଁ, ତାହା ଜଣାପଡ଼ିଥାଏ । କହିବା ବାହୁଲ୍ୟ ଯେ, କାମର ଉତ୍ତେଜନାରେ ମନୁଷ୍ୟ ମରେ ନାହିଁ । ସେହିପରି କାମଭାବର ଉତ୍ତେଜନାରେ ମନୁଷ୍ୟର ମୁଖମଣ୍ଡଳ ବିକୃତ ହୁଏ ନାହିଁ । ବରଂ ଅଧିକ ସୁନ୍ଦର, ମନୋଜ୍ଞ ବୋଧ ହୁଏ । ମୁଖମଣ୍ଡଳ ଗୋଲାପି ଆଭା (ବର୍ଣ୍ଣ) ଧାରଣ କରେ, ଚକ୍ଷୁ ଈଷତ୍ ଲାଲ, ଓଠ ମଧ୍ୟ ଲାଲ୍ ଦେଖାଯାଏ । ଏହିପରି କେତେକ ଲକ୍ଷଣରୁ କାମଭାବାପନ୍ନ ବ୍ୟକ୍ତିଙ୍କୁ ଚିହ୍ନି ହୁଏ ।

ତୁଳନାତ୍ମକ ଭାବରେ ବିଚାର କଲେ, କେତେକ କ୍ଷେତ୍ରରେ କାମ କ୍ରୋଧଠାରୁ ଭୟଙ୍କର ତ ଅନ୍ୟ କେତେକ କ୍ଷେତ୍ରରେ କ୍ରୋଧ କାମ ଠାରୁ ଭୀଷଣତର । କ୍ରୋଧକୁ ଯେଉଁ ପ୍ରାଣୀ ଜୟ କରିପାରିନାହାନ୍ତି, ତାଙ୍କର ଜପ, ତପ, ଧ୍ୟାନ, ଧାରଣା, ସାଧନ, ଭଜନ ସବୁକିଛି ନିଷ୍ଫଳ । ସନ୍ଥ କାଶୀରାମ ଦାସ ଏ ସଂପର୍କରେ କହନ୍ତି :

''କ୍ରୋଧେ ପାପ କ୍ରୋଧେ ତାପ କ୍ରୋଧେ କୁଳକ୍ଷୟ ।
କ୍ରୋଧେ ସର୍ବନାଶ ହୁଏ କ୍ରୋଧେ ଅପଚୟ ।।
ଜପତପ ସନ୍ନ୍ୟାସ କ୍ରୋଧୀର ଅକାରଣ ।
ରଜୋଗୁଣେ କ୍ରୋଧେ ବିଧି କରିଲା ସୃଜନ ।।

ମନରେ କ୍ରୋଧ ଥିବା ପର୍ଯ୍ୟନ୍ତ ସାଧକର ଜପ, ତପ, ସାଧନ, ଭଜନ, ପୂଜା, ଅର୍ଚ୍ଚନା ଇତ୍ୟାଦି କୌଣସିଥିରେ କିଛି ଫଳ ନ ଥାଏ । ସବୁ ନିଷ୍ଫଳ ହୋଇଯାଏ । ଯେଉଁମାନଙ୍କ ଜୀବନ ସାର୍ଥକ ଏବଂ ଯାହାର ଜୀବନରେ ସଫଳତା ଆସିଛି, ତାହାର କାରଣ ଓ ବିଶେଷତ୍ୱ ସମ୍ବନ୍ଧରେ ଅନୁଶୀଳନ କଲେ ଜାଣିବ ଯେ ସେମାନେ ମିଷ୍ଟଭାଷୀ, କ୍ରୋଧ-ରହିତ ଏବଂ ଅଫୁରନ୍ତ ପ୍ରେମିକ । ତେଣୁ, ସଫଳତା ତାଙ୍କର ଚରଣ ଛୁଇଁଛି । ମନେରଖ, କ୍ରୋଧ ଏବଂ ସଫଳତା ଉଭୟେ ବିପରୀତ ଦିଗଗାମୀ ଅଟନ୍ତି । ତେଣୁ କ୍ରୋଧୀ ଠାରୁ ସଫଳତା ସବୁକ୍ଷେତ୍ରରେ ସବୁସମୟରେ ଅନେକ ଦୂରରେ ରହେ । ଅସଫଳତା ହେତୁ ବ୍ୟକ୍ତି ଅସହାୟ ହୋଇପଡ଼େ, ନିରାଶ ହୋଇ ଭୟଙ୍କର କ୍ରୋଧ ପ୍ରକାଶ କରେ, ଅନ୍ତିମରେ ମହାବ୍ୟର୍ଥତା ଓ ହତାଶା ମଧ୍ୟରେ ବାକିତକ ଜୀବନ ବିତାଇ ଅସଫଳ ଜୀବନକୁ ମୃତ୍ୟୁ ହାତରେ ଉପହାର ସ୍ୱରୂପ ଟେକିଦିଏ । ଏହି ସଂସ୍କାର ଧରି ସେ ପରବର୍ତ୍ତୀ ଜନ୍ମ ଓ ଓ ଜୀବନରେ ମଧ୍ୟ ଭୟଙ୍କର କ୍ରୋଧର ଶିକାର ହୁଏ । ଏ କାଳଚକ୍ରରୁ ତା'ର କସ୍ମିନ୍‌କାଳେ ନିସ୍ତାର ନ ଥାଏ, ଯେ ପର୍ଯ୍ୟନ୍ତ ସେ କ୍ରୋଧ ଜୟ ନ କରିପାରିଛି । କ୍ରୋଧଶୂନ୍ୟ ନ ହେଲେ, ତୁମେ କେବେହେଲେ ପ୍ରକୃତ ସାଧକ ପଦବାଚ୍ୟ ହୋଇ ପାରିବ ନାହିଁ କି ଆତ୍ମୋନ୍ନୟନ ମଧ୍ୟ କରି ପାରିବ ନାହିଁ । କାରଣ, ତୁମେ ବୀରପରି କ୍ରୋଧରୂପକ ଶତ୍ରୁକୁ ଜୟ କରିନାହଁ, ବରଂ ଭୀରୁପରି ସେହି ଭୟଙ୍କର ଶତ୍ରୁର ଦାସ ସାଜିଅଛ ।

ବ୍ୟକ୍ତିଗତ କାମନାର ବାଧାରେ ଯେଉଁ କ୍ରୋଧ ସାଂସାରିକ କ୍ଷେତ୍ରରେ ବିଭ୍ରାଟ ଆଣେ ତାହା କ୍ଷତିକାରକ, ଏଥିରେ ହିଂସା, ଈର୍ଷା, ପରଶ୍ରୀକାତରତା ଯୁକ୍ତ ହୋଇଥାଏ । ଆଧ୍ୟାତ୍ମିକ କ୍ଷେତ୍ରରେ ପ୍ରଭୁଙ୍କର ମର୍ଯ୍ୟାଦାହାନି ହେବାଭଳି କୌଣସି କାର୍ଯ୍ୟ/ଭାବ/ଘଟଣା/ଅବସ୍ଥା ଉପୁଜିଲେ ଅନୁଗତ ଦାସର ଯେଉଁ କ୍ରୋଧଜାତ ହୁଏ, ତହିଁରେ ହିଂସା, ଈର୍ଷା, ପରଶ୍ରୀକାତରତା ନ ଥାଇ, ଥାଏ ଅଭିମାନଭରା ଆବେଦନ ସମ୍ବେଦନ/ଅନୁନୟ । ତେଣୁ, ଏହା ବିଭ୍ରାଟ ଆଣେ ନାହିଁ କିମ୍ବା ଜଗତର କ୍ଷତି କରେ ନାହିଁ । ପରନ୍ତୁ, ଏହା ଦ୍ୱାରା ଆଧ୍ୟାତ୍ମିକ ଉନ୍ନୟନର ପଥ ଉନ୍ମୋଚନ ହୋଇଥାଏ, ହୋଇଛି ।

ଏହି ସମସ୍ତ କାର୍ଯ୍ୟକାରଣ ଅନୁଶୀଳନରୁ କ୍ରୋଧ, କ୍ରୋଧୀର ସ୍ୱରୂପ ସମ୍ବନ୍ଧରେ ସ୍ଥୂଳ ଧାରଣା କରାଯାଇ ପାରେ ଏବଂ ପ୍ରକୃତ କ୍ରୋଧୀକୁ ଚିହ୍ନଟ ମଧ୍ୟ କରାଯାଇପାରେ । (କ୍ରମଶଃ)

# ଶ୍ରୀମନ୍ଦିର


**ବନ୍ଦେ ମହାପୁରୁଷ ! ତେ ଚରଣାର ବିନ୍ଦମ୍ !**

## ଅନାମରୁ ନାମ ଜନମ

ମହାପରଶ ଅଚ୍ୟତଙ୍କର ସଷ୍ଷସଷ୍ଠାର ସତରେ ଏକ ମହାଦମ । ଏହା ଶାଖା ପଶାଖା ବହମଖୀ । ଭାଷା ଓ ଭାବ ଅନ୍ତମଖୀ । ଅସଂଖ୍ୟ କ୍ଷଦକବତା ସଦ୍ଧପରଶ ଅଚ ୍ୟତାନନ୍ଦ ରଚନା କରାଯାଇଅଛନ୍ତ । ସେଥମଧ୍ୟର ମାତ କେତୋଟ ଲୋକଲୋଚନକ ଏ ଯାବତ୍ ଆସପାରଛ । ତନଧ୍ୟର ଗୋଟଏ ''ଚରମ''ର ମହ୍ୟାବତରଣ ବଶେଷାଙ୍କ ଷଷ୍ଠପଷ୍ଠ-ପଥମପାଖଡ଼ା, ଷଟ୍ବଂଶତତମ ସଂଖ୍ୟାରେ ପତଷ୍ଠ କରାଯାଇଛ । ରଚନାରେ ଷୋଡ଼ଶ ଶତାବ୍ଦୀର ଭାଷା ଓ ଶବ୍ଦବନ୍ୟାସ ଯେପର ଉପଭୋଗ୍ୟ, ଆଧ୍ୟାତ୍ମିକ ଚେତନା ତଦନରପ ମନୋଜ୍ଞ ଓ ମଧର ।

ଅନାମରୁ ନାମ ଜନମ ହୋଇ ।
ଅଣ ଅକ୍ଷରକୁ ଅନାମ କହି ॥୧॥
ନାମଟି ଅଟଇ ଏକ ଅକ୍ଷର ।
ଗୀତା ଭାଗବତେ ଏ କଥା ସାର ॥୨॥
ତହିଁ ଜନମିଛି ଊକାର ଗାର ।
ତହିଁ ତଳେ ଅର୍ଦ୍ଧମାତ୍ରାଟି ସାର ॥୩॥
ଅକାର ଉକାର ମକାର ତିନି ।
ଚାରିଅକ୍ଷରକୁ ସଙ୍ଗତେ ଘେନି ॥୪॥
ଚଉଷଠୀବୀଜ ଆଠ ଅକ୍ଷର ।
ବେନି ଷୋଡ଼ଶ ଦ୍ୱାଦଶ ବିଚାର ॥୫॥
ଛଡ଼ ଚାରିକ୍ଷର ବିନ୍ଦୁ ସୁଜନ ।
ଗୁରୁ ସେବାକରି ବୁଝ ଯେମାନ ॥୬॥
ପୂର୍ବ ଜନମର ଥିଲେ ବାସନା ।
ତେବେ ସଦ୍‌ଗୁରୁ ମିଳଇ ସିନା ॥୭॥
ନାମର ମହିମା ସୁଜନେ ଘୋଷ ।
ନାମରେ ଶରଣ ଅଚ୍ୟୁତ ଦାସ ॥୮॥

*କବିତାଟିର ବ୍ୟାଖ୍ୟା 'ଚରମ' ଷଷ୍ଠପୁଷ୍ପ, ଦ୍ୱିତୀୟ ପାଖୁଡ଼ା, ସପ୍ତବିଂଶତିତମ ସଂଖ୍ୟାରେ ପଢ଼ିବାକୁ ପାଇବେ ॥*




# ଗଳ୍ପାଂଶ

ପୁରାଣ ସାହିତ୍ୟ ଆମ ସାରସ୍ୱତ ଭଣ୍ଡାରର ଅମୂଲ୍ୟ ରତ୍ନ । ମାତ୍ର ଏହି ପୁରାଣ ସକଳର ଅନ୍ତରାଳରେ ଲୁକ୍କାୟିତ ପିଣ୍ଡତାତ୍ତ୍ୱିକ ଆଲୋଚନା ସମ୍ପ୍ରତି ଆଦୌ ହେଉନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ତାତ୍ତ୍ୱିକ ମୀମାଂସା ବିନା ପୁରାଣପାଠ ଅସମ୍ପୂର୍ଣ୍ଣ କହିଲେ ଚଳେ । ''ତରମ'' ପୃଷ୍ଠାରେ ପ୍ରତ୍ୟେକ ସଂଖ୍ୟାରେ ବିଭିନ୍ନ ପୁରାଣରୁ ଆଖ୍ୟାୟିକା ମାନ ଚୟନ କରାଯାଇ ଗଳ୍ପାଂଶର ଅନ୍ତରାଳରେ ଥିବା ପିଣ୍ଡ ତତ୍ତ୍ୱମତର ତାତ୍ତ୍ୱିକ ଆଲୋଚନା ମୀମାଂସା ଖଣ୍ଡରେ ପ୍ରସ୍ତୁତ ହୋଇ ଆସୁଅଛି । ସାଧନ ପ୍ରକ୍ରିୟା ବହୁ ବ୍ରହ୍ମଜିଜ୍ଞାସୁଙ୍କର ସଂଶୟ ମୋଚନ ଏବଂ ସନ୍ଦେହ ଖଣ୍ଡନରେ ଏହା ସହାୟକ ହେଉଛି । ଆସନ୍ତୁ ପଢ଼ିବା......

## ମାର୍କଣ୍ଡେୟ ପୁରାଣରୁ ଉଦ୍ଧୃତ — ପିଣ୍ଡବ୍ରହ୍ମାଣ୍ଡ ଜ୍ଞାନ......

ରାଜା ସୁରଥ ମହାମୁନି ମାର୍କଣ୍ଡଙ୍କୁ ସମ୍ବୋଧନ କରି ଆତ୍ମାକୁ ଚିହ୍ନିବାର ଉପାୟ, ପିଣ୍ଡରେ ପରମାତ୍ମା କେଉଁ ପ୍ରକାରରେ ରହନ୍ତି ତାହାର ଭେଦ, ପିଣ୍ଡର ସୃଷ୍ଟି ରହସ୍ୟ ଏବଂ ପିଣ୍ଡ ବ୍ରହ୍ମାଣ୍ଡ ଦୁହେଁ କିପରି ଏକମତ, ତାହା ସଂକ୍ଷେପରେ ବୁଝାଇ ତାଙ୍କର ଭାରାକ୍ରାନ୍ତ ମନକୁ ଉଲ୍ଲାସ କରିବା ପାଇଁ ବିନୟର ସହିତ ପ୍ରାର୍ଥନା କଲେ ।

ବ୍ରହ୍ମର୍ଷି ମାର୍କଣ୍ଡ ପ୍ରସନ୍ନ ହୋଇ କହିଲେ- ହେ ରାଜା, ତୁମେ ଉଚିତ୍ ପ୍ରଶ୍ନ ଉତ୍‌ଥାପନ କରିଛ । ଏବେ ମୁଁ ତାହାର ଉତ୍ତର ସଂକ୍ଷେପରେ ଦେଉଅଛି, ମନଦେଇ ଶୁଣ । ଏହା ତୁମର ବୋଧଗମ୍ୟ ହେଲେ, ତୁମର ସକଳ ଜାଗତିକ ମାୟାବନ୍ଧନ ଛିନ୍ନ ହେବ ଓ ତଦ୍ ପରବର୍ତ୍ତୀ ଅବସ୍ଥାରେ ତୁମର ବ୍ରହ୍ମଜ୍ଞାନ ଉଦୟ ହେବ ।

ବିଷ୍ଣୁ ମାୟାରୂପ ଘେନି ଅନନ୍ତକାଳ ପର୍ଯ୍ୟନ୍ତ ସ୍ତ୍ରୀ ଓ ପୁରୁଷ ଭାବରେ ଭାବ ଜାଣି ରହିଥାନ୍ତି । ପ୍ରାଣୀ ରଜବୀର୍ଯ୍ୟ ଆଶ୍ରାକରି ଯେଉଁ ସମୟରେ ରହିଥାନ୍ତି ସେହି ସମୟରେ ଜୀବର ଘଟଣ ହୁଏ । ଦୁର୍ଗାଙ୍କର ଉପାୟ ହେତୁ ଜୀବ ମାତୃଗର୍ଭରେ ମୂର୍ତ୍ତି ଧାରଣ କରେ । କର୍ମଫଳ ଘେନି ଜୀବ ରୂପ ଓ ଆକୃତି ପାଇଥାଏ । ମାତୃଗର୍ଭରେ ଭୃଣ ଚାରିମାସ ପୁରି ପାଞ୍ଚମାସ ପ୍ରବେଶ କଲେ, ଜୀବାତ୍ମା ପିଣ୍ଡରେ ପ୍ରକାଶ ହୁଅନ୍ତି ଏବଂ ପିଣ୍ଡକୁ ଆବୋରି (ଆଶ୍ରୟ କରି) ନିଶ୍ଚିନ୍ତରେ ପିଣ୍ଡରେ ରହନ୍ତି । ବ୍ରହ୍ମ ମାତୃଗର୍ଭରେ ଦଶମାସ ପର୍ଯ୍ୟନ୍ତ ବିଷ୍ଣୁଙ୍କୁ ଧ୍ୟାନ କରି ରହିଥାନ୍ତି । ଯଥାକାଳରେ ପ୍ରସବ ସମୟ ଉପସ୍ଥିତ ହେଲେ ବାଳବ୍ରହ୍ମ ମାତୃଗର୍ଭର ଜରାୟୁ କାରାଗାରରୁ ମୁକ୍ତ ହୋଇ ଧରାପୃଷ୍ଠରେ ଭୂମିଷ୍ଠ ହୁଅନ୍ତି ।

ପୃଥିବୀରେ ପ୍ରବେଶ କରିବା ମାତ୍ରେ ପ୍ରଭୁ ନାରାୟଣ ପିଣ୍ଡପ୍ରାଣର ହୃଦପଦ୍ମ ମଧ୍ୟରେ ରହନ୍ତି । ସେହି ନାରାୟଣ ମୂର୍ତ୍ତି ସକଳ ଦେବତା ଅଟନ୍ତି, ମାତ୍ର ଯେ ଯାହା ଅଂଶରେ ନାରାୟଣଙ୍କ ସାନିଧ୍ୟରେ ସେବା କରୁଥାନ୍ତି ।

ମାତୃଗର୍ଭରୁ ଭୂମିଷ୍ଠ ହୋଇ ପିଣ୍ଡ ପୃଥିବୀକୁ ଆଶ୍ରୟ କରିବା ମାତ୍ରେ ଜୀବାତ୍ମା ମୂର୍ଚ୍ଛିତ ହୁଅନ୍ତି, ଚୈତନ୍ୟ ହରାଇ ବସନ୍ତି ଏବଂ ତାଙ୍କର ସକଳ ଜ୍ଞାନ ପରାହତ ହୁଏ । ଜୀବାତ୍ମା ବିଗତ ଜନ୍ମର ସମସ୍ତ କଥା ମନରୁ ବିସ୍ମରଣ କରି ନୂଆଦେହ ଧରି ମାୟାମୋହରେ ପଡ଼ି ସଂସାରର ବିଷୟାଜଞ୍ଜାଳରେ ଭ୍ରମଣ କରେ । ବାଳକ, ତରୁଣ ଓ ବୃଦ୍ଧ ଏହି ତିନି ରୂପ ଧରି ଜୀବ ପୂର୍ବ ଅର୍ଜିତ ସୁଖ-ଦୁଃଖ, ପାପ-ପୁଣ୍ୟ ଭୋଗ କରେ । ଏହିପରି ଭାବରେ ଜୀବ ପୂର୍ବ ଅର୍ଜିତ କର୍ମଫଳ ଏ ଜନ୍ମରେ ଭୋଗ କରେ ଓ ଜନ୍ମରେ ପୁନର୍ବାର ପୁଣ୍ୟ ଓ ସୁଜ୍ଞାନ ଉପୁଜାଏ । ଜୀବ ସାଂସାରିକ ଧର୍ମରେ ଯେଉଁ ପାପ ବା ପୁଣ୍ୟ କରିଥାଏ, ତାହାକୁ ମନ ମଧ୍ୟରେ ସ୍ମରଣ କରି ପରବର୍ତ୍ତୀ ଜନ୍ମପାଇଁ ସଞ୍ଚୟ କରି ରଖେ । ଜପ, ତପ, ବ୍ରତ, ଯାଗ, ତୀର୍ଥ, ଅର୍ଥଦାନ ଏହି ଷଡ଼ପ୍ରକାର କର୍ମ ଆଚରଣକୁ ସାଂସାରିକ ଧର୍ମ କୁହାଯାଏ । ଏହି ଷଡ଼ କର୍ମଦ୍ୱାରା ଜୀବ ସଂସାରରେ ରହି ମଧ୍ୟ ବଡ଼ (ଦିବ୍ୟାତ୍ମା) ହୋଇଥାଏ, କେତେକ ଜୀବ ଧନ, ଜନ, ରାଜ୍ୟପଦ ଆଦିକୁ ବଡ଼ ପଣ ବୋଲି ମନେ କରି ତାହାକୁ ପ୍ରାପ୍ତ ହୋଇଥାନ୍ତି । ଯେଉଁ ଜୀବ ମୁକ୍ତି ପଥକୁ ଇଚ୍ଛା କରେ, ତାହାର ରହସ୍ୟ ସେ ନିଜେ ମଧ୍ୟ ଭେଦ କରି ନ ଥାଏ ।

ହେ ରାଜା, ମୁକ୍ତି ପଥ ରହସ୍ୟ ଏବେ ଶୁଣ-ଜ୍ଞାନ ଭକ୍ତି ବ୍ୟତୀତ ଅନ୍ୟ କୌଣସିଥିରେ ମୁକ୍ତି ନାହିଁ । ଜ୍ଞାନର ତଦନ୍ତ ମଧ୍ୟ ସମସ୍ତଙ୍କୁ ଜଣାନାହିଁ ।

"ଯେବଣ ପ୍ରାଣୀ ଜ୍ଞାନରେ ସଦା ମନ ଦେଲା
ସଦଗୁରୁର ବଚନ ମନରେ ଘେନିଲା ।
ସଂସାରର ଚେଷ୍ଟା ସେହୁ ମଣେ ବିଷପ୍ରାୟ
ସକଳ ଘଟକୁ ସେହୁ ମଣେ ବିଷ୍ଣୁ ପ୍ରାୟ ॥"

ଯେଉଁ ପ୍ରାଣୀ ସର୍ବଜ୍ଞାନରେ ମନ ଦିଏ, ଶ୍ରୀଗୁରୁଙ୍କର ଶ୍ରୀମୁଖ ନିସୃତ ଆଜ୍ଞାଆଦେଶକୁ ସ୍ମରଣରେ ରଖି କାର୍ଯ୍ୟ ବାହିନିଏ, ସେ ସଂସାରର ସକଳ କର୍ମଚେଷ୍ଟାକୁ ବିଷତୁଲ୍ୟ ଜ୍ଞାନ କରେ ଏବଂ ସକଳ ଘଟରେ ଶ୍ରୀନାରାୟଣଙ୍କୁ ଦର୍ଶନ କରେ । ସ୍ଥାବର, ଜଙ୍ଗମ, କୀଟ-ପତଙ୍ଗ, ତରୁ-ଲତା, ଇତ୍ୟାଦି ସର୍ବତ୍ର ସେ ଶ୍ରୀନାରାୟଣଙ୍କୁ ଦର୍ଶନ କରିଥାଏ । ଆତ୍ମଜ୍ଞାନ ବଳରେ ସେ ସର୍ବତ୍ର ନିଜ ଆତ୍ମାକୁ ହିଁ ଦର୍ଶନ କରେ । ନିନ୍ଦା ଅପବାଦକୁ ସେ ଛଳ ନ କରି ଗ୍ରହଣ କରନ୍ତି ଏବଂ ଶାରୀରିକ କଷ୍ଟରେ ମଧ୍ୟ ବିକଳ ହୁଅନ୍ତି ନାହିଁ । ନିଜର ଚିର ପ୍ରଦେଶର ଗଭୀରତମ ସ୍ଥାନରେ ସେ ସର୍ବଦା ଆନନ୍ଦ ଅନୁଭବ କରନ୍ତି । କଦାପି ମିଥ୍ୟା ନ କହି ସେ ସର୍ବଦା ସତ୍ୟକୁ ବ୍ରତ ବୋଲି ଗ୍ରହଣ କରନ୍ତି, ସେ କଦାଚ ଲୋଭ କରନ୍ତି ନାହିଁ ବା କଦାପି କାମର ବଶବର୍ତ୍ତୀ ହୋଇ ପ୍ରେମପ୍ରୀତି କରନ୍ତି ନାହିଁ । ସମଗ୍ର ନାରୀ ଜାତିକୁ ସେ ମାତୃତୁଲ୍ୟ ଜ୍ଞାନ କରନ୍ତି । ଆହାର, ନିଦ୍ରା ଓ ମୈଥୁନ ଏହି ତିନିବିଧିକୁ ସେ ବହୁଳ ଭାବରେ ତ୍ୟାଗ କରି ସର୍ବବ୍ୟାଧିମୁକ୍ତ ଯୋଗସିଦ୍ଧ, ଶୁଦ୍ଧଶରୀର ଧାରଣ କରିଥାଆନ୍ତି । ଜ୍ଞାନମାର୍ଗକୁ ଆଶ୍ରୟ କରିଥିବା ଜୀବ କୁଟୁମ୍ବ ପରିବାର ସହିତ ମଜ୍ଜି ରହନ୍ତି ନାହିଁ, ବରଂ ସାଂସାରିକ ମାୟାପାଶ ଫିଟାଇ ବହୁ ସମୟରେ ପରିବାରଠାରୁ ଦୂରରେ ରହନ୍ତି । ସନ୍ନ୍ୟାସ ବ୍ରତ ଧାରଣ କରିଥିବା ଜୀବ ବୃକ୍ଷଲତାଦିର କଅଁଳ ପତ୍ର ଭୋଜନ ଓ ଝରଣାର ଜଳପାନ କରି ଜୀବନ ଧାରଣ କରନ୍ତି । ସେମାନେ ଆତ୍ମଦର୍ଶନ ନିମନ୍ତେ ସାଧନା ସାଧିବା ପାଇଁ ନିଗମସ୍ଥାନ ଦେଖି ନିଶ୍ଚିନ୍ତରେ ରହନ୍ତି ।

କେଉଁ ପ୍ରକାର କର୍ମରେ, କେଉଁ ପ୍ରକାର ଜ୍ଞାନବିଧି ସାଧିବାକୁ ହୁଏ, ଏବେ ତାହା କହୁଅଛି ଶୁଣ । ନିଗମ ବଣରେ, ପର୍ବତ ଗୁମ୍ଫାରେ, ନିଶବ୍ଦ ସ୍ଥାନରେ ଏକମନରେ ବସିବ, କିଛି ତୃଣ ସଂଗ୍ରହ କରି ଆଣି ତହିଁରେ ଶେଯ ପାରି ପୂର୍ବକୁ ମୁହଁ କରି ତାହା ମାଡ଼ି ବସିବ ।

ଦଶଦ୍ୱାର ରୁନ୍ଧି ମୂଳକମଳକୁ ଚାପି ନିଶ୍ଚଳରେ ବସି ଶରୀରକୁ ଧୈର୍ଯ୍ୟଶୀଳ କରିବ । ବାହାରର କୌଣସି ଶବ୍ଦ ନ ଶୁଣି ଧୀର ସ୍ଥିର ହୋଇ ଚଞ୍ଚଳ ପ୍ରକୃତିକୁ ସାଧିବ । ନିଜ ମନକୁ ଶ୍ୱାସପ୍ରଶ୍ୱାସ ସହିତ ଚଳାଇ ସମସ୍ତଙ୍କର ଶରୀରରେ ପଶି ନିଜ ଶରୀରକୁ ଦେଖିବ । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଆଦି ଏହି ପିଣ୍ଡ ମଧ୍ୟରେ ପ୍ରକାଶ ହୋଇଥିବାର ଜ୍ଞାନଲାଭ କରିବ । ଗୁରୁଙ୍କୁ ସେବାକରି ସନ୍ତୁଷ୍ଟ କଲେ, ଏହି ଜ୍ଞାନର ପଥ ଖୋଲିଯାଏ ଏବଂ ଏହି ଜ୍ଞାନ ଭେଦ କଲେ ଶରୀର ଅଛୁଟ ରହେ । ଅମନରେ ମନଦେଇ ଶରୀରରେ ଖୋଜିଲେ ଅନନ୍ତ ଦିବ୍ୟଜ୍ୟୋତି ଦର୍ଶନ କରିବ ।

ହେ ରାଜା, ଏବେ ପିଣ୍ଡତତ୍ତ୍ୱ ଶୁଣ-କଟୀ (ଅଣ୍ଟା) ଠାରୁ ପାଦ ତଳଯାଏ ସପ୍ତପାତାଳ । ବେନି ଜାନୁ (ଦୁଇ ଜଂଘ)ରେ ଅଷ୍ଟକୁଳାନାଗ ଅଛନ୍ତି । ମୂଳକମଳ ପିଣ୍ଡ ମଧ୍ୟରେ ଚାରିଭାଗ ହୋଇଅଛି । ଲିଙ୍ଗଚକ୍ରକୁ କାମ ଆବୋରି (ଆଶ୍ରୟ କରି) ରହିଛି । ଲିଙ୍ଗଚକ୍ର ପଦ୍ମ ଷଡ଼ପାଖୁଡ଼ା । କାମାକ୍ଷୀ ମନ୍ତ୍ର ପଢ଼ି ଲିଙ୍ଗଚକ୍ରକୁ ପୂଜା କରାଯାଏ । ନାଭି ଚକ୍ରର ପଦ୍ମ ଦଶଦଳ ବିଶିଷ୍ଟ । ଏଠାରେ ଅନନ୍ତ ନାଗ ପଦ୍ମଯୋନି ରହିଛି । ଏହି ଦଶଦଳ ପାଖୁଡ଼ାରେ ଦଶଦିଗପାଳ ରହିଛନ୍ତି । ଏଠାରେ ସପ୍ତସିନ୍ଧୁକୁ ଆବୋରି ଜଳ ରହିଛି । ଇଅଁଳା-ପିଅଁଳା ଏବଂ ସୁଷୁମ୍ନାନାଡ଼ୀ ଷୋଳଡମ୍ବରୁ ମଧ୍ୟରେ ବତିଶ ପାଖୁଡ଼ା ଧରି ରହିଛନ୍ତି । ବିଧାତା ବା ବ୍ରହ୍ମ ମହାମୀନ ଶରୀରରେ କୂର୍ମ ଓ ମଣ୍ଡୁକକୁ ଆଶ୍ରୟ କରି ରହିଛନ୍ତି । ଚେତନା ଓ ଚୈତନ୍ୟ ବୋଲି ମନକୁ କୁହାଯାଏ । ଗାୟତ୍ରୀ ମନ୍ତ୍ରରେ ଦୈବକୁ ନାଭିଚକ୍ରରେ ପୂଜା କରାଯାଏ । ସେହି ଦୈବଙ୍କ ହାତରେ ଜଠର ଅନଳ ରହିଅଛି । ହିଂସା, ରାଗ, ତମ, ମାୟା, କ୍ରୋଧ ଆଦି ସକଳ ପାପକୁ ଜଠର-ଅନଳ ପୂଜାର ସମିଧ କରିବାକୁ ହୁଏ । ଇଅଁଳା ପିଅଁଳାକୁ ପବନ ଦ୍ୱାରା ଭେଦ କରି ମନଚୈତନ୍ୟ ସାହାଯ୍ୟରେ ହୃଦୟପଦ୍ମକୁ ଭେଦିବାକୁ ହୁଏ । ଦ୍ୱାଦଶଚକ୍ର ଭେଦିଲେ କୈଳାସଗିରି ପଡ଼େ । ସେଠାରେ ବାମଭାଗରେ ତ୍ରିପୁରାରୀଙ୍କୁ ବିଜେ କରାଇବ । ଦକ୍ଷିଣରେ ଗଣପତି, ପଶ୍ଚିମରେ କାର୍ତ୍ତିକ, ଉତ୍ତରଭାଗରେ କାମିନୀରୂପରେ ଉମାଙ୍କୁ ବିଜେ କରାଇବ । ହୃଦପଦ୍ମ ମଧ୍ୟରେ ଏମାନଙ୍କୁ ଯତ୍ନକରି ଥୋଇବ ଏବଂ ପଞ୍ଚାକ୍ଷର ମନ୍ତ୍ରରେ ତାଙ୍କୁ ପୂଜା କରିବ । ଷୋଳଚକ୍ର ଭେଦକରି କଣ୍ଠକମଳରେ ଶ୍ରୀମନ୍ନାରାୟଣ ସାରଦାଙ୍କୁ ଘେନି ବିଜେ କରିଛନ୍ତି । ସେହି ଶ୍ରୀନାରାୟଣଙ୍କ ପଛରେ ମେରୁଗିରି ଅଛି ଏବଂ ସେହି ମେରୁଗିରିରେ ତ୍ରିଭଙ୍ଗିମାରେ ବଙ୍କନାଳ ପ୍ରବାହିତ ହେଉଅଛି । ସେହି ବଙ୍କନାଳର ମୂଳରେ କାମଦେବ ବାସକରନ୍ତି । ତହିଁ ଉପରେ ଚନ୍ଦ୍ରଙ୍କର ଘର । ତାହାର ନିକଟରେ ବିନ୍ଦୁସାଗର ଅଛି । ବିନ୍ଦୁସାଗର ତଟରେ ସରସ୍ୱତୀ ପାଟଣା ବସେ । ନାରାୟଣ ମନ୍ତ୍ରପଢ଼ି ବିଷ୍ଣୁଙ୍କର ପୂଜାକରି ବଙ୍କନାଳରେ ବନ୍ଧବାନ୍ଧି ଯତ୍ନର ସହିତ ବସିବାକୁ ହୁଏ । ଚନ୍ଦ୍ରକଳା (କାମଦେବ) ବିନ୍ଦୁସାଗରକୁ ନ ଟଳି ଧୈର୍ଯ୍ୟଶୀଳ ହୋଇ ରହିବା ଫଳରେ ଭେଳା ବୁଡ଼ିବ ନାହିଁ ।

କାର୍ତ୍ତିରାମଣ୍ଡଳ ତଟରେ ଦୁଇଗୋଟି ଚକ୍ର ଶୋଭା ପାଉଅଛି । ସେଠାରେ ରବି ଶଶୀର ପ୍ରଭା ପ୍ରକାଶିତ ହେଉଅଛି । ତା ଉପରେ ଏକ ଲୟରେ ମନ୍ତ୍ର ପଢ଼ି ତ୍ରିପୁରାରୀଙ୍କୁ ସେବା କରାଯାଏ । ମନର ସହିତ ପ୍ରାଣପବନକୁ ଧରି ଚେତାମନ୍ଦିରକୁ ଜିଣି ଅନାହତଚକ୍ରରେ ପ୍ରବେଶ କରିବାକୁ ହୁଏ । ସେ ସ୍ଥାନ ଗୋଲୋକପୁରକୁ ଜିଣି ନିରାକାର ଅଟେ । ସେଠାରେ ଏକଚିତ୍ତ ହୋଇ ଏକାନ୍ତରେ ପରମହଂସର ଘରେ ପ୍ରବେଶ କରିବ । ପଶ୍ଚିମ ଦ୍ୱାର ଜିଣି ସେଠାରେ ନିଶ୍ଚିନ୍ତରେ ରହିବ । ଅଲେଖ ମନ୍ଦିରରେ ନିରାକାର ଜ୍ୟୋତି ବିଜେ କରିଛନ୍ତି । ସେ ଅମୃତ ସ୍ୱରୂପ ଏବଂ ଅପୂର୍ବ ସୁନ୍ଦର । ସେ ସ୍ଥାନକୁ ଯିବାପାଇଁ ନିଗମଦ୍ୱାର ରହିଛି । ଏହି ଦ୍ୱାରରେ ଯୋଗମାୟା ଦ୍ୱାରୀ ଅଟନ୍ତି । ସେ ବାରବର୍ଷରେ ପ୍ରସନ୍ନ ହୁଅନ୍ତି । ତେଣୁ ସେହି ନିଗମଦ୍ୱାର ଦେଶରେ ଯୋଗମାୟାଙ୍କୁ ଆଶ୍ରୟ କରି ଅବିଚ୍ଛିନ୍ନ ସାଧନାରେ ରହିବ । ଯୋଗମାୟା ପ୍ରସନ୍ନ ହେଲେ ପ୍ରଭୁ ଅଲେଖ ନିରଞ୍ଜନଙ୍କର ଭେଟ ପାଇବ । ସେ ନିରାକାର ସ୍ୱରୂପ ଅଟନ୍ତି । ଚନ୍ଦ୍ର, ସୂର୍ଯ୍ୟ ଓ ବିଜୁଳିକୁ ବଳି ତାଙ୍କର ତେଜକାନ୍ତି । ଯୋଗମାୟା ପ୍ରସନ୍ନ ହେଲେ ସେହି ଜ୍ୟୋତିସ୍ୱରୂପ ଦିବ୍ୟରୂପ ଯୋଗୀ ଦର୍ଶନ କରେ ଓ ଦର୍ଶନ ମାତ୍ରକେ ସକଳ ଭବତାପ ଦୂରୀଭୂତ ହୁଏ । ଅନେକ ଜନ୍ମ ଜନ୍ମାନ୍ତରର

ପାପକ୍ଷୟ ହୁଏ ଓ ଜନ୍ମମରଣର ଭୟ ଦୂର ହୁଏ । ଯେଉଁ ସାଧକ ସେହି ଜ୍ୟୋତିରୂପ ଦର୍ଶନ କରନ୍ତି ତାଙ୍କର ଶହେ ପୁରୁଷ ଆପଣା ଆପେ ତରି ଯାଆନ୍ତି । ପଶ୍ଚିମଦ୍ୱାର ଭେଦିଲେ ପରମାତ୍ମାଙ୍କର ସାକ୍ଷାତ୍ ହୁଏ । ପରମାତ୍ମା ନିତ୍ୟ ନିରାକାର ଏବଂ ପରଂବ୍ରହ୍ମ ପୁରୁଷ ଅଟନ୍ତି । ପରମହଂସ ପିଠିରେ ତାଙ୍କର ଆସନ । ନିରାକାରଙ୍କ ଶ୍ରୀମୁଖରୁ ଦେବୀ ସୁରେଶ୍ୱରୀ (ଗଙ୍ଗା) ମେରୁଗିରିକୁ ଭେଦକରି ତ୍ରିବେଣୀ ମୂର୍ତ୍ତି ଧରି ପ୍ରବାହିତ ହେଉଅଛି । ତାହା ଈଶ୍ୱର (ମହାଦେବ)ଙ୍କ ମସ୍ତକରେ ପଡ଼ି ସଙ୍ଗମସାଗର ସହିତ ମିଳିତ ହେଉଅଛି । ତ୍ରିବେଣୀଘାଟରେ ହଂସ ଜଗି ବସିଛି । ସେ ହଂସର ମହିମା ଯୋଗୀକୁ ଗୋଚର, ତାଙ୍କର ଜ୍ୟୋତିର ପଦ୍ମାନ୍ତର ଅକଳଙ୍କ ଚନ୍ଦ୍ରତୁଲ୍ୟ । ସେହି ହଂସ ଓଲଟା ବସିଛି । ତ୍ରିବେଣୀ ଝରମୁଣ୍ଡ ଜଗି ବିଶୁଦ୍ଧ ଭାବରେ ହଂସ ନିଦ୍ରା ଯାଇଛନ୍ତି । ସରୋବର ମଧ୍ୟସ୍ଥ ପାଣି ଯେଉଁ ସମୟରେ ଶୁଖିଯାଏ, ସେତେବେଳେ ପରମହଂସର ନିଦ୍ରା ଭଙ୍ଗ ହୁଏ । ହଂସର ନିଦ ଭାଙ୍ଗିଲେ ସେ ତତ୍‌କ୍ଷଣାତ୍ ପିଣ୍ଡରୁ ପ୍ରାଣକୁ ଘେନି ଉଡ଼ିଯାଏ । ଫଳରେ ପିଣ୍ଡର ସମସ୍ତ ସୁହାଗ ଶେଷ ହୁଏ ।

ପରମହଂସର ନିଦ୍ରା ଯେପରି ନ ଭାଙ୍ଗିବ ସେଥିପ୍ରତି ଯୋଗୀ ଅନବରତ ଚିନ୍ତା କରି ଯୋଗସାଧନ କରିବା ଉଚିତ । ତ୍ରିବେଣୀ ଝର ଯେତେ କାଳ ପର୍ଯ୍ୟନ୍ତ ଜଳାଣି ଟେକିବ ସେତେ କାଳ ପର୍ଯ୍ୟନ୍ତ ସରୋବର ପାଣି ନ ଶୁଖି ପୂର୍ଣ୍ଣ ହୋଇ ରହିବ । ସରୋବରର ପାଣି ନ ଶୁଖିଲେ ହଂସ ଉଡ଼ିଯିବ ନାହିଁ ଏବଂ ପ୍ରାଣପୁରୁଷ ଅଜର ଅମର ହୋଇ ପିଣ୍ଡରେ ରହିଥିବ । ଯେଉଁ ଯୋଗୀ ଏହି ପ୍ରକାରର ସାଧନା ସାଧନ କରନ୍ତି ତାଙ୍କୁ ପରମଯୋଗୀ ବୋଲି କୁହାଯାଏ ।

ମିଥ୍ୟାରେ ଉଦାସ ରହି ସଂସାରକୁ ଛନ୍ଦିବାକୁ ଯେଉଁମାନେ ମିଥ୍ୟାଛଳନା କରନ୍ତି ତାଙ୍କର ଇହକାଳ ପରକାଳ ଦୁଇକୂଳ ନାଶ ହୁଏ । ଏହା ଯୋଗମାର୍ଗର ସ୍ୱରୂପ ବାଣୀ ଏବଂ ଏହି ମାର୍ଗରେ ସାଧନା ସାଧିଲେ, ଯୋଗୀ ସିଦ୍ଧ ହୋଇ ଭବସଂସାରରୁ ତରିଯାଏ । ଏଥିରୁ ଯେଉଁ ପ୍ରାଣୀମାନେ ବାହାର ହୋଇଯାଆନ୍ତି, ସେମାନଙ୍କର ଜନ୍ମ ଓ ଜୀବନ ସାର୍ଥକ ହୁଏ ନାହିଁ । ସେମାନେ ଅଜ୍ଞାନ ହୋଇ ମାୟାଜଗତରେ ଜନ୍ମମୃତ୍ୟୁ ଚକ୍ରରେ ବୃଥା ଭ୍ରମଣ କରୁଥାନ୍ତି ।

*ଏହି ଗଦ୍ୟାଂଶର ମୀମାଂସା ''ଚରମ'' ଉତ୍ତରପୁଷ୍ପ ! ଦ୍ୱିତୀୟ ପାଖୁଡ଼ା : ସପ୍ତବିଂଶତିତମ ସଂଖ୍ୟାରେ ପଢ଼ିବାକୁ ପାଇବେ....*

ତୁମକୁ କେନ୍ଦ୍ରକରି ବା ତୁମ ସମ୍ମୁଖରେ
ଅଥବା ତୁମ ଦ୍ୱାରା ଯାହା ସବୁ ଘଟିଯାଉଛି,
ଯାଉଛି, ଯିବ ସେଗୁଡ଼ିକର ତୁମେ କେବଳ ସାକ୍ଷୀ ହୋଇ ରୁହ ।
ସେଥିରେ ନିଜକୁ ସଂଯୋଗ ବା/ଓ ସାମିଲ କରନାହିଁ ।

-ଶ୍ରୀଶ୍ରୀଶ୍ରୀ ଠାକୁର-

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ ମୋହ



*'ଚରମ'ର ଧର୍ମ ବିପ୍ଳବରେ ଆପ୍ରାଣ ଯୋଗ ଦେଇ ସଂଯୋଗବଶତଃ ଶ୍ରୀପ୍ରଭୁଙ୍କର ଧର୍ମଦର୍ଶନ ଜ୍ଞାତ ହେବା ନିମନ୍ତେ ଅନୁସନ୍ଧିତ୍ସା ପ୍ରକାଶ କରିବା ନିଶ୍ଚିତ ଏକ ଶୁଭ ସଙ୍କେତ । ଶ୍ରୀଶ୍ରୀଠାକୁରଙ୍କର ଦର୍ଶନ ବହୁମୁଖୀ । ବହୁ ବିଭାଗ, ଅନୁବିଭାଗ, ଶାଖା, ପ୍ରଶାଖାରେ ତାହା ସୁବିନ୍ୟସ୍ତ । ଆଙ୍ଗିକତାରେ ତାହା ଯେପରି କମନୀୟ, ଭାବବିନ୍ୟାସରେ ସେହିପରି ନମନୀୟ, ଭାଷା ବୈଭବରେ ଯେପରି ସରଳତରଳ ପ୍ରାଞ୍ଜଳ, ଆତ୍ମିକତାରେ ତଦନୁରୂପ କୋମଳ କମଳ ଦଳ ସଦୃଶ ମନୋଜ୍ଞ, ମନୋରମ ।*

*ଶ୍ରୀପ୍ରଭୁଙ୍କର କରୁଣା ଓ କଲ୍ୟାଣରୁ ଏହି ସ୍ତମ୍ଭରେ 'ଚରମ' ପୃଷ୍ଠାରେ 'ମୋହ' ସମ୍ବନ୍ଧରେ ଧାରାବାହିକ ଆଲୋଚନା ନିୟମିତ ସ୍ଥାନ ପାଇ ଆସୁଛି ।*

## ଶାକ୍ୟସାକ୍ତ ମୋହ

ସୁର୍ବାଙ୍ଗଂଜନ ମୋହର ବିଭିନ୍ନ ପ୍ରକରଣ ପ୍ରସଙ୍ଗରେ ଶ୍ରୀଗୁରୁଙ୍କ ସହିତ ଆଲୋଚନା କାଳରେ ଜିଜ୍ଞାସୁ ଭକ୍ତ ସାତ୍ତ୍ୱିକ ମୋହ (ସୁର୍ବାଙ୍ଗଂଜନ ମୋହ)ର ପ୍ରଥମ ପ୍ରକରଣ ଦ୍ରବ୍ୟସାତ୍ତ୍ୱିକ ମୋହଠାରୁ ଆରମ୍ଭ କରି ସପ୍ତଦଶ ପ୍ରକରଣ ପ୍ରତୀକମୋହ ପର୍ଯ୍ୟନ୍ତ ତାତ୍ତ୍ୱିକ ଆଲୋଚନା ଶ୍ରୀଗୁରୁଙ୍କର ଶ୍ରୀମୁଖ ପଙ୍କଜରୁ ଶୁଣିବା ପରେ ଅଷ୍ଟାଦଶ ପ୍ରକରଣ ଶାକ୍ୟସାକ୍ତମୋହ ସମ୍ବନ୍ଧରେ ଜାଣିବାର ଇଚ୍ଛା ପ୍ରକାଶ କରି ନିବେଦନ କରନ୍ତି :

**ଶିଷ୍ୟ ଉବାଚ :**

**ଶାକ୍ୟସାକ୍ତ** ମୋହ ଆଖ୍ୟାନ । ପ୍ରଭୁ ହେ, କରନ୍ତୁ ବ୍ୟାଖ୍ୟାନ ।।

ତହିଁ ଉତ୍ତାରୁ ଠାକୁରେ ଅଧରପଲ୍ଲବରେ ସ୍ମିତହାସ୍ୟର ମଧୁରରେଖା ଫୁଟାଇ ପ୍ରିୟଶିଷ୍ୟର ଜିଜ୍ଞାସା ପାଇଁ ପରମ ସନ୍ତୋଷର ସହିତ କହନ୍ତି :

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ପ୍ରାଣୀମଣ୍ଡଳ ସୂକ୍ଷ୍ମ ଭାଗେ । ପିୟୁଷ ରସ ଅନୁରାଗେ ।।
ନିର୍ଗତ ସୃଷ୍ଟିତତ୍ତ୍ୱ ତହିଁ । ପ୍ରାଣୀ ଆଗ୍ରହେ ତା'କୁ ଗ୍ରହି ।।
ଅବସ୍ଥାଟିରେ ଯେବେ ରୁହ । ତାହାହିଁ ଶାକ୍ୟସାକ୍ତ ମୋହ ।।

ପ୍ରାଣୀମଣ୍ଡଳର ସୂକ୍ଷ୍ମଭାଗରେ ରହି ପିୟୁଷରସ ନିର୍ଗତ ସୃଷ୍ଟିତତ୍ତ୍ୱକୁ ଗ୍ରହଣ କରିବାର ଅବସ୍ଥାକୁ 'ଶାକ୍ୟସାକ୍ତ ମୋହ' କୁହାଯାଏ । ସାଧକ ଯୋଗୀ ଏହି ଅବସ୍ଥାରେ ଉପନୀତ ହେଲେ, ସୃଷ୍ଟିତତ୍ତ୍ୱ ସମ୍ବନ୍ଧୀୟ ସକଳ ଜ୍ଞାନ ଆହରଣ କରିଥାଏ । ପ୍ରତୀକ ମୋହାବସ୍ଥାରେ ସାଧକ ଯୋଗୀ କେବଳ ସୃଷ୍ଟିତତ୍ତ୍ୱ ରହସ୍ୟ ଭେଦ କରିଥାଏ । ମାତ୍ର ସକଳ ଜ୍ଞାନ ଆହରଣ କରିପାରି ନ ଥାଏ ।

ଏହି ମଣ୍ଡଳରେ ଦୁଇଗୋଟି ବିଭାଗ ଅଛି ଯଥା :- (୧) ଅକ୍ଷର ମୋହ ଯାନ ଏବଂ (୨) ଗାନ୍ଧର୍ବ ମୋହ ଯାନ ।

ଶାକ୍ୟସାନ୍ତ ମୋହ ପ୍ରସଙ୍ଗରେ ପ୍ରିୟ ଶିଷ୍ୟକୁ ବୁଝାଇବାକୁ ଯାଇ କରୁଣାସାଗର କଲ୍ୟାଣମୟ ଠାକୁରେ କହନ୍ତି :

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ବୁଝାଇ କହୁଛି ସୋପାନ । ବତ୍ସ ହୋ, ଶୁଣ ଦେଇ ଧ୍ୟାନ ।।
ଆତ୍ମଦର୍ଶନ ପରେ ପ୍ରାଣୀ । ସୃଷ୍ଟିତତ୍ତ୍ୱ ରହସ୍ୟ ଜାଣି ।।
ଏହାହିଁ ପ୍ରଥମ ମଣ୍ଡଳ । ଜାଣଇ ତତ୍ତ୍ୱ ଯେ ଅଖିଳ ।।
ଏଠାରେ କରି ଅବସ୍ଥାନ । ଲଭେ ସୃଷ୍ଟିତତ୍ତ୍ୱର ଜ୍ଞାନ ।।
ବିଭକ୍ତ ବେନି ଭାଗେ ଜାଣ । ଆଦ୍ୟେ ଅକ୍ଷର ମୋହ ଯାନ ।।
ଗାନ୍ଧର୍ବ ମୋହ ଯାନ ପୁଣି । ସନ୍ତୁଷ୍ଟ ହୁଅ ବତ୍ସ, ଶୁଣି ।।

ପ୍ରତୀକମୋହ ଅବସ୍ଥାରେ ସାଧକ ଯୋଗୀର ସଜୀବ ସମାଧି ବା ସବିକଳ୍ପ ଅବସ୍ଥା ହୋଇଥାଏ । ଏହି ସ୍ତରରେ ସାଧକ ଯୋଗୀର ଆତ୍ମଜ୍ଞାନ ଉଦୟ ହୁଏ । ସୃଷ୍ଟିତତ୍ତ୍ୱର ଜ୍ଞାନ ସେ ଆହରଣ ବା ସଂଗ୍ରହ କରିବାରେ ସମର୍ଥ ହୁଅନ୍ତି । ପ୍ରଥମ ମଣ୍ଡଳରେ ଅର୍ଥାତ୍ ଅକ୍ଷରମୋହ ଯାନରେ ଅବସ୍ଥାନ କରି ଯୋଗୀ ସୃଷ୍ଟିତତ୍ତ୍ୱ ସମ୍ବନ୍ଧୀୟ ସକଳ ଜ୍ଞାନ ଜ୍ଞାତ ହୁଅନ୍ତି । ପ୍ରଥମ ମଣ୍ଡଳରେ ଯୋଗୀ ପହଞ୍ଚିଲେ, ଏହି ଜଗତରେ ଅକ୍ଷରମୋହ ଯାନ ସୃଷ୍ଟି ହୁଏ । ଏହି ସୋପାନରେ ଯୋଗୀସାଧକ ନିରୀକ୍ଷଣ କରି ସୃଷ୍ଟିର ସକଳ ଅକ୍ଷର ଓ ଶବ୍ଦକୋଷ ସମ୍ବନ୍ଧରେ ସକଳ ଧାରଣା ଲାଭ କରିପାରନ୍ତି । ଏହି ଅବସ୍ଥାରେ ଅକ୍ଷରର ଆକାର, ପ୍ରକାର ଦର୍ଶନ, ଶ୍ରବଣ କରିପାରନ୍ତି । ଏହା ଏହି ମଣ୍ଡଳର ଦ୍ୱିତୀୟ ଅଂଶରେ ଅବସ୍ଥିତ ଅଟେ ।

ଦ୍ୱିତୀୟ ମଣ୍ଡଳ ଅର୍ଥାତ୍ ଗାନ୍ଧର୍ବ ମୋହଯାନ ମଣ୍ଡଳରେ ପ୍ରବେଶ କଲେ, ଯୋଗୀ ସାଧକ ସୂକ୍ଷ୍ମମନରେ ରହି ଦେବଯାନ ଜଗତର ତୃତୀୟ ମଣ୍ଡଳରେ ଅବସ୍ଥାନ କରି ଗନ୍ଧର୍ବ ବିଦ୍ୟା ସକଳ ଜ୍ଞାତ ହୁଅନ୍ତି । ଏହି ସ୍ତରୀୟ ଅବସ୍ଥାକୁ ଗାନ୍ଧର୍ବ ମୋହଯାନ କୁହାଯାଏ ।

ଜିଜ୍ଞାସୁ ବତ୍ସର ସକଳ ସନ୍ଦେହ ମୋଚନ କରିବାପାଇଁ ଭାବଗ୍ରାହୀ ଭକ୍ତବତ୍ସଳ ଠାକୁର 'ଶାକ୍ୟସାନ୍ତ ମୋହ' ସଂପର୍କରେ ପୁନଶ୍ଚ କହନ୍ତି :

**ଶ୍ରୀଗୁରୁସ୍ୱାମୀ ଉବାଚ :**

ସ୍ଥୂଳ ଜଗତେ ବୃତ୍ତି ଥାଏ । ଯୋଗେ ଆତ୍ମଦର୍ଶନ ହୁଏ ।।
ସୂକ୍ଷ୍ମ ଜଗତେ ପ୍ରବେଶିଲେ । ବୃତ୍ତିଭାବ ନ ଥାଏ ଭଲେ ।।
ତହୁଁ ସାଧନ କଲେ ପ୍ରାଣୀ । ଆତ୍ମ ମିଳନ ହୁଏ ପୁଣି ।।
ସୂକ୍ଷ୍ମରୁ ସୂକ୍ଷ୍ମତର ଗତି । ହୁଅଇ କୈବଲ୍ୟ ପ୍ରାପତି ।।
ଆତ୍ମା କୈବଲ୍ୟ ପଥେ ଯାଏ । ପରମ ଆତ୍ମା ଦେଖାଯାଏ ।।
ନିର୍ବାଣ ଲଭଇ ସେ ଠାବେ । ପୁଣି ନ ଜନ୍ମେ ଏହି ଭବେ ।।

ଠାକୁରେ କୁହନ୍ତି : ପ୍ରାଣୀ ଧରାପୃଷ୍ଠରେ ଭୂମିଷ୍ଠ ହେଲେ, ବୃତ୍ତିପ୍ରବୃତ୍ତିର ବଶବର୍ତ୍ତୀ ହୋଇ ସ୍ଥୂଳଜଗତରେ ବୃତ୍ତି ଗ୍ରହଣ କରି ଜୀବନଧାରଣ କରିଥାଏ । ପୂର୍ବଜନ୍ମର ସଂସ୍କାର ସଂସ୍କୃତିରୁ ଗୁରୁବରଣ କରି ଦୀକ୍ଷା ଗ୍ରହଣ ପୂର୍ବକ ଧାରା ଧରି ଶ୍ରୀଗୁରୁଙ୍କ ନିର୍ଦ୍ଦେଶିତ ଯୋଗମାର୍ଗରେ ସାଧନା କରି ଗତି କଲେ କ୍ରମରେ ଯୋଗମାର୍ଗରେ ସୋପାନ ଶ୍ରେଣୀ ଅତିକ୍ରମ କରି ସୂକ୍ଷ୍ମଜଗତରେ ପ୍ରବେଶ କଲେ, ସ୍ଥୂଳଜଗତରେ ବୃତ୍ତିପ୍ରବୃତ୍ତିର ଭାବ କଟିଯାଏ ଓ ଯୋଗସାଧନ ବଳରୁ ଆତ୍ମଦର୍ଶନ ହୁଏ ଓ ତତ୍ପରେ ଅଧିକତର ସାଧନ କଲେ, ଆତ୍ମମିଳନ ହୁଏ । ଆତ୍ମମିଳନ ପରେ ଊର୍ଦ୍ଧ୍ୱସ୍ତରକୁ ଗତି କରିବାରେ ସାଧନ କଲେ କୈବଲ୍ୟ ପ୍ରାପ୍ତି ହୁଏ । ଆତ୍ମା କୈବଲ୍ୟ ପଥରେ ଊର୍ଦ୍ଧ୍ୱତର ଗତି କଲେ, ପରମାତ୍ମାଙ୍କର ଦର୍ଶନ ଲାଭ କରି ମାନବ ଜନମ ଓ ଜୀବନକୁ ସଫଳ, ସାର୍ଥକ କରି ଯୋଗୀ ସାଧକ ଶ୍ରୀଗୁରୁଙ୍କ ଅପାର କରୁଣା ଓ ଗୁରୁକୃପା ବଳରେ ନିଜକୁ ଧନ୍ୟ କରିପାରେ । ସେଠାରେ ପହଞ୍ଚିଲେ, ଯୋଗୀ ନିର୍ବାଣ ଲାଭ କରେ ଓ ଜନ୍ମ ମୃତ୍ୟୁ ଚକ୍ରରୁ ତ୍ରାହି ପାଇଯାଏ । ଫଳତଃ ଯୋଗୀର ପୁନର୍ଜନ୍ମ ହୁଏ ନାହିଁ । କେବଳ ପରମବ୍ରହ୍ମଙ୍କ ଇଚ୍ଛା ଓ ନିର୍ଦ୍ଦେଶରେ ଯୋଗୀ ଜଗତର ମଙ୍ଗଳ ଓ ବିଶ୍ୱର କଲ୍ୟାଣ ପାଇଁ ଗୁରୁ ଅଙ୍ଗରେ ଏହି ସ୍ଥୂଳ ଜଗତରେ ଭୂମିଷ୍ଠ ହୁଅନ୍ତି ।

ନିମ୍ନରେ ଏହି ତତ୍ତ୍ୱ ବୁଝିବା ନିମନ୍ତେ ଚିତ୍ରଟିଏ ଠାକୁରଙ୍କ କୃପାରୁ ଯୋଗମାର୍ଗରେ ସାଧକଙ୍କର ଅବଗତି ନିମନ୍ତେ ଦିଆଗଲା :-

| | | |
|---|---|---|
| ◉ | ⟷ | **ପରମାତ୍ମା (ନିର୍ବାଣ ମଣ୍ଡଳ)** |
| ↕ } | ⟷ | **କୈବଲ୍ୟ ପଥ (କୈବଲ୍ୟ)** |
| ● | ⟷ | **ଆତ୍ମ ମିଳନ କେନ୍ଦ୍ର** |
| ◉ | ⟷ | **ସୂକ୍ଷ୍ମ ଜଗତ** |
| ● | ⟷ | **ଆତ୍ମ ଦର୍ଶନ ସ୍ଥଳ** |
| ◉ | ⟷ | **ସ୍ଥୂଳ ଜଗତ (ବୃତ୍ତି ପ୍ରବୃତ୍ତିର ସ୍ଥଳ)** |

**ଏ ଉତ୍ତରରୁ ଅନୁସନ୍ଧିତ୍ସୁ ଶିଷ୍ୟ 'ଅକ୍ଷରଯାନ ମୋହ' ପ୍ରସଙ୍ଗରେ ଅଧିକ ଜାଣିବା ନିମନ୍ତେ ଇଚ୍ଛା ପ୍ରକାଶ କରି ଠାକୁରଙ୍କ ଶ୍ରୀପାଦପଦ୍ମରେ ସବିନୟ ନିବେଦନ କରି କହନ୍ତି ;**

**ଶିଷ୍ୟ ଉବାଚ :**

ଅକ୍ଷର ମୋହ ଯାନ ତତ୍ତ୍ୱ । ବୁଝାଇ ପ୍ରକାଶ ମହତ୍ତ୍ୱ ॥
ଜଗତ ନାଥ ଗୁରୁସ୍ୱାମୀ । କେଶବଚନ୍ଦ୍ର ଅନ୍ତର୍ଯ୍ୟାମୀ ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ସୃଷ୍ଟି ତତ୍ତ୍ୱର ଏ ମଣ୍ଡଳ । ଦ୍ୱିତୀୟ ସ୍ଥାନରେ ନିଖିଳ ॥
ଏହି ମଣ୍ଡଳ ଜଗତରେ । ପ୍ରାଣୀ ସହଜେ ଜାଣିପାରେ ॥
ସାଧକ ଏଥେଁ ଦେଲେ ଦୃଷ୍ଟି । ଅକ୍ଷର ମୋହ ଯାନ ସୃଷ୍ଟି ॥

ଏଠାରେ ଯାଇ ପହଞ୍ଚିଲେ । ସାଧକ ନିରୀକ୍ଷଣ କରେ ॥
ସର୍ବ ଅକ୍ଷର ଶବ୍ଦକୋଷ । ସମ୍ବନ୍ଧେ ଧାରଣା ଅବଶ୍ୟ ॥
ସମ୍ୟକ୍ ଭାବେ କରିପାରେ । ଏହି ମଣ୍ଡଳ ଅବସ୍ଥାରେ ॥
କରଇ ଅକ୍ଷର ଦର୍ଶନ । ହୁଅଇ ଶବଦ ଶ୍ରବଣ ॥
ସାଧକ ଇଚ୍ଛା କଲେ ଏହି । ଜାଣଇ ହୃଦଗତେ ବହି ॥
ଇଚ୍ଛା ନ କଲେ ନ ଜାଣଇ । ଏହି ମଣ୍ଡଳ ବିଧି ଏହି ॥

**ଶିଷ୍ୟ ଉବାଚ :**

ଗାନ୍ଧର୍ବ ମୋହ ଯାନ ସାର । ବୁଝାଇ ଦିଅ ହେ ଏଥର ॥
ଏହି ମଣ୍ଡଳ ତତ୍ତ୍ୱ କଥା । ଶୁଣିବି ନତ କରି ମଥା ॥
କହିବା ହୁଅ ଭାବଗ୍ରାହୀ । ମୋଠାରେ ସନ୍ତୋଷକୁ ବହି ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**


ପ୍ରାଣୀ ଧରିଣ ସୂକ୍ଷ୍ମ ମନ । ପହଞ୍ଚିପାରେ ଦେବଯାନ ॥
ଜଗତେ ତୃତୀୟ ମଣ୍ଡଳେ । ଗାନ୍ଧର୍ବ ବିଦ୍ୟା ଏଥି ଗଲେ ॥
ସେହି ମଣ୍ଡଳେ ଅବସ୍ଥାନ । ଏଠାରେ ରହିଅଛି ଜାଣ ॥
ଦେବଯାନରେ ତୃତୀୟରେ । ଏହି ମଣ୍ଡଳ ସ୍ଥିତି ଧରେ ॥
ପ୍ରାଣୀ ଏଠାରେ ଅବସ୍ଥାନ । କରିଣ ବିଦ୍ୟା ଅରଜନ ॥
ଇଚ୍ଛାରୁ ଗାନ୍ଧର୍ବ ବିଦ୍ୟାର । ଜ୍ଞାନ ଲଭଇ ଅସୁମାର ॥
ଇଚ୍ଛା ନ କଲେ ଜାଣେ ନାହିଁ । ଗାନ୍ଧର୍ବ ମୋହ ଯାନ ଏହି ॥
ନାନାଦି ନୃତ୍ୟ ଗୀତ ଆଦି । ଜ୍ଞାନ ଅର୍ଜନ ଇଚ୍ଛା ଯଦି ॥
ଏହି ମୋହର ପାଶେ ପଡ଼ି । ପ୍ରାଣୀ ନିଅଇ ହେଳେ କାଢ଼ି ॥

ଏତାଦୃଶ ଭାବରେ ଭକ୍ତବତ୍ସଳ ପ୍ରଭୁ ଶ୍ରୀକେଶବଚନ୍ଦ୍ର ପ୍ରିୟ ଜିଜ୍ଞାସୁ ଶିଷ୍ୟର ଅନୁସନ୍ଧିତ୍ସୁ ମନର ଏକାଗ୍ରତାକୁ ଲକ୍ଷ୍ୟ କରି ଶିଷ୍ୟଠାରେ ପରମ ସନ୍ତୋଷ ବହି ପ୍ରଥମେ ଅକ୍ଷର ମୋହଯାନ ତତ୍ତ୍ୱ ଓ ତତ୍‌ପରେ ଗାନ୍ଧର୍ବ ମୋହ ଯାନ ତତ୍ତ୍ୱ ସମ୍ବନ୍ଧୀୟ ସକଳ ତଥ୍ୟ ଆଲୋଚନା ପ୍ରସଙ୍ଗରେ ଶିଷ୍ୟର ବୋଧଗମ୍ୟ ହେବା ଭଳି ସହଜ ସୁନ୍ଦର ସରଳ ଭାଷାରେ ଅବଗତ କରାଇ ଅଛନ୍ତି । ଏହି ଶାକ୍ୟସାକ୍ତ ମୋହ ପ୍ରସଙ୍ଗରେ ପ୍ରକରଣ ଅନୁକ୍ରମରେ ଆଲୋଚିତ ହୋଇଅଛି । ଏହି ମୋହ ଗୁର୍ବାଙ୍ଗଂଜନ ମୋହ ବା ସାତ୍ତ୍ୱିକ ମୋହର ଅଷ୍ଟାଦଶ ପ୍ରକରଣ କ୍ରମ ଅଟେ ।

ନଜର ଅହଂଗଣର ସଷ୍ଟ ହୋଇଥବା ଅଘଟଣ ଅହଂ ବନାଶ ପରେ କେବଳ ଜଣାପଡ଼େ । ସେତେବେଳେ କତକମ ପାଇ ବମଖ ନ ହୋଇ ଅହଂ ନାଶ ହୋଇଥବାର ଆନନ୍ଦତ ହଅ ଓ ଅହଂନାଶକାରୀ ପରମପତାଙ୍କ ନକଟରେ କତଜ୍ଞ ହଅ । ମାତ ସେହ କମ ପାଇ ଅନତାପ କର ଯଦ ଆତ୍ମାହତ ଦେବାକ ଚନ୍ତାକର, ତେବେ ଜଣାପଡ଼ବ ଯେ, ତମେ ଅହଂଗଣକ ତ୍ୟାଗ କର ବଞ୍ଚି ପାରବ ନାହ । ତେଣ ଅହଂର ନାଶରେ ତମେ ବବତ ହୋଇ ଯାଉଅଛ ।

-ଶ୍ରୀଶ୍ରୀଶ୍ରୀ ଠାକୁର

# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

ଜନନୀ ପ୍ରେମର ସାଗର । ଜନନୀ ଭବ ପାରାବର ॥
ଜନନୀ ଶ୍ରଦ୍ଧା ସୁଧାମାନ । ଜନନୀ ସହେ ନିନ୍ଦାଗାନ ॥

*ମହାଭାରତୀୟ ସଂସ୍କୃତିର ସର୍ବଶ୍ରେଷ୍ଠ ଉପହାର : ନାରୀପୂଜା । ପୂଜ୍ୟାର ପୂଜାରେ ବ୍ୟତିକ୍ରମ କଲେ ଅନର୍ଥ ସୃଷ୍ଟି ହୋଇ ସର୍ବାଂଶେ ବିନାଶ ହୁଏ । ପୌରୁଷର ଅହଂକାରରେ ନାରୀ ନିର୍ଯ୍ୟାତନାର ପରିଣାମ ଭୟାବହ । ମାତୃଜାତିର ଉପଯୁକ୍ତ ବନ୍ଦନାରେ ଜାତୀୟ ଜୀବନ କଳୁଷମୁକ୍ତ ହୋଇ ପ୍ରଗତିଶୀଳ ହୋଇଥାଏ । ସେହି ମହନୀୟା ନାରୀମାନଙ୍କର ପୂଜା ନିମନ୍ତେ ''ଚରମ''ର ପ୍ରତ୍ୟେକ ପୁଷ୍ପର ପ୍ରତିଟି ପାଖୁଡ଼ାରେ ଆମର ଅର୍ଘ୍ୟ ନିବେଦନ....*

## ନାରୀ ହିଁ ପ୍ରକୃତି

''ବ୍ରହ୍ମ'' ସ୍ୱୟଂ ନିଜକୁ ଦୁଇ ଭାଗରେ ବିଭକ୍ତ କରି ଏ ସୃଷ୍ଟି ନିର୍ମାଣ କରିଛନ୍ତି । ଦୁଇ ଭାଗରୁ ଗୋଟିଏ ଭାଗରେ 'ପ୍ରକୃତି' ଅଂଶ ନେଇ ''ସମସ୍ତ ସୃଷ୍ଟି''କୁ ପ୍ରକୃତିର ଶୋଭା ପ୍ରଦାନ କରି ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଛନ୍ତି । ତାଙ୍କର ଏହି ପ୍ରକୃତି କବଳିତ ସୃଷ୍ଟିରେ ''ବୈଷ୍ଣବୀ ମାୟା'' ସୂକ୍ଷ୍ମରେ ମର୍ତ୍ତ୍ୟଭୂମିକୁ ଅହରହ ଆଶିଷ ପ୍ରଦାନ କରୁଛନ୍ତି । ସେହି ଆଶିଷର ଏକ ମାଧ୍ୟମ ହେଉଛି କଲ୍ୟାଣମୟୀ ମାଆ (ନାରୀ) । ଏହି ଆନନ୍ଦମୟୀ ଜନନୀ :

୧. ମର୍ତ୍ତ୍ୟଭୂମିରେ ଜୀବ ଶରୀରରେ ସ୍ନେହ, ଶ୍ରଦ୍ଧା, ପ୍ରୀତି, ପ୍ରେମ ଭରି ଦେଇଛି । ଜନନୀ ଭୂମିକାରେ ଅବତୀର୍ଣ୍ଣା ହୋଇ ସନ୍ତାନ ବତ୍ସଳତାର ପ୍ରମାଣ ଦେଉଛି । ଭଗ୍ନୀ ଭୂମିକାରେ ରହି ଶ୍ରଦ୍ଧା, ପ୍ରେରଣା ଯୋଗାଇ ଦେଉଛି । ଜାୟା ରୂପରେ ପୁରୁଷର ଅଙ୍ଗସଖୀ ହୋଇ ପୁରୁଷର ଜୀବନଚକ୍ରକୁ ପ୍ରେମ, ପ୍ରୀତିର ରଜ୍ଜୁ ଦ୍ୱାରା ନିୟନ୍ତ୍ରଣ କରୁଛି । ପୁନଶ୍ଚ ଆବଶ୍ୟକ ସ୍ଥଳେ ସଂହାର କ୍ରିୟାରେ ସହଯୋଗ କରି ଧ୍ୱଂସର ବାହକ ମଧ୍ୟ ହେଉଛି ।

୨. ପ୍ରକୃତି ନିର୍ମାଣ କରି ପିଣ୍ଡରେ ମାୟା ରଜ୍ଜୁ ଦ୍ୱାରା ବନ୍ଧନ କରି ରଖିଛି । ଯାହାଦ୍ୱାରା ପ୍ରକୃତିସ୍ଥ ମାୟାଦ୍ୱାରା ଜୀବ ଜୀବନ ଧାରଣ କରିଛି । ପିଣ୍ଡରେ ମାୟା ରଜ୍ଜୁ ମାଧ୍ୟମରେ ସ୍ନାୟୁ କୋଷକୁ ପ୍ରାରବ୍ଧ, କ୍ରିୟମାଣ ଓ ସଞ୍ଚିତ କର୍ମଫଳ ଭୋଗ୍ୟରେ ଭାଗ ନେଉଛି ।

୩. ନଦନଦୀ, ଗଛଲତା, ବନ୍ୟଜନ୍ତୁ ଆଦି ସମସ୍ତଙ୍କର ଶୋଭାବର୍ଦ୍ଧନ କରୁଅଛି । ଚଳଣି କ୍ରିୟାଦ୍ୱାରା ପ୍ରକୃତିସ୍ଥ ମାୟା ଏହି ଶୋଭାବର୍ଦ୍ଧନରେ ସାହାଯ୍ୟ କରୁଛି ।

୪. ଜୀବ ଅଚେତନ ହେଲେ ମଧ୍ୟ ଚେତା ରଜ୍ଜୁର ମାୟାଚଳନି ଦ୍ୱାରା ଜୀବନ ଅତିବାହିତ କରୁଅଛି । ଏହା ମଧ୍ୟ ସେହି କଲ୍ୟାଣମୟୀ ମାଆର କାର୍ଯ୍ୟ ।

ଉଦାହରଣ:- ପଶୁ, ପକ୍ଷୀ, ଜଳଚର (ମାଛ, ବେଙ୍ଗ ଇତ୍ୟାଦି) ସ୍ଥଳ ଭାଗରେ ଦେଖାଯାଏ । ବହୁଳ ସ୍ନେହ, ମମତା ରଜ୍ଜୁ ଦ୍ୱାରା ମହୁମାଛି, ଜନ୍ଦା, ପିମ୍ପୁଡ଼ି, ଉଇ, ମେଣ୍ଢା, ମହିଁଷି ଇତ୍ୟାଦି ସେମାନଙ୍କର ଚଳନି କ୍ରିୟା ସମାହିତ କରିଥାନ୍ତି । ଏହା ଏକ ସ୍ୱୟଂଚାଳିତ ପ୍ରକ୍ରିୟା ଦ୍ୱାରା ସେହି ପ୍ରକୃତି ଅଂଶ ବ୍ରହ୍ମଙ୍କ ଦ୍ୱାରା ସମାହିତ ହୋଇଥାଏ ।

ଉଇ ମଧ୍ୟରେ ମାଆ ସ୍ନେହ, ମମତା ଓ ପ୍ରେମ ଅଗାଧ ଭାବେ ଭରି ଦେଇଛନ୍ତି । ମାଆର ମାୟାଜାଲ ମର୍ତ୍ତ୍ୟଧାମକୁ ଏଭଳି କରାଇ ଦେଇଛି । ଉଇ ମଧ୍ୟରେ ମାଆ ଉଇ ବା ରାଣୀ ଅଛି । ହିରଣ୍ୟଗର୍ଭରେ ଶୁଣ ରଜ୍ଜୁ ମାୟାର କର୍ମୀ ମାଆଙ୍କ ଦାୟିତ୍ୱରେ ଥାଏ । ଉଇ ପିଣ୍ଡ ମଧ୍ୟରେ ''ବ୍ରହ୍ମ'' ଅବସ୍ଥାନ କରି ସୂକ୍ଷ୍ମରେ ବିଷପଞ୍ଜରରେ ରହିଥାଏ ଏବଂ ଲାଳନ କର୍ମୀମାନଙ୍କର ସ୍ନାୟୁକୋଷ ଆଣି ଧରାଧାମରେ ଭୂମିଷ୍ଠ ହୁଏ । ଉଇ ମାଆ ଚିନ୍ତାକରେ 'ମୁଁ ଧରାଧାମରେ କିପରି ରହିବି ?'' ସେ ତ ନରଲୋକ ଭଳି ନୁହେଁ । ତା ଭିତରେ ''ଶବ୍ଦ ଶୁଣ''ର ଭାବ ରହିଅଛି । ଉଇ ବାପା, ମାଆ ପରସ୍ପରକୁ ମୁଖ ଦ୍ୱାରା ଚୁମ୍ବି ହୋଇ ଭାବର ଆଦାନପ୍ରଦାନ କରନ୍ତି । ଏହି ଭାବଦ୍ୱାରା ସମ୍ଭୋଗ ହୋଇ ଅନେକ ଉଇ ମଧ୍ୟ ଜନ୍ମ ନିଅନ୍ତି । ସେମାନଙ୍କର ମମତାର ଭାବ ପରସ୍ପରକୁ କର୍ମବନ୍ଧନର ସୂତ୍ରରେ ବନ୍ଧନ କରିଦିଏ । ତାଙ୍କ ମଧ୍ୟରେ ପ୍ରଧାନ କର୍ମୀଉଇ ନିକଟରେ ମାଆର ସ୍ନେହ ଅଗାଧ ଥାଏ । ସେ କ୍ରିୟାଶୀଳ ଚିନ୍ତା ଦ୍ୱାରା ଘର ତିଆରି ପାଇଁ ମାୟାରଜ୍ଜୁ ଭାବରସ ମୃତ୍ତିକା ନେଇ ଘର ନିର୍ମାଣ କରେ । ପ୍ରକୃତିସ୍ୱରୂପିଣୀ ସୂକ୍ଷ୍ମ ମାଆ ପରୋକ୍ଷରେ ଆଶିଷ ପ୍ରଦାନ କରି ଲକ୍ଷାଧିକ ଉଇଙ୍କ ପିଣ୍ଡରେ ସ୍ନେହର ଭାବ ଚାଳନ କରନ୍ତି । ତଦ୍ୱାରା ପ୍ରଥମ ଉଇର ଗତିକୁ ସମସ୍ତେ ଅନୁଧ୍ୟାନ କରି ବିଜୁଳି ପ୍ରକାରନ୍ତେ କାର୍ଯ୍ୟ କରିବାପାଇଁ ଆଗେଇ ଆସନ୍ତି । ମାଆ ମମତା ଦ୍ୱାରା ଏଭଳି କାର୍ଯ୍ୟ କରାଉଥାଆନ୍ତି ଯେ, କାରଖାନା ଭଳି ଦିନରାତି ଗୃହ ନିର୍ମାଣ କାର୍ଯ୍ୟ ଚା ିଥାଏ ।

କ୍ରମଶଃ.......

ମାଆ ମାଆ ଡାକ ଲାଗିଥାଉ ।
ମାଆ ମୋ ମହତ ମାୟାରେ ॥

ମୋହ ଜାଲରେ ତୁ ଛାଡ଼ି ଦେଲୁ
ମୋଚିକା ରୂପରେ ପାଦ ଦେଲୁ ॥

ତନୁ ମନ ତୋର ଚରଣେ ଦିଅ
ଚନ୍ଦନ ପିଣ୍ଡ ତୁ ଦେଖେ ବ୍ରହ୍ମାଣ୍ଡ ॥

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

କେଉ ଧନ ମନେ ଆଶାରଖି ମୁହ
ବାଳୁତ କାଳରୁ ସଞ୍ଚିବି ?
ତୋହ ଠାରୁ ଆଉ କେଉଁ ଧନ ବଡ଼
ଯାହାକୁ ଆଦରି ବଞ୍ଚିବି ?

ଥରେ ତୁହ ଧନ ହସ ହସ ମୁଖେ
ଅମୁହାଁ ଦେଉଳେ ବସିଯା ।
ନିର୍ଦ୍ଧନ କଳଙ୍କ ପୋଛି ଦେଇ ମୋର
ଧନୀପଣେ ନାମ ଲେଖିଯା ।।

*ମନୁଷ୍ୟର ଜୀବନ ପର୍ଯ୍ୟାୟ ଅତି ବିଚିତ୍ର । ମାତୃଗର୍ଭରୁ ଜନ୍ମ ନେବା ସମୟରୁ ଭୂଇଁ ଗର୍ଭରେ ବିଶ୍ରାମ ନେବା ପର୍ଯ୍ୟନ୍ତ ଅନେକ ସଫଳତା, ବିଫଳତାର ସ୍ୱାଦୁରେ ତା'ର ଜୀବନଚକ୍ର ରସାଣିତ ହୋଇଥାଏ । ତେବେ ଶୈଶବରୁ ଯେଉଁ ଶୃଙ୍ଖଳା, ଧାରାରେ ତା'ର ଚରିତ୍ର, ସ୍ୱଭାବ ଗଠନ ହୋଇଥାଏ ତାହାହିଁ ତାର ଭବିଷ୍ୟତ କର୍ମପ୍ରବାହରେ ପ୍ରତିଫଳିତ ହୋଇଥାଏ ଏବଂ ଜୀବନର ସଫଳତା ଓ ବିଫଳତା ସେହି କର୍ମଫଳ ଉପରେ ନିର୍ଭର କରିଥାଏ । ତେଣୁ ବାଲ୍ୟ ସମୟ ହିଁ ଭବିଷ୍ୟତ ଜୀବନର ଭିତ୍ତିଭୂମି । ଠାକୁରେ ସେହି ତତ୍ତ୍ୱକୁ ବିଚାରକୁ ନେଇ ଚପଳମତି କିଶୋର/କିଶୋରୀମାନଙ୍କୁ ଭବିଷ୍ୟତ ସଫଳତାର ଶୀର୍ଷରେ ପହଞ୍ଚାଇବାର ଲକ୍ଷ୍ୟ ରଖି ଏହି ସ୍ତମ୍ଭରେ ଧାରାବାହିକ ଭାବରେ କେତେଜଣ ମହାପୁରୁଷଙ୍କର ବାଲ୍ୟଅବସ୍ଥା ଠାରୁ ଦୁର୍ଲ୍ଲଭ ପ୍ରାପ୍ତି ପର୍ଯ୍ୟନ୍ତ ଅମରଗାଥାକୁ ପ୍ରକାଶ କରାଇବାର ଆଶୀର୍ବାଦ ପ୍ରଦାନ କରିଛନ୍ତି ।*

## ଦେବଶିଶୁ ସୁଧାନନ୍ଦ

**ମା**ତୃଗର୍ଭରେ ବିନ୍ଦୁ ସ୍ଥାପନ ହେବାମାତ୍ରେ ପିତା, ମାତା ଉଭୟେ ଆଗନ୍ତୁକ ଶିଶୁର ପ୍ରତୀକ୍ଷାରେ ବ୍ୟାକୁଳ ହୋଇ ଉଠନ୍ତି । ମନେ ମନେ ଠାକୁରଙ୍କ ନିକଟରେ ଅଳି କରନ୍ତି, ''ହେ ପ୍ରଭୁ ! ସୁସନ୍ତାନଟିଏ ଦିଅ ।'' କିନ୍ତୁ ସମସ୍ତ ପିତା, ମାତାଙ୍କର ଏହି ଅଳି କ'ଣ ପୂର୍ଣ୍ଣ ହୋଇଥାଏ । ନାଁ ! ସମସ୍ତଙ୍କର ମନୋବାଞ୍ଛା ପୂର୍ଣ୍ଣ ହୋଇପାରେ ନାହିଁ । କେବଳ ଯେଉଁ ପିତା, ମାତା ସଦାଚାର ହୋଇ ପରମାର୍ଥ ପଥରେ ନିଜକୁ ଉତ୍ସର୍ଗ କରିବା ସହିତ ଇଷ୍ଟଦେବଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ ରଖିଥାଆନ୍ତି, କେବଳ ସେହିମାନଙ୍କର ଅଳି ପୂର୍ଣ୍ଣ କରିଦିଅନ୍ତି ପୂର୍ଣ୍ଣେଶ୍ୱର ଭାବଗ୍ରାହୀ ଶ୍ରୀଠାକୁରେ ।

ସେହି ପର୍ଯ୍ୟାୟର ଏକ ଦମ୍ପତି ଶ୍ରୀମଦ୍‌ପାଟଣା ଗ୍ରାମରେ ଅବସ୍ଥାନ କରୁଥିଲେ । ପାଟରାକୂଳରେ ଏହି ଛୋଟ ପରିବାରଟିରେ ସ୍ୱାମୀ ସତ୍ୟବ୍ରତ ଓ ସ୍ତ୍ରୀ ସାରଥୀଙ୍କ ବ୍ୟତୀତ ଆଉ କେହି ନ ଥିଲେ । ସ୍ୱାମୀ, ସ୍ତ୍ରୀ ଉଭୟେ ବିଷ୍ଣୁ ଉପାସକ ଥିଲେ । ଶ୍ରଦ୍ଧା, ଭକ୍ତି, ପ୍ରେମ ଓ ବିଶ୍ୱାସର ସହ ସର୍ବଦା ପ୍ରଭୁଙ୍କ ଉପାସନାରେ ନିଜକୁ ଉତ୍ସର୍ଗ କରିଥିଲେ । କିନ୍ତୁ ଆକୁଳ ହୋଇ ଶ୍ରୀଚରଣାରବିନ୍ଦରେ ପ୍ରଣତି ନିବେଦନ କରୁଥିଲେ ସେମାନଙ୍କର ଶୂନ୍ୟ କୋଳ ମଣ୍ଡନ କରି ଗୋଟିଏ ସୁସନ୍ତାନ ପାଇଁ । ଭକ୍ତବତ୍ସଳ ସେ । ନିଷ୍ଠାବାନ୍ ଭକ୍ତର କୌଣସି ଇଚ୍ଛା ଅପୂର୍ଣ୍ଣାଙ୍ଗ ରଖନ୍ତି ନାହିଁ ଭାବଗ୍ରାହୀ । ଭକ୍ତ ଦମ୍ପତିଙ୍କ ପ୍ରାର୍ଥନା ଗ୍ରହଣ କଲେ । ମାତୃଗର୍ଭରେ ବିନ୍ଦୁସ୍ଥାପନ ହେଲା । ପିତାମାତାଙ୍କର ଆନନ୍ଦର ସୀମା ନାହିଁ । ଅଧିର ଭାବରେ ଆଗାମୀ ବଂଶଧରକୁ ଅପେକ୍ଷା କରି ରହିଲେ । ମନରେ ଅନେକ ଆଶା, ଆକାଂକ୍ଷାର ସୂତ୍ରପାତ ହେବାକୁ ଲାଗିଲା । ଶେଷରେ ପ୍ରତୀକ୍ଷାର ଶେଷ ହେଲା ।

ଚନ୍ଦନ ପୂର୍ଣ୍ଣିମାର ପବିତ୍ର ଲଗ୍ନ । ଶିଶୁର ଜନ୍ମ ସମୟ ଉପଗତ । କିନ୍ତୁ ମାଆ ସାରଥୀ ଗଭୀର ନିଦ୍ରାରେ ମୋହିତ । ସ୍ୱପ୍ନରେ ଦେଖୁଛନ୍ତି, ଯୋଗମାୟା ତାଙ୍କୁ କହୁଛନ୍ତି, ''କିଛି ସମୟ ପରେ ତୋ ଗର୍ଭରୁ ଏକ ପୁତ୍ର ଜନ୍ମ ହେବ । କିନ୍ତୁ ସେ ପୁତ୍ର ତୋର ନୁହେଁ । ମୋର ପୁତ୍ର ସେ । ତା ପ୍ରତି ଭରସା ରଖିବୁ ନାହିଁ । ସେ ଜ୍ଞାନକୁଳ ଚନ୍ଦ୍ରମା । ଜନ୍ମ ସମୟରେ କୁଆଁରବ ପରିବର୍ତ୍ତେ ତିନିଥର ରାମନାମ ଉଚ୍ଚାରଣ କରିବ । ଭୟ କରିବୁ ନାହିଁ କି ବିବ୍ରତ ହେବୁ ନାହିଁ ।'' ସ୍ୱପ୍ନଭଙ୍ଗ ହେଲା । ନିଦ୍ରା ଅପସରି ଗଲା । ମାଆ ଶିହରି ଉଠିଲେ । ହଠାତ୍ ପ୍ରସବ ବେଦନା ଆରମ୍ଭ ହୋଇଗଲା । ଗୃହରେ ଧୂମ୍ରବର୍ଣ୍ଣର ଜ୍ୟୋତି ଛାଇ ହୋଇଗଲା । ସ୍ୱପ୍ନର ବିବରଣୀ ସତ୍ୟ ହେଲା । ଅପୂର୍ବ ଆଭାନେଇ ଜନ୍ମ ନେଲା ଏକ ପୁତ୍ରସନ୍ତାନ । କୁଆଁ ରାବ ପରିବର୍ତ୍ତେ ତିନିଥର ରାମନାମ ଜପ କଲା ସେ ଦେବଶିଶୁ ।

ଜନ୍ମର ସପ୍ତମ ଦିନ ଅଖଣ୍ଡାନନ୍ଦ ସରସ୍ୱତୀ ନାମକ ଏକ ସନ୍ନ୍ୟାସୀ ଆସି ସତ୍ୟବ୍ରତଙ୍କ ଘରେ ପହଞ୍ଚିଲେ । ନବଜାତ ଶିଶୁକୁ ଦେଖି ତାକୁ ଆଶୀର୍ବାଦ ଦେବାର ଇଚ୍ଛା ପ୍ରକାଶ କଲେ । ଭଗବଦ୍ ବିଶ୍ୱାସୀ ପିତା ଅସ୍ୱୀକାର ବା କାହିଁକି କରିବେ ? ଶ୍ରଦ୍ଧା, ଭକ୍ତିର ସହ ସନ୍ନ୍ୟାସୀଙ୍କୁ ଶିଶୁ ନିକଟକୁ ନେଇଗଲେ । ଆଶୀର୍ବାଦ କରିବା ବାହାନାରେ ସନ୍ନ୍ୟାସୀ ଅଖଣ୍ଡାନନ୍ଦ ଶିଶୁଟିର କାନରେ ମୁହଁ ଲଗାଇ ଫୁସ୍ ଫୁସ୍ କରି କ'ଣ କହିବାକୁ ଲାଗିଲେ । ସନ୍ନ୍ୟାସୀଙ୍କ କଥା ଶୁଣି ମାତ୍ର ସାତଦିନର ଶିଶୁ ମୁରୁକି ହସା ଦେଲା । ଏହା ଦେଖି ପିତାମାତା ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । କ'ଣ କରିବେ, କ'ଣ ପଚାରିବେ କିଛି ସ୍ଥିର କରି ନ ପାରି ବ୍ୟାକୁଳ ହୋଇ କେବଳ ସନ୍ନ୍ୟାସୀଙ୍କୁ ଚାହିଁ ରହିଲେ । ଅଖଣ୍ଡାନନ୍ଦ ଶିଶୁକୁ କୋଳରେ ଧରି ବସିଲେ । ପିତାମାତା ଉଭୟଙ୍କୁ ସହାସ୍ୟ ବଦନରେ କହିଲେ, ''ମୁଁ ଏ ଶିଶୁର ନାମକରଣ କରୁଛି । ଏହାର ନାମ ସୁଧାନନ୍ଦ ହେବ । ଏ ଶିଶୁ ''ବଜ୍ରସିଦ୍ଧି'' ଜ୍ଞାନ ସାଧନ କରିବ । ଏହାକୁ ଚାରିବର୍ଷ ସାତମାସ ହେବା ମାତ୍ରେ ମୋ ଆଶ୍ରମରେ ତୁରନ୍ତ ଛାଡ଼ି ଦେଇ ଆସିବ ।'' କିନ୍ତୁ ଦୀର୍ଘଦିନର ଅପେକ୍ଷାରେ କୋଳ ମଣ୍ଡନ କରିଥିବା କୁଳଚନ୍ଦ୍ରମାକୁ ଏପରି ଅଚାନକ ତ୍ୟାଗ କରିବାକୁ ହେବ । ଏକଥା ଜନ୍ମଦାତା ଓ ଜନ୍ମଦାତ୍ରୀ କିପରି ଗ୍ରହଣ କରିପାରିବେ । ଅନୁନୟ କରି ନିଷ୍ପତ୍ତି ପରିବର୍ତ୍ତନ ପାଇଁ ସନ୍ନ୍ୟାସୀଙ୍କୁ ପ୍ରାର୍ଥନା କଲେ । କିନ୍ତୁ ସନ୍ନ୍ୟାସୀ କୌଣସି ଉତ୍ତର ନ ଦେଇ ପ୍ରତ୍ୟାବର୍ତ୍ତନ କରିଗଲେ । ଦୁଃଖ, ଆଶଙ୍କା ମଧ୍ୟରେ ରହିଗଲେ ଆଶାୟୀ ପିତା, ମାତା ।

ସୁଧାନନ୍ଦ ପୂର୍ଣ୍ଣିମାର ଚାନ୍ଦ ପରି ବଢ଼ିବାକୁ ଲାଗିଲା । ବୟସ ଦୁଇବର୍ଷ ସାତମାସ । ଏକୁଟିଆ ଶୋଇଥିବା ଅବସ୍ଥାରେ ଗୋଟିଏ ''ହଳଦୀବସନ୍ତ'' ପକ୍ଷୀ ଉଡ଼ିଆସି ସୁଧାନନ୍ଦର ମୁଖରେ ତାର ଚଞ୍ଚୁ ସାହାଯ୍ୟରେ ଚୁମ୍ବନ ଦେଲା । ସେହି ଚୁମ୍ବନ ମାଧ୍ୟମରେ ସତେ ଯେପରି ଶିଶୁଟିକୁ କିଛି ନିର୍ଦ୍ଦେଶ ବା ଉପଦେଶ ଦେଲା । ଏଠାରେ କହିବା ବାହୁଲ୍ୟ ଯେ, ସେ ହଳଦୀବସନ୍ତ ପକ୍ଷୀଟି ହେଉଛି ସୁଧାନନ୍ଦଙ୍କ ପୂର୍ବଜନ୍ମର ଧ୍ୟାନଗୁରୁ । ଅଭିଶପ୍ତ ହୋଇ ପକ୍ଷୀଜନ୍ମ ହୋଇଛନ୍ତି ସିନା, କିନ୍ତୁ ପ୍ରିୟ ଶିଷ୍ୟକୁ ଭୁଲିବେ କିପରି ?

କ୍ରମଶଃ.....

ସହି, ବାହି କର୍ମଧାରାର ସ୍ରୋତରେ
ଭାସି ଯାଉଥାଏ ଯିଏ ।
ଏ ମର ସଂସାରେ ଲୀଳା ଭୂମି ପରେ
ମହତ ଅଟଇ ସିଏ ।।

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

**ଆତ୍ମବିକାଶର ସ୍ୱରୂପ କ'ଣ ? ଏହାକୁ ଜୀବନର ବିଭିନ୍ନ ସୋପାନ ବୋଲି କୁହାଯାଇପାରେ । ଆଧ୍ୟାତ୍ମିକ ଉନ୍ନତିର କ୍ରମ ବୋଲି ମଧ୍ୟ ଆତ୍ମବିକାଶକୁ କୁହାଯାଇପାରେ । ଏହାକୁ ସ୍ୱାର୍ଥପରତାର କ୍ରମସଂସ୍କାର ଆଖ୍ୟା ମଧ୍ୟ ଦିଆଯାଇପାରେ ।** ତଥାପି, ଆତ୍ମବିକାଶର ଅର୍ଥ ଯାହା ହେଉନା କାହିଁକି, ଏ ବିଷୟରେ ସିଦ୍ଧାନ୍ତ କିନ୍ତୁ ବିଲକ୍ଷଣ ବୋଲି ପ୍ରତୀୟମାନ ହୋଇପାରେ । ଜୀବନର ବକ୍ରତା, କୁଟିଳତା, ସୀମାବଦ୍ଧତା ଅପୂର୍ଣ୍ଣ ଆତ୍ମବିକାଶର ପ୍ରତୀକ । ପୂର୍ଣ୍ଣାବସ୍ଥାରେ ଭେଦାଭେଦ, ଉଚ୍ଚନୀଚ, ବଡ଼ସାନ, ସମ୍ମାନ ଅସମ୍ମାନ, ଯଶ ଅପଯଶ, ନିନ୍ଦା ପ୍ରଶଂସା, ଗମନ ଆଗମନ ପ୍ରତ୍ୟାଗମନ ଆଦିର ବିଚାର ହିଁ ନ ଥାଏ । ସେତେବେଳେ ଆତ୍ମା କହେ: ମୁଁ କେବଳ ଏ କ୍ଷୁଦ୍ର ଶରୀରରେ ଆବଦ୍ଧ ନୁହେଁ । ମୁଁ ବିଶ୍ୱସ୍ୱରୂପ, ମୁଁ ତୁମଠାରୁ ଅଭିନ୍ନ । ବେଳେବେଳେ ଅନେକେ ମହାନୁଭବ ବ୍ୟକ୍ତିମାନଙ୍କୁ ହୀନଦୃଷ୍ଟିରେ ଦେଖି ପାଗଳ ବୋଲି କହିଥାନ୍ତି । କିନ୍ତୁ ସେହି ପାଗଳଙ୍କୁ ପଚାର ତ-ମୁହୂର୍ତ୍ତକ ପାଇଁ ହେଲେ ତୁମମାନଙ୍କର ସମସ୍ତ ଧନ ସମ୍ପଦ, ପ୍ରତିପତ୍ତି ଆଦିର ବିନିମୟରେ ସେ ତାଙ୍କର ପ୍ରାପ୍ତ ସ୍ୱର୍ଗସୁଖ-ସ୍ୱର୍ଗୀୟ ମାଦକତା-ଭଗବଦ୍ ପ୍ରେମାନନ୍ଦ ତୁମକୁ ଦେଇ ଦେବେ କି ? ହେ ବୀର ଯୁବ ସମାଜ । ତୁମେ ଆତ୍ମାର ଗୌରବ ଓ ମହତ୍ତ୍ୱ ଗାନ କର । ନୃପତିର ଐଶ୍ୱର୍ଯ୍ୟକୁ ଉପହାସ କର । ତୁମେମାନେ ବିଚିତ୍ରକର୍ମା, ବୀର । ତୁମମାନଙ୍କ ପାଇଁ ଆମର ଉପହାର......

## ନିଷ୍କାମ କର୍ମ

"ବଚନ କର୍ମ ମନ ମୋରି ଗତି ଭଜନୁ କରହିଁ ନିଷ୍କାମ ।
ତିହକେ ହୃଦୟ କମଲ ମହୁଁ କରଉଁ ସଦା ବିଶ୍ରାମ ।। (ରାମଚରିତ ମାନସ:୩/୧୬)

ସନ୍ତପ୍ରବର ମହାତ୍ମା ତୁଳସୀଦାସ ରାମଚରିତମାନସରେ ନିଷ୍କାମକର୍ମର ପ୍ରଶସ୍ତି ଗାନ କରି ଉପଦେଶ ଛଳରେ ଶ୍ରୀରାମଚନ୍ଦ୍ରଙ୍କର ଶ୍ରୀମୁଖକମଳରେ ପ୍ରକାଶ କରନ୍ତି: ଯେଉଁ ବ୍ୟକ୍ତି ମନ ବଚନ ଓ କର୍ମରେ ନିଷ୍କାମ କର୍ମଯୋଗ ଭାବଯୁକ୍ତ ମୋର ଭଜନ କରେ, ତାହାର ହୃଦୟପଦ୍ମରେ 'ମୁଁ ଈଶ୍ୱର' ସର୍ବଦା ବାସ କରୁଥାଏ । ଏହି ତତ୍ତ୍ୱାର୍ଥର ପ୍ରାମାଣିକ ତଥ୍ୟ ଶ୍ରୀମଦ୍‌ଭାଗବତରେ ଭଗବାନ ପରମପୁରୁଷଙ୍କୁ ସ୍ୱୟଂ ବ୍ରହ୍ମାଙ୍କ ପ୍ରାର୍ଥନା ପ୍ରସଙ୍ଗରେ ସ୍ପଷ୍ଟତଃ ଲିପିବଦ୍ଧ ହୋଇଅଛି:

"ତ୍ୱଂ ଭକ୍ତିଯୋଗ ପରିଭାବିତ ହୃଦ୍ ସରୋଜ ।
ଆସ୍‌ସେ ଶ୍ରୁତେ କ୍ଷିତ ପଥୋନନୁନାଥ ପୁଂସାମ୍ ।
ଯଦ୍ ଯଦ୍ଧିୟାତ ଉରୁଗାୟ ବିଭାବୟନ୍ତି ।
ତତ୍ତଦ୍‌ବପୁଃ ପ୍ରଣୟସେ ସଦନୁଗ୍ରହାୟ ।।" (ଶ୍ରୀମଦ୍ ଭାଗବତମ୍: ୩/୯/୧୧)

ଅର୍ଥାତ୍: (ବ୍ରହ୍ମା ପ୍ରାର୍ଥନା କରି ଭଗବାନ୍ନାରାୟଣଙ୍କୁ କହୁଅଛନ୍ତି- ହେ ଭଗବାନ ! ଆପଣ ଆପଣଙ୍କର ଶୁଦ୍ଧ ଭକ୍ତଗଣଙ୍କର ଶ୍ରବଣ ଏବଂ ଦୃଷ୍ଟିପଥରେ ସର୍ବଦା ବାସ କରନ୍ତି । ଆପଣ ମଧ୍ୟ ସେମାନଙ୍କର ଭକ୍ତିପୂର୍ଣ୍ଣ ସେବା

ଦ୍ୱାରା ପବିତ୍ର ହୋଇଥିବା କମଳ ସଦୃଶ ହୃଦୟରେ ବାସ କରନ୍ତି । ଭକ୍ତକୋଟିର ପ୍ରାର୍ଥନାରେ ମହିମାମଣ୍ଡିତ ହୋଇଥାଆନ୍ତି । ହେ ଭଗବାନ୍ ! ଆପଣଙ୍କର ଭକ୍ତଗଣ ଯେଉଁ ରୂପରେ ଆପଣଙ୍କୁ ସ୍ୱାଗତ ଜଣାନ୍ତି, ଆପଣ ସେହି ପ୍ରକାର ଶାଶ୍ୱତରୂପରେ ନିଜକୁ ପ୍ରକାଶ କରିବା ଦ୍ୱାରା ଭକ୍ତମାନଙ୍କୁ ଅନୁଗ୍ରହ ପ୍ରଦର୍ଶନ କରନ୍ତି ।

ଅତିବଡ଼ି ଜଗନ୍ନାଥ ଦାସଙ୍କର ଓଡ଼ିଆ ଭାଗବତରେ ମଧ ଏ ସଂପର୍କରେ ଉଲ୍ଲେଖ ଅଛି:

''ନିଷ୍କାମ ଜନ୍ମେ ଯା ଶରୀରେ । ଆତ୍ମାକୁ ଆପଣେ ଉଦ୍ଧରେ ॥''

କାମନା ହେଉଛି ସବୁ ଦୁଃଖର ହେତୁ । ଅନାଦିକାଳରୁ ଜନ୍ମଜନ୍ମାନ୍ତରରେ ସଞ୍ଚିତ କାମନା ଓ ଦୁର୍ବାସନା ଜଗତରେ ଜୀବକୁ ଏତେ ଦୁଃଖ ଦେଉଛି । କେବଳ କାମନାର ବଶୀଭୂତ ହୋଇ ଏ ଜୀବ ସଂସାରରେ ନାନାଦିକର୍ମ ସଂପାଦନ କରିଥାଏ । ଫଳ ପ୍ରାପ୍ତିର ଆଶା ରଖି ଯାହା ସବୁ କରାଯାଏ, ତାହାକୁ ସକାମ କର୍ମ କୁହାଯାଏ । ଏହି ସକାମ କର୍ମରୁ କର୍ମଫଳ ସୃଷ୍ଟି ହୁଏ । କର୍ମଫଳର ବିପାକରୁ ଜୀବ ଉଚ୍ଚନୀଚ ଦେହ ଲାଭ କରି ଧରାପୃଷ୍ଠରେ ଭୂମିଷ୍ଠ ହୋଇ କର୍ମଫଳ ଭୁଞ୍ଜିଥାଏ । ତେଣୁ ଶ୍ରୀଜଗନ୍ନାଥଦାସଙ୍କର ଭାଗବତରେ ଲେଖା ଅଛି :

''ବାସନା ଘେନି ଉଚ୍ଚନୀଚ । ଏଣୁ 'ମୁଁ' ବୋଲାଇ ପ୍ରପଞ୍ଚ ॥''

ଏହି କର୍ମଫଳରୁ ଜୀବ ସ୍ଥାବରଜଙ୍ଗମାଦି ଚଉରାଶି ଲକ୍ଷ ଯୋନି ଭ୍ରମଣ କରେ ଓ ନିଜର କର୍ମ ଅନୁସାରେ ଏହି ଦେହରେ ସୁଖ ଓ/ବା ଦୁଃଖ ଭୋଗ କରେ । ଜରାବ୍ୟାଧିର କରାଳ କବଳରେ ପଡ଼ି ଛଟପଟ ହେଉଥାଏ । ତଥାପି, କାମନାର ବିନାଶ ହୋଇ ନ ଥିଲେ, ତା'ର କର୍ମଫଳ ଭୋଗ ଶେଷ ହୁଏ ନାହିଁ । ପୁନଃ ପୁନଃ ତା'କୁ ଜନ୍ମମୃତ୍ୟୁର ଯାତନା ଯନ୍ତ୍ରଣା ଭୋଗ କରିବାକୁ ହୁଏ । ଜୀବ କାମନା ବିଜଡ଼ିତ ହୋଇ ନିତ୍ୟନୂତନ କର୍ମବନ୍ଧନ ସୃଷ୍ଟିକରେ, ଫଳତଃ ସେ ଭଗବାନଙ୍କ ଠାରୁ ଦୂରେଇ ଯାଏ । ଏହିପରି ଦୂରେଇ ଯାଉଁ ଯାଉଁ ସେ ଏତେ ଦୂରକୁ ଚାଲିଯାଏ ଯେ, ତା'ର ଏକାବେଳକେ ଭଗବଦ୍ ବିସ୍ମୃତି ଘଟେ । ଏହି କାମନା ହିଁ ଜୀବକୁ ଭଗବାନଙ୍କ ଠାରୁ ଦୂରେଇ ରଖିଛି । ନରକ ଆମକୁ ଦଣ୍ଡ ବୋଲି ମନେ ହେଉଛି, ମାତ୍ର ସ୍ୱର୍ଗଭୋଗ ଆମକୁ ଦଣ୍ଡବୋଲି ବିଶ୍ୱାସ ମଧ ହେଉନାହିଁ । ବାସ୍ତବରେ କିନ୍ତୁ ଅବସ୍ଥା ତାହା ନୁହେଁ । ସ୍ୱର୍ଗଭୋଗ ହେଉ କି ନରକ ଯନ୍ତ୍ରଣା ହେଉ ଉଭୟ ହିଁ ଜୀବ ପାଇଁ ଦଣ୍ଡ ଏବଂ ଦୁଃଖପ୍ରଦ । ଜୀବ କାମକାମନାର ଦାସ ହୋଇ ଭଗବାନଙ୍କୁ ଭୁଲିଯାଏ ବୋଲି ହିଁ ତା' ପାଇଁ ଏହି ସ୍ୱର୍ଗଭୋଗ ବା ନରକଯନ୍ତ୍ରଣା ଖଞ୍ଜା ହୋଇଅଛି । ଜୀବ ପକ୍ଷରେ ଭଗବାନଙ୍କୁ ଭୁଲିଯିବାହିଁ ଅପରାଧ । ଅପରାଧୀକୁ କ'ଣ ସୁଖ ସମ୍ଭୋଗ ଐଶ୍ୱର୍ଯ୍ୟ ଦିଆଯାଏ ? ତେଣୁ ତା' ପାଇଁ ସ୍ୱର୍ଗ ହେଉ କି ନରକ ହେଉ କେବଳ ଦଣ୍ଡ ଓ ଯାତନା ଯନ୍ତ୍ରଣା । ମନେରଖ, ସକାମ କର୍ମଯୋଗରୁ ଏହି ପ୍ରକାର ଦଣ୍ଡ ହିଁ ମିଳିଥାଏ । କାହାପାଇଁ ପଦପଦବୀ ରୂପକ ଦଣ୍ଡ ତ ପୁଣି ଆଉ କାହାପାଇଁ ଉଚ୍ଚ ଆସନ, ମାନସମ୍ମାନ, ପଦମର୍ଯ୍ୟାଦା, ବିଷୟ ସମ୍ପତ୍ତି, ପ୍ରତିପତ୍ତି ରୂପକ ଦଣ୍ଡ । କାହାପାଇଁ ଭଲ ବସନ, ଭୋଜନ, ଆସନରୂପକ ଦଣ୍ଡ ତ ଆଉ କାହାପାଇଁ ବାସ୍ତୁହରା ହେବାର ଦଣ୍ଡ । ଦଣ୍ଡ ହିଁ ସର୍ବଦା ଓ ସର୍ବଥା ଦଣ୍ଡ । ତେଣୁ ଆମେ କହୁଁ-ନିଷ୍କାମ କର୍ମ ଯୋଗ କର । ଭାଗବତ ବାଣୀ ଅଛି ପରା:

''ମନୁଷ୍ୟେ ସାଧି କର୍ମଯୋଗ । ସ୍ୱର୍ଗ ନରକ ବେନି ଭୋଗ ॥
ଏ ବୋଲ ବୁଝି ବୁଧ ଜନେ । ଏ ବେନି ଦେଖନ୍ତି ସମାନେ ॥
ସ୍ୱର୍ଗ ନରକ ବେନି ପଥେ । କେବେହେଁ ନ କହନ୍ତି ଚିତ୍ତେ ॥
ସ୍ୱର୍ଗ ନରକ ବେନି ବାଣୀ । ଏହା ମୁଁ ଏକ ଧର୍ମେ ଜାଣି ॥''

ତେଣୁ ଆଧ୍ୟାତ୍ମିକ ପଥ ଧରି ଆତ୍ମଉନ୍ନୟନ ମାର୍ଗରେ ଅଗ୍ରସର ହେବାପାଇଁ ଏହି କାମନାକୁ ଅବଶ୍ୟ ପରିତ୍ୟାଗ କରିବାକୁ ପଡ଼ିବ । ନିଷ୍କାମ କର୍ମଯୋଗ ଅଭ୍ୟାସ କରିବାକୁ ହେବ । ଜୀବର ଧର୍ମ ହେଉଛି ସେ କର୍ମ ନ

କରି କ୍ଷଣେମାତ୍ର ରହି ପାରିବ ନାହିଁ । ଏ ଜଗତରେ କେହି ନିଷ୍କର୍ମା ନାହାନ୍ତି । କିଏ ଶୋଇ ଶୋଇ ସ୍ୱପ୍ନ ଦେଖୁଛି ତ, ଆଉ କିଏ ପରର ଅନିଷ୍ଟ ଚିନ୍ତା କରୁଛି । କିଏ ଅପରକୁ ବିପଦରେ ପକାଇବା ପାଇଁ ଚକ୍ରାନ୍ତ ମସୁଧା କରୁଛି ତ, ଆଉ କିଏ ପ୍ରତିଶୋଧ ନେବାର ଉପାୟ ଖୋଜୁଛି । ପୁଣି କିଏ ସନ୍ନ୍ୟାସୀର ଭେକ ଧରି ଇନ୍ଦ୍ରିୟ ସଂଯମ ନାମରେ ମାନସପଟରେ ଐଶ୍ୱର୍ଯ୍ୟଭୋଗର ଲାଳସା ବା କାମନା ରଖି ଭଗବାନ ଠାକୁରଙ୍କର ସେବକ ସାଜିଛି । ଶେଷୋକ୍ତ ପର୍ଯ୍ୟାୟର ବହିଷ୍କର ଉପାସକ/ସେବକ ସମ୍ବନ୍ଧରେ ଭଗବାନ ସର୍ବାନ୍ତର୍ଯ୍ୟାମିନ୍ କହିଅଛନ୍ତି:

''କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ।।'' (ଶ୍ରୀମଦ୍ ଭଗବତ ଗୀତା:୬/୩)

ଅର୍ଥାତ୍: ଯେଉଁ ବ୍ୟକ୍ତି କର୍ମେନ୍ଦ୍ରିୟମାନଙ୍କୁ ଦମନ କରି, ମନେମନେ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ଚିନ୍ତା କରେ, ସେ ମୂର୍ଖ କପଟାଚାରୀ ବୋଲି କଥିତ ହୁଏ ।

ତୁମ୍ଭମାନଙ୍କୁ ଆମର ବାଣୀ- ତୁମେ ଘରଦ୍ୱାର ପରିବାର ଛାଡ଼ି ଆମ ସେବା ପାଇଁ ଆସିଛ, ଭଲ କରିଛ । ସେବାକର, କପଟାଚାରୀ ହୁଅ ନାହିଁ । କର୍ମ କରି ଚାଲ, ଫଳପ୍ରାପ୍ତିର ଆଶା ରଖ ନାହିଁ । ମନେରଖ କର୍ମଫଳ ଭଗବାନଙ୍କ ଠାରେ ଅର୍ପଣ କରି ହିଁ କର୍ମ/ସେବା କରିବାକୁ ପଡ଼ିବ । ଗୀତାରେ ପ୍ରିୟଭକ୍ତ ସଖା ଅର୍ଜୁନଙ୍କୁ ନିଷ୍କାମ କର୍ମର ଉପଦେଶ ଦେବାକୁ ଯାଇ ଭଗବାନ କହିଛନ୍ତି ପରା ! ''କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।'' କର୍ମଫଳରେ/ସେବାଫଳରେ ଆଶା ନ ରଖି ଭଗବାନଙ୍କର ପ୍ରୀତି ଉଦ୍ଦେଶ୍ୟରେ କର୍ମ/ସେବା କର । ସେହି ସେବାକର୍ମ ଓ କର୍ମଫଳକୁ ଅର୍ପଣ କର । ଏହାହିଁ ନିଷ୍କାମ କର୍ମଯୋଗ । ଏହିପରି ନିଷ୍କାମ କର୍ମଯୋଗକୁ ସ୍ମରଣରେ ରଖି ପ୍ରତିଦିନ ଅଭ୍ୟାସ କରିବା ଲକ୍ଷ୍ୟରେ ତୁମ୍ଭମାନଙ୍କୁ ଧାରା, ଅର୍ଘ୍ୟଫଳ ଓ ଅର୍ଘ୍ୟମନ୍ତ୍ର ସହିତ ଅର୍ଘ୍ୟତିଥି ମଧ୍ୟ ଦିଆଯାଇଛି । ଅର୍ଘ୍ୟଫଳର ଅନ୍ତର୍ନିହିତ ସୂକ୍ଷ୍ମଦର୍ଶନ ତତ୍ତ୍ୱରେ ନିଷ୍କାମ କର୍ମଯୋଗ ଅଭ୍ୟାସର ସୂକ୍ଷ୍ମସଂପର୍କ ରହିଅଛି । ଯୁଗାବସାନ କାଳରେ ଏହି ପରମତତ୍ତ୍ୱ ଓ ଚରମ ତଥ୍ୟ ତୁମ୍ଭମାନଙ୍କ ପାଇଁ ଏଠାରେ ଖୋଲି ଦିଆଗଲା ।''

''ମନ ବଚନ ଦେହ ଚିତ୍ତ । ଅବା ଇନ୍ଦ୍ରିୟ ବୁଦ୍ଧି କୃତ ।।
କିବା ସ୍ୱଭାବ ଅନୁସାରେ । ଯେ କର୍ମ କରି ଏ ସଂସାରେ ।।
ତା' ନାରାୟଣେ ସମର୍ପିବ । ଜୀବର ସ୍ୱଧର୍ମ ଏ ଭାବ ।।'' (ଭାଗବତ-ଜଗନ୍ନାଥ ଦାସ)

ଏହିପରି ଅଭ୍ୟାସ କରୁ କରୁ ନିଷ୍କାମଭାବ ଆସିଗଲେ, ଜୀବର କର୍ମବନ୍ଧନ ରହେ ନାହିଁ । ସେ ଭଗବଦ୍ ଭଜନାନନ୍ଦ ଏବଂ ଲୀଳାମୃତ କୀର୍ତ୍ତନରେ ଏପରି ମାତିଯାଏ, ମଜ୍ଜିଯାଏ ଯେ, ସ୍ଥାନପାତ୍ରକାଳଶୂନ୍ୟ ହୋଇ ତନ୍ମୟ ତଲ୍ଲୀନ ହୋଇଯାଏ । ତା'ର ଜନ୍ମ ସଫଳ ଓ ଜୀବନ ଧନ୍ୟ ହୁଏ ।

ନିଷ୍କାମ କର୍ମଭାବରେ ପ୍ରଶସ୍ତିଗାନ କରି 'ଶାନ୍ତିଗୀତା' ଗାନ କରେ:

''ବିଧାୟ କର୍ମ ନିଷ୍କାମଂ ମାଂ ପ୍ରୀତିଲାଭ ମାନସଃ ।
ମୟି କୃତ୍ୱର୍ପଣଂ ସର୍ବଂ ଚିତ୍ତଶୁଦ୍ଧିରବାପ୍ୟତେ ।।''

ଶ୍ରୀଭଗବାନ କହନ୍ତି : 'ମୋର ପ୍ରୀତିକାମନାରେ ସମସ୍ତ କର୍ମଫଳ ମୋତେ ଅର୍ପଣ କରି ନିଷ୍କାମ କର୍ମ ଅନୁଷ୍ଠାନରେ ଚିତ୍ତ ଶୁଦ୍ଧିହୁଏ । ଚିତ୍ତଶୁଦ୍ଧି ନ ହେଲେ ବିବେକ ଉଦୟ ହୁଏ ନାହିଁ । ଅତଏବ ସାଧନାର ପ୍ରଥମସ୍ତର ଚିତ୍ତଶୁଦ୍ଧି । ତୁମର ଚିତ୍ତଶୁଦ୍ଧି ନ ହେଲେ, ତୁମର ବିବେକ (ଦିବ୍ୟଜ୍ଞାନ) ଉଦୟ ହେବ ନାହିଁ, ଦିବ୍ୟଜ୍ଞାନ ଉଦୟ ନ ହେଲେ ତୁମେ ଆତ୍ମଜ୍ଞାନ, ଆତ୍ମଦର୍ଶନ, ଆତ୍ମ ଉପଲବ୍ଧ କରିପାରିବ ନାହିଁ । ତେବେ, ବିଚାରି ଦେଖିଲ-କି ସାଧନା

ତୁମେ ଏ ଯାବତ୍ କରି ଆସିଛ ? ଅଯଥା ସମୟର ଅପଚୟ କରି ନାହଁକି ? ସମଦୃଷ୍ଟି ତୁମର ହେଲାଣି ? ଅନ୍ୟକୁ ଆତ୍ମବତ୍ ପ୍ରେମ କରିବା ତୁମେ ଶିଖିଲଣି ? ନିଜ ଅହଂଅଭିମାନରେ ତୁମେ ପମ୍ପଦିଆ ବେଲୁନ୍‌ପରି ଫୁଲିଫୁଲି ଯାଉଛ । ବେଶି ଗୋଟାଏ ଫୁଲିଲେ ଅବସ୍ଥା କ'ଣ ହେବ ଥରେ ଚିନ୍ତା କରି ଦେଖ ତ ! ସମସ୍ତଙ୍କର ଭାଗ୍ୟ ଡୋରିକୁ ତୁମେ ତୁମହାତରେ ଧରିରଖିଛ କାହିଁକି ? ତୁମ ଭାଗ୍ୟ ଡୋରି ପରା କାଳ ହାତରେ । ସେଥିକୁ ହେତୁ ନାହିଁ ? କାଳ ତେଣେ ବାଳ ଧରି ଟାଣୁଛି ଯେ ! ଜଣାପଡୁ ନାହିଁ କି ?

ଯୁଗାବସାନର ଅନ୍ତିମ ପ୍ରହର ଆସି ପହଞ୍ଚିଲାଣି । ନିଷ୍କାମ କର୍ମଯୋଗ ଅଭ୍ୟାସ କରି ଚିତ୍ତଶୁଦ୍ଧି କର । ଭଗବାନଙ୍କର ପ୍ରୀତି ପାଇଁ ତାଙ୍କର ସେବା କର । କାମନାବାସନା ବିବର୍ଜିତ ସେବା କର । ଭଗବାନଙ୍କୁ ନିଜ ହାତ ମୁଠାରେ ରଖିବାର ବୃଥା ଚେଷ୍ଟା କର ନାହିଁ । ନିରାଶ ହେବ । ହତାଶା ମଧ୍ୟରେ ବିକାରଗ୍ରସ୍ତ ହୋଇଯିବ । ନିଜର ସୁଖ, ନିଜର ସ୍ୱାର୍ଥ ନ ରଖି ସେବା କର, କର୍ମ କର । ଏହିରୂପେ ତାଙ୍କରି ପ୍ରୀତି ପାଇଁ ଯେଉଁ ସେବାକର୍ମ କରାଯାଏ, ତାହାହିଁ ନିଷ୍କାମ କର୍ମ । ବାହାବା ନେବାପାଇଁ, ଅନ୍ୟମାନଙ୍କ ଦୃଷ୍ଟିରେ ସ୍ୱତନ୍ତ୍ର ହେବାପାଇଁ ଯେଉଁ ପ୍ରଚ୍ଛନ୍ନ କାମନାଯୁକ୍ତ କର୍ମସେବା, ତାହା ସକାମ କର୍ମଯୋଗ । ସକାମ କର୍ମସେବାର ବନ୍ଧନ ଘୋରତର କଠିନ । ତା'ର ଫଳ ମଧ୍ୟ ଭୀଷଣ, ଭୟଙ୍କର । ନିଜ ସୁଖ ଭିନ୍ନ ଭଗବାନଙ୍କର ସୁଖ ଓ ପ୍ରୀତି କାମନାରେ କର୍ମ ସେବା କଲେ, ତାହା ବିଶୁଦ୍ଧ କାମନାଯୁକ୍ତ ହୋଇଥାଏ । ଏହି ବିଶୁଦ୍ଧ କାମନାଯୁକ୍ତ କର୍ମକୁ ନିଷ୍କାମ କର୍ମ କୁହାଯାଏ । ନିଷ୍କାମକର୍ମ ଦ୍ୱାରା ଅନୁରାଗ, ଭକ୍ତି ଓ ଜ୍ଞାନର ଉଦୟ ହୁଏ । ନିଷ୍କାମ କାର୍ଯ୍ୟାନୁଷ୍ଠାନ ଶେଷରେ ଜ୍ଞାନ ଲାଭ ହିଁ ହୋଇଥାଏ । ତେଣୁ ଜଗନ୍ନାଥ ଦାସେ ଭାଗବତରେ ଗାଇଯାଇଅଛନ୍ତି :-

''ନିଷ୍କାମ ମାର୍ଗେ ଆତ୍ମଜ୍ଞାନ । ସର୍ବତ୍ର ଦେଖଇ ସମାନ ।।''

'ଚରମ'ର ବାଣୀ, 'ଚରମ'ର ଠାଣି
ହୃଦରେ ରଖିଲେ ଟାଣି ।
ଶୟନେ ସପନେ ଅବା ଜାଗରଣେ
ହେଉଥିଲେ ସଦାଗୁଣି ।।

ଚରମେ ପଶିବ, ଚରମେ ମିଶିବ
ଭରମ ହୋଇବ ନାଶ ।
ଚରମପୁରୁଷ ଶ୍ରୀଅଙ୍ଗରେ ମିଶି
ଜନ୍ମ, ମୃତ୍ୟୁ ହେବ ଶେଷ ।।

ଏଥୁଁ ଆନ କଲେ ମୂଢ଼ପଣେ ଗଲେ
ଅନୁତାପ ହେବ ସାର ।
ବେଳ ସରିଲାଣି କାଳ ଡାକିଲାଣି
ଗୁରୁଙ୍କୁ ମନାଇ ଧର ।।

# ଜିଜ୍ଞାସା : ଜିଜ୍ଞାସୁ

*ଚିତ୍ତ ମନୋଭାବ ତୀବ୍ର ସଂଶୟ ଓ ସନ୍ଦେହରୁ ଉତ୍ପନ୍ନ ହୁଏ । ସଂଶୟମୋଚନ ଓ ସନ୍ଦେହର ସମାଧାନ କେବଳ ପ୍ରଗାଢ଼ ବିଶ୍ୱାସ ଓ ଦୃଢ଼ଭକ୍ତି ଭାବରୁ ସମ୍ଭବ ହୋଇଥାଏ । କ୍ଷିତିଜ୍ୟୋତିଃ ଆଶ୍ରମର ପ୍ରଥମ ପ୍ରଧାନାଚାର୍ଯ୍ୟ ଦିବଂଗତ ଶ୍ରଦ୍ଧେୟ ଜଟାଣଦା' ଠାକୁରଙ୍କ ସହିତ କଥୋପକଥନ ଏବଂ ଆଲୋଚନା ପ୍ରସଙ୍ଗରେ ଆଧ୍ୟାତ୍ମିକ ଚିନ୍ତନ ଓ ଆଧ୍ୟାତ୍ମିକ ଶିକ୍ଷାମୂଳକ ବହୁ ପ୍ରଶ୍ନୋତ୍ତର ଆପଣାର ଦୈନିକ ଦିନଲିପିରେ ନିୟମିତ ଲେଖି ରଖିଯାଇଛନ୍ତି । ନିୟମିତ ଭାବରେ "ଚରମ"ର ଏହି ସ୍ତମ୍ଭରେ ତାହାର ଶୁଦ୍ଧ ସଂସ୍କରଣ ପ୍ରକାଶ କରାଯାଇ ଜିଜ୍ଞାସୁ ଭକ୍ତ ଅନୁଗତ ଶିଷ୍ୟମାନଙ୍କର ପରମ ପରିତୃପ୍ତି ବିଧାନର ବିହିତ ବ୍ୟବସ୍ଥା ସଂପାଦନା ତରଫରୁ ଗ୍ରହଣ କରାଯାଇଛି । ସଂଘୀୟ ସଂହତି ନିମନ୍ତେ ଆବଶ୍ୟକ ଭକ୍ତି ଓ ବିଶ୍ୱାସ, ଭ୍ରାତୃତ୍ୱ ଓ ତ୍ୟାଗନିଷ୍ଠା ଅଗଣିତ ପାଠକପାଠିକା ଭାଇଭଉଣୀଙ୍କ ପ୍ରାଣରେ ଏହା ଉଦ୍ଭବ କରିପାରିଲେ ଶ୍ରମ ସାର୍ଥକ ହେବ ॥*

**ଜିଜ୍ଞାସୁ :** ଦଶ ମୋଦକରେ ଚରିତ୍ର ଗଠନ କରିବାକୁ ନିର୍ଦ୍ଦେଶ କରିଛନ୍ତି । ଏହି ଚରିତ୍ର ଗଠନଟି କ'ଣ ?

**ଠାକୁର :** ତୁମେ କ'ଣ ବୁଝିଛ କହୁନ ?

**ଜିଜ୍ଞାସୁ :** କଥାଟା ସବୁବେଳେ ଆମ ଆଡ଼କୁ ଦେଲେ ଆମେ କି ଉତ୍ତର ଦେବୁ ?

**ଠାକୁର :** ଯିଏ ପ୍ରଶ୍ନ କରେ, ସେହି ପ୍ରଶ୍ନ ସଂପର୍କରେ କିଛି ଜାଣିଥାଏ । ନ ହେଲେ ପ୍ରଶ୍ନ କରିବ କେମିତି ? ଉତ୍ତରରୁ ପ୍ରଶ୍ନ ତିଆରି କରାଯାଏ । ଅତଏବ ଶିକ୍ଷକ ପ୍ରଶ୍ନ ତିଆରି କରେ ପିଲାଏ ଉତ୍ତର ଦିଅନ୍ତି ।

**ଜିଜ୍ଞାସୁ :** ଆପଣ ପ୍ରଶ୍ନ ଲେଖିଛନ୍ତି ଆମେ ତ ଚରିତ୍ର ଗଠନ କଥା କହୁନୁ । ଆମେ କହୁଛୁ ଆମର ଚରିତ୍ର ଠିକ୍ ଅଛି ଆପଣ କେଉଁ ଚରିତ୍ର ଗଠନ କରିବା କଥା କହୁଛନ୍ତି, ସେହି କଥା ଟିକେ ବୁଝାନ୍ତୁ ।

**ଠାକୁର :** ଚରିତ୍ର ଅର୍ଥ ତୁମେ କ'ଣ ବୁଝୁଛ ? କାହାକୁ ତୁମେ ଚରିତ୍ର କହୁଛ ?

**ଜିଜ୍ଞାସୁ :** ଏଇ ଯେମିତି ସତ କହିବା, ଅନ୍ୟାୟ କରିବାନି, ପରଦ୍ରବ୍ୟକୁ ହରଣ ନ କରିବା, ଅନ୍ୟକୁ ବିପଦରେ ନ ପକାଇବା ଇତ୍ୟାଦି ଏଗୁଡ଼ିକ ଯାହାର ସ୍ୱଭାବ ଭିତରେ ଥାଏ ଆମେ ତାକୁ ଚରିତ୍ର ବୋଲି କହୁ । ଆପଣ 'ଚରିତ୍ରର ଅର୍ଥ କଣ' ବୁଝାଇବାକୁ ପ୍ରାର୍ଥନା କରୁଛୁ ।

**ଠାକୁର :** ତୁମେ ଯାହା କହୁଛ ଆଉ ବୁଝିଛ 'ଚରିତ୍ରର ଅର୍ଥ ସେଇଆ ଯେ' କିନ୍ତୁ ଆମେ ବୁଝୁ ମଣିଷର ସହଜାତ ପ୍ରବୃତ୍ତି ଓ ସ୍ୱଭାବ ବିରୁଦ୍ଧରେ ଯାହା କରାଯାଏ ତାହାର ପ୍ରତିକ୍ରିୟା ସ୍ୱରୂପ ଯେଉଁ ଫଳ ଫଳେ ତାହାର ନାମ 'ଚରିତ୍ର' ।

**ଜିଜ୍ଞାସୁ :** ଉଦାହରଣ ଦେଇ ଭଲ ଭାବରେ ବୁଝାଇ ଦିଅନ୍ତୁ ।

**ଠାକୁର :** ଏଇ ଯେମିତି ପିଲାଟିର ପ୍ରକୃତି ଆଉ ସ୍ୱଭାବ ଲଙ୍ଗଳା ହେବା । ଆଉ ଚରିତ୍ର ହେଲା ତାକୁ ପ୍ୟାଣ୍ଟ ପିନ୍ଧାଇବା । ପ୍ରକୃତି ହେଉଛି ଉନ୍ମୁକ୍ତ ଆଉ ଲଙ୍ଗଳା । ଏହି ଲଙ୍ଗଳା ପ୍ରକୃତିକୁ ଅଳଙ୍କାର ପିନ୍ଧାଇ ଅଳଙ୍କୃତ କରିବା ହେଉଛି ଚରିତ୍ର । ଅସଂଯତ କ୍ରିୟାକୁ ସଂଯତ କରିବା ଓ ଶୃଙ୍ଖଳିତ କରିବା ଚରିତ୍ରର ଲକ୍ଷଣ ।

**ଜିଜ୍ଞାସୁ :** ପ୍ରକୃତିଗତ ସ୍ୱଭାବ ଜନିତ କ୍ରିୟାରେ ବାଧା ପହଞ୍ଚାଇ ବିରୋଧ ସୃଷ୍ଟିକଲେ ପ୍ରଚଣ୍ଡ କ୍ରୋଧ ସୃଷ୍ଟି ହେବ ନାହିଁକି ?

**ଠାକୁର :** ହଁ ହେବ ।

**ଜିଜ୍ଞାସୁ :** ତାହା ହେଲେ ତ ଏହା ଏକ ବିପଦର କାରଣ ।

ଠାକୁର : ହଁ ଘୋର ବିପଦ ତ ନିଶ୍ଚୟ । ଚଗଲା ପିଲା ଯେତେବେଳେ ଶିକ୍ଷକଙ୍କ ଠାରୁ ପାଠ ନ କରିବାରୁ ମାଡ଼ ଖାଏ, ସେହି ମାଡ଼ର ଆଘାତରେ ପିଲା ଭିତରେ ପ୍ରଚଣ୍ଡ ରାଗ ହୁଏ । ଆଉ ତା'ର ଫଳ ସ୍ୱରୂପ ଶିକ୍ଷକଙ୍କ ଚୌକିରେ ବେତକଣ୍ଟା ଫୁଟାଇବା ସାଇକେଲ୍ ଟିଉବ୍ ଫୁଟାଇବା କାର୍ଯ୍ୟସବୁ ହୁଏ । କିନ୍ତୁ ସେହି ମାଡ଼ର ଆଘାତରେ ପିଲା ରାଗିଲେ ମଧ୍ୟ ପାଠ ପଢ଼େ କାହିଁକି ନା ପୁଣି ମାଡ଼ର ଭୟ ଅଛି ।

ଜିଜ୍ଞାସୁ : ତା' ହେଲେ କ'ଣ ହେବ ?

ଠାକୁର : ପ୍ରକୃତି ଆଉ ସ୍ୱଭାବର ବିରୋଧ ଯଦି ବୋଧଜ୍ଞାନରେ କରାଯାଏ, ତା ହେଲେ କ୍ରୋଧ ପରିବର୍ତ୍ତେ ନିଷ୍ଠା ଆସେ ।

ଜିଜ୍ଞାସୁ : କିପରି ?

ଠାକୁର : ପ୍ରତ୍ୟେକ ମଣିଷ ଭିତରେ ଶିକ୍ଷା କରିବାର ସୃଜନୀ ଶକ୍ତି ଅଛି । ପୁଣି ଏହି ସୃଜନୀ ଶକ୍ତି ସର୍ବଦା ବୋଧଜ୍ଞାନ ଗ୍ରହଣରେ ପ୍ରୟାସୀ ହୋଇ ସେହି ଦିଗକୁ ଧାବିତ ହୁଏ । ଏଣୁ ଶିକ୍ଷା ମଣିଷର ସ୍ୱଭାବ ବିରୁଦ୍ଧରେ ଗଲେ ମଧ୍ୟ ବୋଧଜ୍ଞାନ ନେଇ ଯାଉଥିବାରୁ କ୍ରୋଧ ପରିବର୍ତ୍ତେ ଯତ୍ନ କରିବାପାଇଁ ନିଷ୍ଠା ଆସେ । ଆଉ ବୋଧକୁ ଯଦି ଆଇନ ଭାବରେ ପକାଯାଏ, ତାହେଲେ କ୍ରୋଧ ଜାତ ହୁଏ ।

ଜିଜ୍ଞାସୁ : ବୋଧ କ'ଣ ?

ଠାକୁର : ସରକାର ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରୁଛନ୍ତି କାହିଁକି ? ପ୍ରଦୂଷଣ କାଟିବା ପାଇଁ ନା ? ଆଉ ଯେଉଁମାନେ ରାତି ଅଧରେ ଗଛ କାଟି ନେଉଛନ୍ତି, ସେମାନେ ଗଛ ଲଗାଇବାର ବୋଧ କ'ଣ ନେଇଛନ୍ତି ? ସରକାର ଯେଉଁ ଲକ୍ଷ୍ୟରେ ଗଛ ଲଗାଇଛନ୍ତି, ସେ ଲକ୍ଷ୍ୟ ଭିତରେ ଯେଉଁ ଜନ ମଙ୍ଗଳକର ଭାବନା ରହିଛି, ତାହା କ'ଣ ଗଛ କାଟିବା ଲୋକ ବୁଝିଛନ୍ତି ? ପ୍ରତ୍ୟେକ କାର୍ଯ୍ୟର ହିତ ଓ ଅହିତକୁ ବିଚାର କରି ଯେଉଁ ନିଷ୍ପତ୍ତି ନିଆଯାଏ ତାହାକୁ ଆମେ ବୋଧଜ୍ଞାନ ବୋଲି ବୁଝୁ । (ପୁଣି ଠାକୁରେ କହିବାକୁ ଲାଗିଲେ)- ପ୍ରକୃତି ଜନିତ ସ୍ୱଭାବଗତ ଅଭ୍ୟସ୍ତ କୌଣସି କ୍ରିୟା ଉପରେ ସଂଯମତା ଆଣିବାକୁ ହେଲେ, ଏବଂ କୌଣସି ନୂତନ ଭାବରେ ଭାବିତ ହୋଇ ତାହାକୁ ନିଜର ସ୍ୱଭାବ ଭିତରକୁ ଆଣିବାକୁ ହେଲେ, ପ୍ରଥମେ ତାହାର ଆଗପଛ, ହାନିଲାଭ, ଭଲ-ମନ୍ଦ, ବିଚାର କରି ନିଷ୍ପତ୍ତି ସୂତ୍ରରେ ବୋଧ ନେଇ ସାରିଲା ପରେ କାର୍ଯ୍ୟଟି କରିବା ଭଲ । ଫଳସ୍ୱରୂପ-ଯେ କୌଣସି ସ୍ୱଭାବ ଜନିତ ଅଭ୍ୟସ୍ତକ୍ରିୟାରେ ବ୍ରେକ୍‌ଦେଇ ବାଧାଦେଲେ ସ୍ୱଭାବରେ ପ୍ରଚଣ୍ଡ ଆଘାତ ଲାଗିଥାଏ । ଏହି ଆଘାତର ପ୍ରତିକ୍ରିୟାସ୍ୱରୂପ କ୍ରୋଧ ଜାତ ହୋଇଥାଏ । କ୍ରୋଧ ପର୍ଯ୍ୟାୟ କ୍ରମରେ ବିବର୍ତ୍ତନ ଚକ୍ରରେ ରୂପାନ୍ତରିତ ହୋଇ ଈର୍ଷା, ହିଂସା, ନିଷ୍ପତ୍ତି ଆଦି ରିପୁ ଓ ଅରିମାନଙ୍କର ପରିପ୍ରକାଶ କରିଥାଏ ।

କିନ୍ତୁ ବାଧାରୁ କ୍ରୋଧ ଜାତ ସମୟରେ ଯଦି ଗୁରୁଜ୍ଞାନ ବୋଧ ମିଶିଯାଏ, ତା ହେଲେ କଟୁତିକ୍ତ ମିଶି ମଧୁରର ସୃଷ୍ଟି ହୋଇଥାଏ । ସେହିପରି କ୍ରୋଧ, ଆଉ ବୋଧ ଉଭୟ ମିଶି ନିଷ୍ଠା, ତ୍ୟାଗ, ଦୃଢ଼ତା ରୂପୀ ବୀରତ୍ୱର ଲକ୍ଷଣ ଭାବରେ ରୂପାନ୍ତରିତ ହୋଇ କ୍ରିୟାଶୀଳ ହୋଇଥାଏ ।

ଜିଜ୍ଞାସୁ : ଏହି ବୋଧଜ୍ଞାନ ଆଇନ ଭାବରେ କିପରି ପ୍ରୟୋଗ ହୁଏ ?

ଠାକୁର : ଘର ସଂସାରରେ କଳିଆ କାହିଁକି ହୁଏ ? ନିଜର ବୋଧକୁ ଏକଚାଟିଆ ଭାବରେ ଅନ୍ୟ ଉପରେ ପ୍ରୟୋଗ କରିବା ଦ୍ୱାରା କେହି କାହାରି ବୋଧରୁ ଟଳନ୍ତି ନାହିଁ । ନିଜ ନିଜ ବୋଧରେ ଅଟଳ ରହିବା ହେତୁ ଦ୍ୱନ୍ଦ୍ୱ ସର୍ବଦା ଲାଗିରହେ । ଯେଉଁ ବୋଧରେ ଜ୍ଞାନ ନ ଥାଏ ଅର୍ଥ ଗୁରୁଜ୍ଞାନ ମିଶି ନ ଥାଏ । ସେହି ବୋଧରେ ମୂଢ଼ତା ରୂପୀ ଆବରଣ ରହିବା ହେତୁ ନିଜ ନିଷ୍ପତ୍ତିରେ ଅଟଳ ରହିବାକୁ ପ୍ରେରଣା ଯୋଗାଏ ଫଳସ୍ୱରୂପ ଅନ୍ୟକୁ ବା ଅନ୍ୟର ବିଚାର ଧାରାକୁ ବୁଝିବାର କ୍ଷମତା ହରାଇଥାଏ । ବୋଧର ମୂଢ଼ତା ହେତୁ ଯଦି ନିଜସ୍ୱ ଚୈତନ୍ୟ ବୋଧରେ ଗୁରୁଜ୍ଞାନର ସଂଯୋଗ ହୁଏ, ତାହେଲେ ବୁଦ୍ଧିରେ ଜ୍ଞାନର ଉଦୟ

ହୁଏ । ତାହା ଅନ୍ୟର ବିଚାରଧାରାକୁ ବୁଝିବାକୁ ପ୍ରେରଣା ଯୋଗାଇଥାଏ । ବୋଧରେ ଜ୍ଞାନ ମିଶି ଯେଉଁ ଚୈତନ୍ୟ ଉଦୟ ହୁଏ, ସେହି ଚୈତନ୍ୟ ଚରିତ୍ର ଗଠନର ସହାୟକ ।

ଜିଜ୍ଞାସୁ : ପ୍ରକୃତିର ସ୍ୱଭାବ କ'ଣ ଓ ସ୍ୱଭାବର କ୍ରିୟାଗୁଡ଼ିକ ସବୁ କିପରି ?

ଠାକୁର : ପ୍ରକୃତିର ସ୍ୱଭାବ ଉତ୍ପତ୍ତି, ସ୍ଥିତି, ଆଉ ସଂହାର ।

ଜିଜ୍ଞାସୁ : ଭଲ ଭାବରେ ଟିକେ ଉଦାହରଣ ଦେଇ ବୁଝାନ୍ତୁ ।

ଠାକୁର : ପ୍ରକୃତି ତାଁ'ର ନିଜସ୍ୱ ସୃଜନୀ ଶକ୍ତି ଦ୍ୱାରା ଜଗତର ସମସ୍ତ ବିଷୟକୁ ଉତ୍ପନ୍ନ, ପାଳନ ଓ ସଂହାର କରିଥାଏ ଏବଂ ଏହି ତିନୋଟି କାର୍ଯ୍ୟ କରିବାପାଇଁ ସେ ନିଜକୁ ପଚିଶ ଗୋଟି ବିଭାଗରେ ବିଭକ୍ତ କରି ଭିନ୍ନ ଭିନ୍ନ ନାମରେ ନାମିତ କରି ଭିନ୍ନ ଭିନ୍ନ କାର୍ଯ୍ୟ କରିଥାଏ । କୌଣସି ଗୋଟିଏ କାର୍ଯ୍ୟ କରିବାକୁ ହେଲେ ତାହାର ସମସ୍ତ ଗଠନ ମୂଳକ କ୍ରିୟା ପାଇଁ ପଚିଶ ଗୋଟି ଯନ୍ତ୍ରରେ ଯନ୍ତ୍ରାଂଶଗୁଡ଼ିକ ନିର୍ମିତ ହୋଇ କାର୍ଯ୍ୟଟି ପୂର୍ଣ୍ଣାଙ୍ଗ ହୋଇଥାଏ । ଯେ କୌଣସି କାର୍ଯ୍ୟକୁ ନେଇ ତୁମେ ବିଚାର କଲେ ଜାଣି ପାରିବ ତୁମର ଶରୀର ସ୍ଥିତ ପ୍ରକୃତି କିପରି ତାର ଯନ୍ତ୍ରାଂଶ ଗୁଡ଼ିକରେ କ୍ରିୟାର ଭିନ୍ନ ଭିନ୍ନ ସ୍ୱରୂପର ଆଙ୍ଗିକ ଅନୁଭବ କରାଉଅଛି । ଧରିନିଅ ଖାଇବା କଥା, ଏହି ଖାଇବା କାର୍ଯ୍ୟଟିକୁ ବିଚାରକୁ ନେଇ ବିଚାର କଲେ ଜାଣିପାରିବ । ଖାଇବା କାର୍ଯ୍ୟଟି ହୁଏ କାହିଁକି ? କାହାପାଇଁ ଖିଆ ଯାଏ ? ବିଚାରକର,ପେଟର ଭୋକ ପାଇଁ ମଣିଷ ଖାଏ ।

ଜିଜ୍ଞାସୁ : ହଁ ।


ଠାକୁର : ପୁଣି କିପରି, ଏ କାହା ସାହାଯ୍ୟରେ ଖାଏ । ଶରୀର ସ୍ଥିତ ଯେଉଁ ଅବୟବ ଗୁଡ଼ିକ କାର୍ଯ୍ୟରେ ଲାଗନ୍ତି ସେହି ସେହି ଅଙ୍ଗଗୁଡ଼ିକ ଖାଇବା କାର୍ଯ୍ୟରେ ସାହାଯ୍ୟ କରନ୍ତି ଓ ଆଙ୍ଗିକ ଅନୁଭବ ଗୁଡ଼ିକର ଭଲମନ୍ଦ ଦର୍ଶାଇ କାର୍ଯ୍ୟ ନିର୍ବାହ କରନ୍ତି । ଯେପରି ଖାଦ୍ୟ ଖାଇବା ପୂର୍ବରୁ ତାହାର ପରିପକ୍ୱତାକୁ ପରୀକ୍ଷା କରିବାକୁ ଯାଇ ହାତ, ଗୋଡ଼, ଆଖି, ନାକ, କାନ, ପାଟି, ମନ, ବୁଦ୍ଧି, ଚେତନା ଆଦିର ଦରକାର ପଡ଼ିଥାଏ । ଏଣୁ ପ୍ରକୃତି ସିନା ଗୋଟିଏ ''ଏକକ'' ଶବ୍ଦ ଦ୍ୱାରା ସୂଚିତ ହୁଏ । କିନ୍ତୁ ପ୍ରକୃତି ପଚିଶ ଗୋଟି ବିଭାଗରେ ବିଭକ୍ତ ହୋଇ ଉତ୍ପତ୍ତି ସ୍ଥିତି ଓ ସଂହାର କାର୍ଯ୍ୟ କରୁଅଛି । ଯେପରି ନିଜେ ପ୍ରକୃତି ତାଁ'ର ପଚିଶ ଅବୟବ ଦ୍ୱାରା ଖାଦ୍ୟ ଉତ୍ପତ୍ତି ବା ପ୍ରସ୍ତୁତ କରି ପ୍ରସ୍ତୁତ ଖାଦ୍ୟକୁ ଖାଇ ଜୀବନ ଧାରଣ କରି ପୁଣି ସଂହାର କରି ମଳ ଆକାରରେ ତ୍ୟାଗ କରିଥାଏ । ପ୍ରକୃତି ଅଂଶଗୁଡ଼ିକର ସ୍ୱତନ୍ତ୍ରତା ହେତୁ ଅଂଶ ଗୁଡ଼ିକରେ ଭିନ୍ନଭିନ୍ନ ଭାବର କାର୍ଯ୍ୟ ହୁଏ । ଯେପରି ଆଖି ଦ୍ୱାରା ଦେଖିବା, କାନ ଦ୍ୱାରା ଶୁଣିବା, ପାଟି ଦ୍ୱାରା ଖାଇବା ଇତ୍ୟାଦି । ସ୍ୱ ପ୍ରକୃତି ପଚିଶ ଭାଗରେ ବିଭକ୍ତ ହୋଇଥିବାରୁ ପଚିଶ ଗୋଟି ଭାବର ଉତ୍ପତ୍ତି, ସ୍ଥିତି ଓ ସଂହାରର କାର୍ଯ୍ୟ କରିଥାଏ ।

ଜିଜ୍ଞାସୁ : ପ୍ରକୃତିର ଅଂଶ ଗୁଡ଼ିକରେ ପୃଥକ୍ ପୃଥକ୍ ଗୁଣଧର୍ମ ଓ ସ୍ୱଭାବର ଆଲୋଚନା କଲେ ଭଲ ହୁଅନ୍ତା ।

(କ୍ରମଶଃ)

ସରଳ ମନରେ ସରଳ ପ୍ରାଣରେ
ପ୍ରାଣପତି ପାଦେ ଲୋଟି ଯା ।
କିଛି ତୁ ନ ମାଗି ହୋଇ ଅନୁରାଗୀ
ମାନସ ପୂଜାରେ ଛୁଇଁ ଯା ।।

# ସମ୍ଭବାମି ଯୁଗେ ଯୁଗେ
# ରତ୍ନବେଦୀ



| | | |
|---|---|---|
| ଜନନୀ, ଜଠର, ଜରାୟୁ | । ଜନନୀ କୃପା ପରମାୟୁ | ॥ |
| ଜନନୀ ଜଳ ଦାବାନଳ | । ଜନନୀ ଗର୍ଭ ପ୍ରଜ୍ଜ୍ୱଳନ | ॥ |
| ଜଠରେ ଜୀବ ଦରଶନ | । ଜଠରେ ଦୃଷ୍ଟି ଭଗବାନ | ॥ |
| ଜଠରେ ପିଣ୍ଡ ଜ୍ଞାନ ତତ୍ତ୍ୱ | । ଜଠରେ ବ୍ରହ୍ମାଣ୍ଡ ସମତ | ॥ |

## ଜନନୀ, ଜଠର, ଜରାୟୁ

*ଯୁଗେଯୁଗେ ଧରାଧାମରେ ମାନବଲୀଳା ସଂଚରନ ନିମନ୍ତେ ଶ୍ରୀବିଷ୍ଣୁ ପ୍ରଣବରୁ ସୃଷ୍ଟ ପଞ୍ଚଭୂତ: କ୍ଷିତ୍, ଅପ୍, ତେଜ, ମରୁତ୍ ଓ ବ୍ୟୋମର ସମ୍ମିଶ୍ରଣରେ ସୃଷ୍ଟି ସ୍ଥୂଳ ଦେହରେ ପ୍ରକାଶ ହେବାପାଇଁ ଅବ୍ୟକ୍ତ ମଣ୍ଡଳରୁ ମହାମହେଶ୍ୱର ଭାବରୁ ଧାରଣ କରି ଜନନୀର ଜଠରସ୍ଥ ଜରାୟୁ ରୂପକ ପବିତ୍ର ପୁଷ୍କରିଣୀରେ ରହନ୍ତି । ଏହା ଆଧାତ୍ମିକ ଦୃଷ୍ଟିକୋଣରୁ ଯେପରି ସତ୍ୟ, ବୈଜ୍ଞାନିକ ମତରେ ମଧ୍ୟ ସେହିପରି ପ୍ରମାଣିତ ତଥ୍ୟ । ଠାକୁରେ ମାତୃଗର୍ଭର ସୂକ୍ଷ୍ମାତିସୂକ୍ଷ୍ମ ଅନୁଭୂତି ସ୍ମରଣରେ ରଖି ଏହି ଶେଷ କଳିର ଅନ୍ତିମ ପର୍ଯ୍ୟାୟରେ ଜଗତକଲ୍ୟାଣ ଓ ଜୀବଉଦ୍ଧାର ନିମିତ୍ତ ତାହାକୁ ନିୟମିତ ଭାବରେ ''ଚରମ''ରେ ପ୍ରକାଶ କରିବାର ଆଶୀର୍ବାଦ ଦେଇ ଏ ଜୀବଜଗତକୁ ଧନ୍ୟ କରିଛନ୍ତି । ''ଚରମ''ର ଜନ୍ମକାଳଠାରୁ ଅଦ୍ୟାବଧି ସେହି ଅନୁଭୂତିଗୁଡ଼ିକ ପର୍ଯ୍ୟାୟକ୍ରମେ ପ୍ରକାଶ ହୋଇ ଆସୁଅଛି । ପ୍ରେମମୟ, ଭକ୍ତବତ୍ସଳ ଭଗବାନ ଠାକୁରଙ୍କର କରୁଣାକଣା ଲାଭ କରି ପ୍ରତ୍ୟେକ ପାଠକ/ପାଠିକା ଧନ୍ୟ ହୁଅନ୍ତୁ । ଏତିକି ଶୁଭକାମନା ।*

'ଚରମ' ପଞ୍ଚମପୁଷ୍ପ : ଷଷ୍ଠ ପାଖୁଡ଼ା : ପଞ୍ଚବିଂଶତିତମ ସଂଖ୍ୟା ଅନୁଭୂତିରୁ :

## (୪୦) ରତ୍ନଗୁର୍ଜରୀକୋଷ :

### *(୧୩) ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସରଳୀଭାବ, ସ୍ୱାଭାବିକ ଜୀବନଯାତ୍ରା :*

ପୂର୍ବରୁ ଆଲୋଚନାରେ ବର୍ଣ୍ଣିତ ହୋଇଛି ଯେ, ରତ୍ନଗୁର୍ଜରୀ ଅନ୍ୟ କୋଷ ସହ ମିଳିତ ନ ହେବା ପର୍ଯ୍ୟନ୍ତ ନିର୍ଲିପ୍ତ ରହେ । ନିଜର ସମସ୍ୟା ବ୍ୟତୀତ ଅନ୍ୟ କୌଣସି ଜଟିଳତାରେ ପ୍ରବେଶ କରେ ନାହିଁ । କିନ୍ତୁ ସରଳ ଜୀବନ ଯାପନ କରିବାର ସୁଯୋଗ ଦିଏ ନାହିଁ । ନିଜର ସ୍ୱାର୍ଥରେ ସର୍ବଦା ରହିବା ପାଇଁ ଉତ୍ସାହିତ କରେ । ମାତ୍ର ଅନ୍ୟର କ୍ଷତି ସାଧନ ବା ଅପକାର କରିବାପାଇଁ ଇଚ୍ଛା ପ୍ରକଟ କରେ ନାହିଁ । ସାଧାରଣ ଭାବରେ ବିଚାର କଲେ ଦେଖାଯିବ ଯେ, ଏହା ହେଉଛି ଜୀବର ସ୍ୱାଭାବିକ ଅବସ୍ଥା ।

ଯଦି କୋଷଟି କୌଣସି କାରଣରୁ ଗୌଲକାନ୍ତି ଓ ନାଦଗର୍ଦ୍ଦଣ କୋଷ ସହ ଏକତ୍ର ହୋଇଯାଏ, ତେବେ ଜୀବକୁ ଏକ ଅତ୍ୟୁଚ୍ଚ ସୋପାନକୁ ନେଇଯାଏ । ଜୀବର ମନରେ, ଶରୀରରେ ସରଳୀଭାବର ଉଦ୍ରେକ ହୋଇଯାଏ ।

ଜୀବ ଥରେ ସରଳଭାବ ଗ୍ରହଣ କରି ନେଲେ ତା'ର ଜୀବନର ଗତିପଥ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଯାଏ । ସରଳତାର ଆନୁସଂଗିକ **ଗୁଣାବଳୀ ଯଥା: ଦୟା, କ୍ଷମା,** ସହନଶୀଳତା, ଦୃଢ଼ତା ଆଦି ଦ୍ୱାରା ସେ ପରିଚାଳିତ ହୁଏ । ଫଳରେ ସମସ୍ତ ଅସଦ୍ ଗୁଣ ଲୋପ ପାଇଯାଏ ଓ ଜୀବ ପରମାର୍ଥ ପଥର ଏକ ସଫଳ ପଥିକ ଭାବରେ ପ୍ରକାଶିତ ହୁଏ । କିନ୍ତୁ ଏହି ଅବସ୍ଥା ସହଜରେ ଆସେ ନାହିଁ । ଏହା ଏକ ଦୁର୍ଲ୍ଲଭ ତଥା ଦୁଷ୍ପ୍ରାପ୍ୟ ଅବସ୍ଥା । ଆଧ୍ୟାତ୍ମିକ ସୂତ୍ରର ଗୁରୁବାଦ ମଧ୍ୟରେ ପ୍ରବେଶ କରି ଶ୍ରୀଗୁରୁଙ୍କ ନିର୍ଦ୍ଦେଶିତ ଧର୍ମଧାରା ନିଷ୍ଠା ଓ ବିଶ୍ୱାସ ସହ ପାଳନ କରି ରଜ୍ଜୁଗୁର୍ଜ୍ଜରୀର ''ଜ୍ଞାତ ଅଭ୍ୟାସ କର୍ମ'' ଉପରେ ସିଦ୍ଧିପ୍ରାପ୍ତ ହେଲେ ଶ୍ରୀଗୁରୁଙ୍କ କୃପାରେ କୋଷଟି ଗୌଳକାନ୍ତି ଓ ନାଦଗର୍ଦ୍ଦଣ କୋଷ ସହ ସ୍ୱତଃ ମିଳିତ ହୋଇଯାଏ । ଶ୍ରୀଗୁରୁଙ୍କ ପ୍ରତ୍ୟକ୍ଷ କୃପା ବିନା କୋଷତ୍ରୟଙ୍କର ମହାମିଳନ କଦାପି ସମ୍ଭବ ହୋଇପାରେ ନାହିଁ ।

ରଜ୍ଜୁଗୁର୍ଜ୍ଜରୀ ଗୌଳକାନ୍ତି ଓ ନାଦଗର୍ଦ୍ଦଣ ସହ ମିଶିଲେ ଯେପରି ସମସ୍ତ ଦିବ୍ୟଗୁଣର ପ୍ରକାଶ ହୁଏ, ସେହିପରି କୋଷଟି ଗ୍ରସରୀ ଓ ସ୍ତମ୍ଭ କୁଣ୍ଡଳିନୀ ସହ ଏକତ୍ର ହେଲେ, ଜୀବ ଆପେ ଆପେ ଏକ ଅସହାୟ ଅବସ୍ଥାକୁ ଆସିଯାଏ । ଉକ୍ତ ମିଳନରେ ଜୀବ ଚିତ୍ତର ପାରିଷଦମାନେ ଦୁର୍ବଳ ହୋଇଯାଆନ୍ତି । ଚିତ୍ତ ସବଳ ଓ ସତେଜ ଥିଲେ ମଧ୍ୟ ପାରିଷଦମାନଙ୍କର ଦୁର୍ବଳତା ଯୋଗୁଁ ଜୀବ ଭୟାତୁର, ସନ୍ଦେହୀ ହୋଇ ନିଜକୁ ତଥା ଅନ୍ୟମାନଙ୍କୁ ସନ୍ଦେହ କରେ, ଅବିଶ୍ୱାସ କରେ । କୋଷତ୍ରୟର ଏକତ୍ରୀକରଣ ଅଧିକ ସମୟ ସ୍ଥାୟୀ ହେଲେ, ଜୀବ ଧୀରେ ଧୀରେ ଏକ ଦୟନୀୟ ଅବସ୍ଥାରେ ଉପନୀତ ହୋଇ ନିଜ ଉପରୁ ଆସ୍ଥା ହରାଇ ସଂପୂର୍ଣ୍ଣ ବିକାରଗ୍ରସ୍ତ ହୋଇଯାଏ ଏବଂ ଅତି ଦୁଃଖରେ କାଳାତିପାତ କରେ । କିନ୍ତୁ ଯଦି ଜୀବଟି ଗୁରୁବାଦ ପରିସର ମଧ୍ୟରେ ନିଷ୍ଠା ଓ ବିଶ୍ୱାସ ସହ ଜୀବନଯାତ୍ରା କରୁଥାଏ, ତେବେ ଶ୍ରୀଗୁରୁଙ୍କର କୃପାରେ ଏହି ମିଳନର ପୃଥକୀକରଣ ହୋଇଯାଏ ଓ ଜୀବ ପତନାବସ୍ଥାରୁ ମୁକ୍ତ ହୋଇ ଆତ୍ମପ୍ରତ୍ୟୟ ଫେରିପାଏ । ନଚେତ୍ ଅନ୍ୟ କୌଣସି ପ୍ରତିକାର ନ ପାଇ ସେ ଜନ୍ମଟି ସେହି ଅସହାୟ ଭାବରେ ଅତିକ୍ରାନ୍ତ ହୋଇଯାଏ ।

### (୧୪) ଚଉରାଶି ଯୋନିର କ୍ରମ ବିକାଶ :

ସମସ୍ତ ଆଲୋଚିତ କ୍ରିୟା ମଧ୍ୟରେ କୋଷଟିର ସ୍ୱତନ୍ତ୍ର ଭାବରେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି । ଜୀବ କ୍ରମାନ୍ୱୟରେ ଏବଂ ପର୍ଯ୍ୟାୟଭିତ୍ତିକ ସୂତ୍ରରେ ଚଉରାଅଶି ଯୋନିରେ ଭ୍ରମଣ କରିବା ପରେ ଦୁର୍ଲ୍ଲଭ ମାନବ ଜନ୍ମ ଗ୍ରହଣ କରେ । ଏହି ପର୍ଯ୍ୟାୟ ଭୋଗକୁ ଜୀବର କ୍ରମବିକାଶ ବୋଲି କୁହାଯାଏ । ଏକ ନିର୍ଦ୍ଦିଷ୍ଟ ସୂତ୍ରର ପରିଧି ମଧ୍ୟରେ ଜୀବର ଉକ୍ତ କ୍ରମବିକାଶ କାର୍ଯ୍ୟ ସଂଗଠିତ ହୋଇଥାଏ । ଏ ସମସ୍ତ କାର୍ଯ୍ୟ କେବଳ ରଜ୍ଜୁଗୁର୍ଜ୍ଜରୀ କୋଷ ଏକାକୀ କରାଇଥାଏ ଓ ପ୍ରତି ପର୍ଯ୍ୟାୟର ସ୍ଥିତାବସ୍ଥାକୁ ଗ୍ରହଣ କରି ସାଇତି ରଖି ପରବର୍ତ୍ତୀ ବିକାଶ ବା ସଂସ୍କାର ପାଇଁ ପଥ ପରିଷ୍କାର କରାଇଥାଏ । ତେଣୁ ବାସ୍ତବରେ ରଜ୍ଜୁଗୁର୍ଜ୍ଜରୀ କୋଷ ଜୀବର ଜୀବନପ୍ରବାହରେ ପ୍ରଥମରୁ ହିଁ ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣୟାତ୍ମକ ଭୂମିକା ଗ୍ରହଣ କରିଥାଏ ।

### (୧୫) ରଜ୍ଜୁଗୁର୍ଜ୍ଜରୀ ଓ ଶୁଣଭୃଙ୍ଗ ମିଳନ କ୍ରିୟା :

ଜୀବର ଜରାୟୁରେ ଯେଉଁ ରଜ୍ଜୁଗୁର୍ଜ୍ଜରୀ କୋଷ ନିର୍ମାଣ ହୋଇଥାଏ ତାହା ''ଶୁଣଭୃଙ୍ଗ''ର ''ଅର୍ଦ୍ଧୋନ୍ମୁ'' ସ୍ନାୟୁ ନେଇ କେତେ ଗୁଡ଼ିଏ ''ସଦ୍'' ଭୃଣକୁ ଜାଗ୍ରତ କରି ରଖିଥାଏ । ଏହି ଭୃଣଗୁଡ଼ିକ ଜାଗ୍ରତ ହୋଇ ଚାତକ ପରି ଚାହିଁ ରହିଥାନ୍ତି ଓ ମାତୃଗର୍ଭରେ କ୍ରିୟାଶୀଳ ହୋଇଥାନ୍ତି । ଏହି ଅବସ୍ଥାରେ ମାତୃଗର୍ଭର ମନ୍ତ୍ରମନନ, ବ୍ରହ୍ମାଣ୍ଡ ତତ୍ତ୍ୱର କର୍ମ, ବ୍ରହ୍ମାଣ୍ଡ ଚଳପ୍ରଚଳ ପ୍ରଣାଳୀ ଇତ୍ୟାଦି ସେ (ଜୀବ) ଅନୁଭବ କରେ । ଯେତେବେଳେ ମାତୃଗର୍ଭ

ତ୍ୟାଗ କରି ଜୀବ ଭୂମିଷ୍ଠ ହୁଏ, ''ଶୃଣଭୃଙ୍ଗ'' ଅର୍ଧୋନ୍ନ ସ୍ନାୟୁକୁ ଘୋଡ଼ାଇ ପକାଇ ବିକେନ୍ଦ୍ରିୟ ବୃତ୍ତି ତୋଳି ଦିଏ । ତେଣୁ ଭୂମିଷ୍ଠ ହୋଇଥିବା ଜୀବଶିଶୁ ହଠାତ୍ ମୋହାଚ୍ଛନ୍ନ ହୋଇଯାଏ । ଏହି ବିକେନ୍ଦ୍ରିୟ ବୃତ୍ତିର କ୍ରିୟାଶୀଳତାରୁ ଶିଶୁର ବୟସ ବୃଦ୍ଧି ସଂଗେ ସଂଗେ ଶୀଘ୍ର ବାହ୍ୟ ବିକାର ସ୍ତରକୁ ଗତି କରିଯାଏ । ସଦ୍ଭାବକୁ ନ୍ୟୂନ/ଊଣା କରି ଦେଇ ଅସଦ୍ଭାବ କ୍ରିୟା ଅଧିକ କରିବାପାଇଁ ଆକୃଷ୍ଟ ହୁଏ । ବିକାରର ଭାବ ଗ୍ରହଣ କରି ରଜ୍ଜୁଗୁର୍ଜରୀ କୋଷ ଦ୍ୱାରା ଚେତା ପ୍ରାପ୍ତ ହୋଇଯାଏ । ଫଳରେ ପ୍ରକୃତି ସଚେତନ ହୋଇ କୁ-ବିକାର ଭାବର କାର୍ଯ୍ୟ କରିବାକୁ ଗତି ପ୍ରଖର କରେ । ଏହି ସମୟରେ ସତ୍ୟେନ୍ଦ୍ରିୟ ଗତି ବନ୍ଦ ହୋଇଯାଏ । ଜୀବର ଭାବ ବାଧାପ୍ରାପ୍ତ ହେଲେ ବୋଧ ଦ୍ୱାରା ଅନୁତାପ କରେ । ତା ପରେ ସଦ୍ବୃତ୍ତି ଚେତା ପୁରୁଷ ଦ୍ୱାରା ସୂଚନା ପାଏ । ଏହି ଅବସ୍ଥାରେ ଜୀବ କିଛି ଦିନ ପାଇଁ ସଦ୍ବନ୍ଧ ହୋଇଯାଏ । ପରବର୍ତ୍ତୀ ପର୍ଯ୍ୟାୟରେ ପୁନରାୟ ତା'ର ପୂର୍ବର ଅସଦ୍ବନ୍ଧ ସ୍ୱାଭାବିକ ଅବସ୍ଥାକୁ ଫେରି ଆସେ । ଉଦାହରଣସ୍ୱରୂପ-ଜଣେ ଜୀବ ଶିଶୁଅବସ୍ଥା ବା ପ୍ରାପ୍ତଅବସ୍ଥା ହେଉ, ବିକେନ୍ଦ୍ରିୟ ବୃତ୍ତିର ପ୍ରଭାବରେ ବସ୍ତୁ ଚୋରି କରି ରଖିଛି । ପିତା, ମାତା ବା ଅନ୍ୟ କେହି ପଚାରିଲେ ଫାଙ୍କି ଦେଉଛି । ଶୃଣଭୃଙ୍ଗ କେତେକ ବିକାରୀୟ କୋଷକୁ ନେଇ ପିଣ୍ଡରେ ଏକ ଘର ତିଆରି କରିଦିଏ । କେବଳ ''ଯୋଗ'' ଅବସ୍ଥାରେ ହିଁ ଏମାନେ ସତ୍ୟେନ୍ଦ୍ରିୟ ଭାବ ତୋଳନ୍ତି । ଯଦି ଜୀବ ସାଧନ କର୍ମ ନ କରେ ତେବେ ସତ୍ୟେନ୍ଦ୍ରିୟ ଭାବର ଉଦ୍ରେକ ହୁଏ ନାହିଁ । ଫଳରେ ସାଧାରଣ ଜୀବନ ଯାପନ କରି ଜୀବ ମୃତ୍ୟୁ ପର୍ଯ୍ୟନ୍ତ ସତ ମିଛର ଶିକାର ହୁଏ । ବସ୍ତୁ ଚୋରି ସତ୍ୟ ସେ ଜାଣୁଛି । ଲୁଚାଇବା କ୍ରିୟାର ମୋହ ତୋଳୁଛି । ସେହି ମୋହ ''ଗ୍ରନ୍ଥି'' ହୋଇଗଲେ ସେ ନିର୍ବିଚାର ଭାବରେ ଫାଙ୍କି ଦେଉଛି । ଏହାଦ୍ୱାରା ଭାବରାଜ୍ୟରେ ଦୁର୍ବଳ ହୋଇଯାଉଛି । କାରଣ ମୋହଗ୍ରନ୍ଥି ପ୍ରଭାବରେ ମନା କରି ଦେଉଛି । କିନ୍ତୁ ଅପର ପକ୍ଷରୁ ଟାଣ, ତାଡ଼ନା, ଧମକ ପାଇଲେ ମାନିଯାଉଛି । ଚୋରି ପ୍ରମାଣିତ ହୋଇଯାଉଛି । ଏହି କ୍ରିୟା କିପରି ସମ୍ଭବ ହେଉଛି ? ତାଡ଼ନା, ଧମକ ଆଦି କ୍ରିୟା ''ଶବ୍ଦ'' ତୋଳୁଛି । ସେ ଶବ୍ଦକୁ ଶୃଣଭୃଙ୍ଗ ଗ୍ରହଣ କରୁଛି । ଫଳରେ ସେ ଗ୍ରହଣର ଶବ୍ଦଭେଦ ପିଣ୍ଡରେ ହେଉଛି । ବିକାରୀୟ ପୁରୁଷ ଜୀବର ବାହ୍ୟ ଚୈତନ୍ୟକୁ ସୂକ୍ଷ୍ମ ସୂଚନା ଦେଉଛି ''ତୁ ମାନି ଯା, ନଚେତ୍ ଦଣ୍ଡ ଭୋଗିବୁ ।'' ତା ପରେ ସେ ତତ୍କ୍ଷଣାତ୍ ମାନିଯାଉଛି । ପୁନଶ୍ଚ ଦେଖାଯାଏ, ଦେହକୁ ମାଡ଼, କଷ୍ଟ, ନିର୍ଯ୍ୟାତନା ଦେଲେ ମରିଯାଉଛି ବରଂ ମାନୁନାହିଁ । ଏହାର କାରଣ ହେଉଛି ରଜ୍ଜୁଗୁର୍ଜରୀରେ ଶ୍ରୋତବାହୀ ସ୍ନାୟୁ ଦୃଢ଼ ହୋଇଯାଉଛି । ଫଳରେ ଚୋରି କରି ବସ୍ତୁ ଚପିଯାଉଛି । ଜୀବର ଭାବ ଟାଣ ରହିଯାଉଛି । ନିଷ୍ପତ୍ତି ନେଇ ଯାଉଛି ''ମରିଯିବି ବରଂ ମାନିବି ନାହିଁ ।'' ଏହି ଅବସ୍ଥାରେ ଶ୍ରୋତବାହୀ ସ୍ନାୟୁ ବୋଧ ଦେଇ ପ୍ରକୃତି ଦ୍ୱାରା ସାହାଯ୍ୟ କରି ପ୍ରେରଣା ଦେଉଛି, ''ତୁ ଫାଙ୍କି ଦେ, ତୋର ମର୍ଯ୍ୟାଦା, ସମ୍ମାନ ରକ୍ଷା ହୋଇଯାଉ । ଏହି ଅବସ୍ଥାରେ ଜୀବ ଦେହକୁ ଆଘାତ ଦେଲେ ମଧ୍ୟ ଅବାଧ ହେଉଛି ।

ପୁନଶ୍ଚ ଦେଖାଯାଏ, ଜୀବ ଚୋରି କରିବା ପରେ ଆପେ ଆପେ ଭଲେଇ ହୁଏ । ଭାବ ଦେଖାଯାଏ ଯେ, ସତେ ଯେପରି ଚୋରି କାର୍ଯ୍ୟକୁ ଓ ଚୋରକୁ ସେ ବାସ୍ତବରେ ଘୃଣା କରୁଛି । ସେହି ଭାବରେ ସେ କୁହେ, ''ଏମିତି କିଏ କଲା ? ଏତେ ଦୁଷ୍ଟ ଚୋର, ଲମ୍ପଟ ସେ । ଏଭଳି ଚୌରବୃତ୍ତି କିପରି କରୁଛି ? ତାକୁ ଖରାପ ଲାଗୁନାହିଁ ? ଇତ୍ୟାଦି'' । ପିଣ୍ଡରେ ଶୃଣଭୃଙ୍ଗର ସତ୍ୟ ଶୈତାନୀ ସ୍ନାୟୁ ବାହାରକୁ ଭଲେଇ ଭାବ ଦେଖାଉଛି, କିନ୍ତୁ ଭିତରେ ଶୈତାନ ରୂପ ସାଜି ଚୌର୍ଯ୍ୟବୃତ୍ତିକୁ ଟାଣ କରି ଦେଉଛି । ଏହି କର୍ମ ଚାରି ଅବସ୍ଥାରେ ଭୋଗ ହେଉଅଛି । ସମାଜରେ ଏହାର ଚମତ୍କାରିତା ବହୁଳ ଭାବରେ ପ୍ରକାଶିତ ହେଉଛି । ସତ୍ୟଶୈତାନୀ ସ୍ନାୟୁ ଛଳନା ପ୍ରକଟ କରି ପରିବାରକୁ ନଷ୍ଟ କରୁଛି । ଗୃହ ବିବାଦ ସୃଷ୍ଟି କରାଇ ଶାନ୍ତି ନଷ୍ଟ କରୁଛି । ସମାଜକୁ ମଧ୍ୟ ନଷ୍ଟ କରୁଛି । କିନ୍ତୁ ବାହ୍ୟବିକାରରେ ସତକଥା କହିଲାଭଳି ଜଣା ପଡୁଛି । ବସ୍ତୁ ଚୋରି ନ କଲା ପରି ଜଣାପଡୁଛି । ସମାଜରେ ସେ ବ୍ୟକ୍ତି ଭଦ୍ରଭଲେଇ ରୂପରେ ସମ୍ମାନିତ ହେଉଛି । ଏହାଦ୍ୱାରା ସତ୍ୟେନ୍ଦ୍ରିୟ ବୃତ୍ତି ସୂକ୍ଷ୍ମରେ ରହି ବ୍ରହ୍ମଙ୍କ ନିକଟରେ

ଛଳନାର ପ୍ରମାଣ ଯୋଗାଇ ଦେଉଛି । ଫଳରେ ପିଣ୍ଡରେ ବ୍ୟକ୍ତିର ଗୃହୀତ ଫଳ ଲୋପ ପାଇ ସଞ୍ଚିତ କର୍ମଫଳ ଗଚ୍ଛିତ ହୋଇ ଏହି ଜନ୍ମରେ ଦଣ୍ଡ ଭୋଗ କରୁଛି । ତତ୍ ସଙ୍ଗେ ସଙ୍ଗେ ପରିବାର ମଧ୍ୟ ଲାଞ୍ଛିତ, ଅପମାନିତ, ଲଜ୍ଜିତ ହୋଇ ଦଣ୍ଡ ଭୋଗ କରୁଛନ୍ତି । ଏହି କ୍ରିୟା ଦ୍ୱାରା ଦାରିଦ୍ର୍ୟତା ଶୀଘ୍ର ଚାଲିଆସେ । ଅନ୍ନ, ବସ୍ତ୍ର ମଧ୍ୟ ମିଳେ ନାହିଁ । ପିଣ୍ଡ ମଧ୍ୟରେ ଏ କର୍ମ ସତ୍ୟେନ୍ଦ୍ରିୟ ବୃତ୍ତିକୁ ରଜ୍ଜୁଗୁର୍ଜ୍ଜରୀ କ୍ରିୟା ଦ୍ୱାରା ଦଣ୍ଡ ଭୋଗ କରିବାକୁ ବାଧ୍ୟ କରାଏ । ଏହି ଆଲୋଚିତ ଭଦ୍ରବ୍ୟକ୍ତି ଉକ୍ତ ଛଳନା କ୍ରିୟା ଦ୍ୱାରା ସମୟେ ସମୟେ ନିର୍ଦ୍ଦୋଷ ବ୍ୟକ୍ତିକୁ ଦୋଷୀ ଭାବରେ ପ୍ରମାଣ କରିଦିଏ । ବ୍ୟକ୍ତିଟି ଏହି ଅବସ୍ଥାରେ କିଛି ସମୟ ପାଇଁ ସନ୍ଦେହୀ ହୁଏ । ପୁଣି 'ସତ୍ୟେନ୍ଦ୍ରିୟ ବୃତ୍ତି''କୁ ଶୁଣଭୃଙ୍ଗର ସଦ୍‌ସ୍ନାୟୁ ଦ୍ୱାରା ତଡ଼ିତ୍ ରୂପ ଧାରଣ କରି ସ୍ୱଭାବ ବଦଳାଇ ଦିଏ । ଜୀବର ଏହା ଅତ୍ୟାଚାର ହେଲେ ମଧ୍ୟ ଏହିଠାରେ ଯଦି ସତ୍ୟବନ୍ଧ ହେବ, ବାହ୍ୟ ଅଭ୍ୟାସ ଦ୍ୱାରା ତାହା ଅନ୍ତକରଣକୁ ଯାଇ ଖୁବ୍ ଶୀଘ୍ର ସଂଶୋଧନ ହେବ । କିନ୍ତୁ ସ୍ୱାର୍ଥକୁ ଆଖି ଆଗରେ ରଖି ସେ କର୍ମସୂତ୍ରକୁ ଭୁଲିଯାଏ । ଏହିଠାରେ କୁହେ ଯେ, ''ଭଗବାନ ସବୁ କରାଉଛନ୍ତି ।'' କିନ୍ତୁ ଜୀବ କୁଭାବ କ୍ରିୟା ଗୁଡ଼ିକୁ ଚାହିଲେ, ଚାହିଁବାର ଦୃଢ଼ ପଦକ୍ଷେପ ନେଲେ କୁକର୍ମ ଆପେ ଆପେ କଟିଯାଏ । ଯଦି ଦୃଢ଼ଭାବ ନ ହେଲା, ତେବେ ଖୁବ୍ ଶୀଘ୍ର ତାର ପତନ ହୋଇଯାଏ । ଯେତେ ଧନୀଲୋକ ହେଲେ ମଧ୍ୟ ଏହି କୁଫଳର ପ୍ରଭାବରେ ଦଣ୍ଡ ଭୋଗ କରିବାକୁ ବାଧ୍ୟ ହୁଏ । ମାତ୍ର ଦଣ୍ଡ ଭୋଗ କରୁଥିବା ସମୟରେ ନିଜର ବୃତ୍ତି ପ୍ରତି ସଚେତନ ନ ହୋଇ ଅନ୍ୟ ପ୍ରତି ପରଶ୍ରୀକାତର ହୋଇଯାଏ । ହିଂସା ମନରେ ସର୍ବଦା ଜଳିଯାଏ । ସବୁବେଳେ ସ୍ୱାର୍ଥର କ୍ରିୟାମାନ କରିବାପାଇଁ ମନ ବଳାଏ । ତଥାପି ତା'ର ଅବସ୍ଥାର କୌଣସି ପରିବର୍ତ୍ତନ ବା ଉନ୍ନତି ହୁଏ ନାହିଁ । ଯେତେ ଠକେଇ ନିତିପ୍ରତି କରୁଥାଏ ''ସତ୍ୟେନ୍ଦ୍ରିୟ ବୃତ୍ତି'' ଶୁଣର ସଦ୍‌କର୍ମର ସ୍ନାୟୁ ଦ୍ୱାରା ଠେଲିଦିଏ । ଫଳରେ ସେ ଦିନକୁ ଦିନ ଦରିଦ୍ର ହୋଇଯାଏ । ସତ୍, ଅସତ୍‌ର କର୍ମଫଳମାନ ବିଚାରକୁ ନେଇ ଦେହକୁ ଯାତନା ଯୋଗାଏ । ଏ ଅବସ୍ଥାମାନ ଭୋଗ କରିକରି ସେ ଦେହତ୍ୟାଗ କରେ । ପରିବାରବର୍ଗ ଏହି ଫଳଭୋଗରେ ଭାଗୀଦାର ହୁଅନ୍ତି ।

ଏତଦ୍‌ଭିନ୍ନ ଅନେକ କ୍ଷେତ୍ରରେ ପରିଲକ୍ଷିତ ହୁଏ ଯେ, ପିତା ଭୋଗ୍ୟର ବସ୍ତୁକର୍ମମାନ ସନ୍ତାନ ଭୋଗ କରିଯାଏ । ପୁରୁଷାନୁକ୍ରମାନୁଯାୟୀ ପରିବାର ସୁଖରେ ରହିଥାନ୍ତି । ଯେଉଁ ସନ୍ତାନମାନଙ୍କର ପୂର୍ବଜନ୍ମର ସୁକୃତ ଫଳ ଐଶ୍ୱର୍ଯ୍ୟ ଶକ୍ତଥାଏ, ''ପିତା ଭୋଗ୍ୟବସ୍ତୁ'' ପିଣ୍ଡରେ ବାଧାପ୍ରାପ୍ତ ହୁଏ ନାହିଁ । ''ବାପ ଖାଇଥିଲେ ତାଳ । ପୁଅକୁ ହୁଅଇ କାଳ ।'' ବାପ ଚୌରବୃତ୍ତି କରୁଥିଲେ, ପୁଅ ମଧ୍ୟ ଅନୁକରଣ କରୁଥାଏ । ବାପ ମିଥ୍ୟା ବୃତ୍ତିଧାରୀ, ଲମ୍ପଟ ଥିଲେ, ପୁଅ ମଧ୍ୟ ସେହିପରି ହୁଏ । ଏହି ପର୍ଯ୍ୟାୟ ଭୋଗ ସମୟରେ ପୁଅ ଯଦି ଗୁରୁଆଶ୍ରିତ ହୋଇ ସାଧାରଣ ଧର୍ମଧାରା ଅଭ୍ୟାସ କର୍ମ କରେ ତେବେ ତା'ର ବାପ ଦ୍ୱାରା ସଂଗୃହୀତ କୁକର୍ମର କୁଫଳ କଟିଯାଏ । ସମାଜରେ ଆଉ ଲାଞ୍ଛିତ ହୁଏ ନାହିଁ ।

ତେଣୁ ଶ୍ରମ ଦ୍ୱାରା ଦେହକୁ କଷ୍ଟ ଦେଇ ନିଷ୍ପାପର ପବିତ୍ର ଜୀବନ ଅତିବାହିତ କରିବାକୁ ହେବ । ପ୍ରକୃତିର ଭାବମାନଙ୍କୁ ସଦ୍‌କର୍ମ ଦ୍ୱାରା ଦୃଢ଼ ପଦକ୍ଷେପ ନେଇ ''ମୁଁ ଏହା କରିବି ନାହିଁ'' ଶବ୍ଦ ଶପଥ କର୍ମଟାଣ ରଖିଲେ ଶୁଣଭୃଙ୍ଗ ସ୍ନାୟୁ ସତ୍ୟେନ୍ଦ୍ରିୟ ବୃତ୍ତିରେ ସମଭାବାପନ୍ନ ହୋଇ ସାହାଯ୍ୟ ନିଶ୍ଚୟ କରିବ ।

> ଅନ୍ୟର ଦୋଷ, ତ୍ରୁଟିକୁ ବାରମ୍ବାର ନିରୀକ୍ଷଣ କଲେ ଏବଂ ସେଥିରେ ସର୍ବଦାମନ ବୁଡ଼ାଇ ରଖିଲେ ନିଜ ମଧ୍ୟରେ ଦୋଷ ଦର୍ଶୀ ବିକାର ବୃତ୍ତି ଦୃଢ଼ ହୋଇଯିବ । ଫଳରେ ଘୃଣା, ହିଂସା ଓ କ୍ରୋଧ ଆଦି ଅସ୍ତ୍ର ସାହାଯ୍ୟରେ ଶରୀର ମଧ୍ୟରେ ଥିବା ଶୈତାନୀ ସ୍ନାୟୁ ପତନର ଦ୍ୱାର ଉନ୍ମୁକ୍ତ କରିଦେବ ।
>
> –ଶ୍ରୀଶ୍ରୀଶ୍ରୀ ଠାକୁର–

# କେଶବ କୈବଲ୍ୟ କଣିକା

*ଆଶ୍ରମାଗତ ଭକ୍ତ ଅନୁଗତ ଶିଷ୍ୟମାନଙ୍କ ସହିତ କଥୋପକଥନ ସମୟରେ ଠାକୁରେ ବିଭିନ୍ନ ପ୍ରସଙ୍ଗରେ ଉପଦେଶ, ଆଦେଶ, ଟିପ୍ପଣୀ, ମୀମାଂସା, ନିଷ୍ପତ୍ତି ଇତ୍ୟାଦି ଦେଇ ଥାଆନ୍ତି । ସେଗୁଡ଼ିକୁ ଯତ୍ନର ସହିତ ସଂଗ୍ରହ କରାଯାଇ ସଂରକ୍ଷଣ କରାଯାଇଛି । ଶ୍ରୀମହାପ୍ରଭୁଙ୍କର ଅଧର ନିଃସୃତ ଏହି ବାଣୀଗୁଚ୍ଛହିଁ କୈବଲ୍ୟ କଣିକା । ସଂଗୃହିତ ଓ ସଂରକ୍ଷିତ ବାଣୀଗୁଡ଼ିକୁ ପର୍ଯ୍ୟାୟକ୍ରମରେ ସମସ୍ତଙ୍କର ଅବଗତି ନିମନ୍ତେ ଧାରାବାହିକ ନିୟମିତ 'ଚରମ' ପୃଷ୍ଠାରେ ଏହି ଶୀର୍ଷକରେ ପ୍ରକାଶ କରାଯାଉଅଛି । ଏଗୁଡ଼ିକ ନିତ୍ୟ ପାଠ୍ୟ ଓ ଅଭ୍ୟାସ ନିମନ୍ତେ/ଆଧାତ୍ମିକ ଜ୍ଞାନ ବିକାଶ ନିମନ୍ତେ ଉଦ୍ଦିଷ୍ଟ ।''*

୧ - ପାର୍ଥିବ ଶରୀରରେ କଳୁଷିତ ଭାବ ନେଇ ଶାଖାକୁ ଯାଉଛ ! ପ୍ରାଥମିକ ସ୍ତରରେ ମତଭେଦକୁ ସମାଧାନ କରିବା ତୁମର ଲକ୍ଷ୍ୟ ହେବା ଉଚିତ୍ । ପ୍ରକୃତି ଭାବକୁ ଧରିଲେ, ଶାଖାକୁ ଯିବା କଣ ତୁମ ଦ୍ୱାରା ସମ୍ଭବ ହେବ ? ଠାକୁର ବୋଲି ଯଦି ଭାବୁଥାଅ, ତାହାହେଲେ ଠାକୁର କିପରି ଯାଆନ୍ତି ସ୍ମରଣରେ ରଖ । ଠାକୁରେ ଭାବ ଦେଖି ଯାଆନ୍ତି, ଯିବେ ।

୨ - ତୁମମାନଙ୍କୁ ସହଜ ଧାରା ଦିଆଯାଉଥିଲେ ମଧ୍ୟ ଅନେକେ ତାହା ବୁଝୁନାହାନ୍ତି କିମ୍ବା ଅଭ୍ୟାସ କରୁନାହାନ୍ତି । ଏତେ ସହଜ ସୂକ୍ଷ୍ମଧାରା ଅନ୍ୟ କୌଣସି ଯୁଗରେ ଦିଆଯାଇ ନ ଥିଲା ।

୩ - ଗୁରୁଙ୍କର ଦଣ୍ଡ ହେଉଛି ଜୀବର ସଂସ୍କାର । ଏଥିରେ ଜୀବର କ୍ଷତି ନା ଅଧଃପତନ ହୋଇ ଯାଉଛି ? ପୁରାଣ ପୃଷ୍ଠାରେ ଦେଖିବ - ପୂର୍ବ ଗୁରୁମାନେ (ବିଶ୍ୱାମିତ୍ର ଇତ୍ୟାଦି) ଯେଉଁଭଳି ଦଣ୍ଡ ବିଧାନ କରିଥିଲେ, ସେହିଭଳି ଦଣ୍ଡ ତ ତୁମମାନଙ୍କୁ ଦିଆଯାଉନାହିଁ । ଦଣ୍ଡ ଦ୍ୱାରା ଜୀବର ସଂସ୍କାର ହୋଇଥାଏ ।

୪ - ଅବ୍ୟକ୍ତରୁ ଯାହା କ୍ଷରିଲା, ତାହାମନ୍ତ୍ର, ମନ୍ତ୍ରରେ ସ୍ୱରୂପ ବ୍ୟକ୍ତ ହେଲେ, ତାହା ଶ୍ଳୋକ ।

୫ - ସମସ୍ତଙ୍କର ଭାବ ଓ ଅନୁଭବ ସମାନ ନୁହେଁ, ପ୍ରତ୍ୟେକଙ୍କର ପୃଥକ୍ ପୃଥକ୍ । ନିଜ ଭାବ ଓ ଅନୁଭବ ଅନୁଯାୟୀ ଅନ୍ୟମାନଙ୍କୁ ମାପି ବସିଲେ ଚଳିବ ? ଏହାଦ୍ୱାରା ଅନ୍ୟମାନଙ୍କର ଭାବ ଓ ଅନୁଭବ ନେଇ ଭାବାନ୍ତର ସୃଷ୍ଟିହେବ ଓ ସେମାନେ ବିକାରଗ୍ରସ୍ତ ହେବେ । ପ୍ରତ୍ୟେକଙ୍କର ସ୍ୱତନ୍ତ୍ର ଭାବ ଅଛି ଓ କିଛି ନା କିଛି ଅନୁଭବ ମଧ୍ୟ ଅଛି : ତାହା ସ୍ଥୂଳରେ ବା ସୂକ୍ଷ୍ମରେ ହେଉ ।

୬ - କର୍ମ ଦୁଇଭାଗରେ ବିଭକ୍ତ । ଗୋଟିଏ ସ୍ୱକର୍ମ : ଯେଉଁ କର୍ମ ଶରୀର ରକ୍ଷା ନିମନ୍ତେ କରାଯାଏ । ଅନ୍ୟଟି ବିହିତ କର୍ମ : ଯେଉଁ କର୍ମ ଜଗତ କଲ୍ୟାଣ ନିମନ୍ତେ କରାଯାଏ ।

୭ - ସମସ୍ତ ଆଧାତ୍ମିକ କର୍ମ ତମେ ଏକାବେଳକେ କରି ପକାଇବ ତାହା ହେବନାହିଁ । ଜମିକୁ ଯେପରି ଏକ ଏକ ଗାର ହଳ କରି ଘାସ ମରାଯାଏ, ଜୀବକୁ ସେହିପରି ଜନ୍ମାନ୍ତର ବାଦରେ କର୍ମ କରି କରି ଯିବାକୁ ପଡ଼ିବ ।

୮ - ଜୀବ ମାତ୍ରେ ହିଁ ସନ୍ଦେହୀ, ସନ୍ଦେହ ବେଳେ ବେଳେ ପୂରଣ ହୋଇଥାଏ । ଅନେକ ସମୟରେ ତାହା କିଛି ମାତ୍ରାରେ ପୂରଣ ହୋଇଥାଏ । ପୁଣି କେତେବେଳେ ଆଦୌ କିଛି ପୂରଣ ହୁଏ ନାହିଁ । କିଛି ପୂରଣ ନ ହେଲେ, ବିକାର ଭାବ ସୃଷ୍ଟି ହୁଏ ।

୯- ଧରାପୃଷ୍ଠକୁ ଅନେକ ସାଧୁସନ୍ଥ ଆସିଛନ୍ତି । ଲେଖା ମାଧ୍ୟମରେ ଅନେକ ଧର୍ମକଥା ଦେଇ ଯାଇଛନ୍ତି । ଧର୍ମ ପଥରେ ଯିବାକୁ ହେଲେ, ଯେଉଁ ପର୍ଯ୍ୟାୟ ଦେଇ ଗତି କରିବାକୁ ହୁଏ, ତାହା କଣ ଦର୍ଶାଇ ଯାଇଛନ୍ତି କି ? ଧର୍ମ ପଥରେ ବହୁ ବାଧାବିଘ୍ନ ଥାଏ, ସାଧୁସନ୍ଥମାନେ ଧର୍ମର ପଥ ବିସ୍ତୃତ ଜାଣି ଜୀବକୁ କେବଳ ନାମ ଦେଇ ତା ମଧ୍ୟରେ ବାନ୍ଧି ରଖି ସଂସ୍କାର କରାଇ ନିଅନ୍ତି ।

୧୦ - ଜୀବ ତାହାର ବହୁଳ କର୍ମଫଳରୁ କିଛି ଏହି ଜନ୍ମରେ ଭୋଗେ ଓ ପରଜନ୍ମରେ ଭୋଗିବା ପାଇଁ କିଛି ରହେ । ଧର୍ମଧାରା ଗ୍ରହଣ କରି ଗୁରୁଦତ୍ତ ମନ୍ତ୍ର ମନନ, ଧ୍ୟାନ, ଜପ, ଦାନ ଓ ଧର୍ମ ବହୁଳ ଭାବରେ କଲେ, ଜୀବର କର୍ମଫଳ ଭୋଗ କେତେକ ମାତ୍ରାରେ ଲାଘବ ହୁଏ (କଟିଯାଏ) ।

୧୧ - ସନ୍ଦେଶ ପତ୍ରକୁ ଗୋପନରଖି ମାନସପାଠ କରିବା ପାଇଁ ତୁମକୁ ଆଦେଶ ଦିଆଯାଇଛି । ଏହାର ତାତ୍ତ୍ୱିକ ଅର୍ଥ ମଧ୍ୟ ଅଛି । ମାନସପାଠ ଭାବ ଅନ୍ତର୍ମୁଖୀ ହୁଏ । ବଡ଼ ପାଟିରେ ପାଠ କଲେ, ଭାବ ବହିର୍ମୁଖୀ ହୁଏ ।

୧୨ - ଶପଥ କରିବା ପରେ ତାହା ତମ ଶରୀରରେ ମଜ୍ଜାଗତ ହୋଇଯାଇଛି । ଶପଥ କରି ଯେବେ ଶପଥ ଭଗ୍ନ କରିବ, ତମର ବୈଷୟିକ ଉଚ୍ଛେଦ ଆପେ ଆପେ ହୋଇଯିବ । ବାସ୍ତବରେ ଆମେ କିଛି କରିବୁ ନାହିଁ । ଅନ୍ୟମାନେ କହିବେ - ଆମେ କରୁଛୁ, ମାତ୍ର କାଳସୂତ୍ରରେ ତାହା ଆପଣା ଛାଏଁ ହୋଇ ଯାଉଥିବ ।

୧୩ - ତମେ ଯଦି କର୍ମଯୋଗର ଧର୍ମଧାରା ନେଇ ନୀତି ନିୟମାନୁସାରେ କିଛି କରି ନ ପାରୁଛ, ଆମେ କହୁଛୁ : ତମେ ଦିନ ମାନରେ ଥରୁଟିଏ କର । ନତୁବା ଧୂପଦେଇ ମୁଣ୍ଡିଆଟିଏ ମାର ନିଶ୍ଚୟ କିଛି ଫଳ ପାଇବ ।

୧୪ - ସନ୍ଦେହୀ ଜୀବ ସନ୍ଦେହ ଭିତରେ ରହିଛି । କାହା ଭିତରେ ବୃହତ୍ ସନ୍ଦେହ ଥିଲେ, କାହା ଭିତରେ କ୍ଷୁଦ୍ର ସନ୍ଦେହ ରହିଛି । ସେହି ସନ୍ଦେହ ଭିତରେ ବି ସେ ଏଠାରୁ ଆମେରିକା ପର୍ଯ୍ୟନ୍ତ ଗପିଯିବ, କିନ୍ତୁ ଯେଉଁଠି ଅଛି ସେଇଠି ରହି ରହି ମରିବ ।

୧୫ - ଏ ଦରବାରରେ ଉପଲବ୍ଧି ନ ଥିବାରୁ ଓ ତୁମେମାନେ ବିଭିନ୍ନ ସମସ୍ୟା ଭିତରେ ରହୁଥିବାରୁ ଅଧିକାଂଶଙ୍କ ମନରେ ହତୋତ୍ସାହ ଭାବ ସୃଷ୍ଟି ହେଉଛି । ତଦ୍ୱାରା ସେମାନଙ୍କ ଧର୍ମହାନି ହୋଇ ଧର୍ମଭାବର ଅଭାବ ଘଟୁଛି ।

୧୬ - ଏଠାରେ କଣ ପ୍ରକୃତ ଭାଇ ଅଛନ୍ତି ? ପ୍ରକୃତ ଭାଇ ଥିଲେ, ଆପଦ ବିପଦ ସମୟରେ ପାଖରେ ପହଞ୍ଚି ସହାନୁଭୂତି ଦେଖାନ୍ତେ ନାହିଁ ?

୧୭ - ଅନ୍ତରରେ ସାମାନ୍ୟତମ ଅହଂକାର ସୃଷ୍ଟି ହେଲେ ଭାବରେ ଅଭାବ ଦେଖା ଦେବହିଁ ଦେବ, ଭାବ ରହିବ ନାହିଁ ।

୧୮ - ଯୁଗର ଶେଷ ଭାଗରେ ସବୁ କିଛିର ଚରମ ହୋଇଥାଏ । ଯେତେବେଳେ ଅନ୍ୟାୟ ଅଧର୍ମ ଚରମରେ ପହଞ୍ଚିଛି, ସେତେବେଳେ ଯୁଗର ପ୍ରଳୟ ସମୟ ସନ୍ନିକଟ ହୋଇଛି । ବର୍ତ୍ତମାନ ଅନ୍ୟାୟ ଅଧର୍ମ ଏପରିକି ବିଜ୍ଞାନ ମଧ୍ୟ ଚରମରେ ଉପନୀତ ହେବାକୁ ଯାଉଛି । ଏ କଥା ପାଞ୍ଚଶହ ବର୍ଷ ପୂର୍ବରୁ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ ରଚିତ ମାଳିକାରେ ଦର୍ଶାଇ ସାଙ୍କେତିକ ଭାଷାରେ ବର୍ଣ୍ଣନା କରି ଯାଇଛନ୍ତି । ତେଣୁ ଯୁଗ ବର୍ତ୍ତମାନ କେଉଁ ପରିସ୍ଥିତିର ସମ୍ମୁଖୀନ ତାହା ସହଜରେ ଅନୁମାନ କରିପାରୁଥିବ ।

ଅଢ଼େଇ ଦିନକୁ ବଢ଼େଇ ସାଜିଲ
ମନ୍ଦିର ଦେଇ ସଜାଡ଼ି ।
ଆତ୍ମ ମନ୍ଦିରକୁ ଜବାବ ରଖିଲ
ଅକାରଣେ ସବୁ ଅଗାଡ଼ି ।।

- ଶ୍ରୀଶ୍ରୀଶ୍ରୀ ଠାକୁର -

## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର ମାହାଙ୍ଗା, କଟକ, ଓଡ଼ିଶା କାର୍ଯ୍ୟନିର୍ବାହୀ ସଭାର କର୍ମକର୍ତ୍ତା-

| | | | |
|---|---|---|---|
| ୧- | ଶ୍ରୀ ଅମର ରାୟ | - | ସଭାପତି |
| ୨- | ଶ୍ରୀ ଜୟାନନ୍ଦ ତ୍ରିପାଠୀ | - | ଉପସଭାପତି |
| ୩- | ଶ୍ରୀ ଧୀରେନ୍ଦ୍ର ବେହେରା | - | ସାଧାରଣ ସଂପାଦକ |
| ୪- | ଶ୍ରୀ ବିଜୟ କେତନ ପଟ୍ଟନାୟକ | - | ଯୁଗ୍ମ ସଂପାଦକ |
| ୫- | ଶ୍ରୀ ବିଜୟ କୁମାର ଦାସ | - | ମୁଖ୍ୟ କୋଷାଧ୍ୟକ୍ଷ |
| ୬- | ଶ୍ରୀ କୈଳାସ ଚନ୍ଦ୍ର ମହାନ୍ତି | - | ସାଂଗଠନିକ ମୁଖ୍ୟ, ଅ.ଗୁ.ବ୍ର. ସଂଘ |
| ୭- | ଶ୍ରୀ ବିରଞ୍ଚି ନାରାୟଣ ଦାସ | - | ଆଚାର୍ଯ୍ୟ, ଅ.ଗୁ.ବ୍ର. ସଂଘ |
| ୮- | ଶ୍ରୀ ଦାମୋଦର ପ୍ରଧାନ | - | ସଂପାଦକ, ଅ.ଗୁ.ବ୍ର. ସଂଘ |
| ୯- | ଶ୍ରୀମତୀ କାଞ୍ଚନବାଳା ରାଉତ | - | ସଂପାଦିକା, ମାତୃବନ୍ଦନା ସଂଗଠନ |
| ୧୦- | ଶ୍ରୀ କେଶବ ଦାସ ବୃନ୍ଦାବନ | - | ସଂପାଦକ, ସାହିତ୍ୟ ସଂସଦ୍ (ଚରମ) |
| ୧୧- | ଶ୍ରୀ ଧ୍ରୁବାନନ୍ଦ ବିଶ୍ୱାଳ | - | ସଂପାଦକ, ସେବାଶ୍ରମ ସଂଗଠନ |
| ୧୨- | ଶ୍ରୀ ଅରକ୍ଷିତ ସାମଲ | - | ସଂପାଦକ, କ୍ଷେତ୍ର ପରିଚାଳନା କମିଟି |
| ୧୩- | ଶ୍ରୀ ପୀତାମ୍ବର ଜେନା | - | ସଂପାଦକ, ବାପୁଜୀ ଶିଶୁ ମନ୍ଦିର (ଅନାଥାଶ୍ରମ) |
| ୧୪- | ଶ୍ରୀ ନିରଞ୍ଜନ ପରିଡ଼ା | - | ସଂପାଦକ, କ୍ଷିତିଜ୍ୟୋତି ସଂଗୀତ ମହାବିଦ୍ୟାଳୟ |
| ୧୫- | ଶ୍ରୀମତୀ ପଦ୍ମାବତୀ କର | - | ସଭ୍ୟା |
| ୧୬- | ଶ୍ରୀମତୀ ରଞ୍ଜୁଲତା ଜେନା | - | ସଭ୍ୟା |
| ୧୭- | ଶ୍ରୀ ଝରି ଚରଣ ଯେନା | - | ସଭ୍ୟ |
| ୧୮- | ଶ୍ରୀ ନନ୍ଦ କିଶୋର ଯେନା | - | ସଭ୍ୟ |
| ୧୯- | ଶ୍ରୀ ଧନେଶ୍ୱର ଯେନା | - | ସଭ୍ୟ |
| ୨୦- | ଶ୍ରୀ ଗୋପାଳ ଚନ୍ଦ୍ର ସାହୁ | - | ସଭ୍ୟ |
| ୨୧- | ଶ୍ରୀ ପ୍ରଦୀପ କୁମାର ରାମ | - | ସଭ୍ୟ |
| ୨୨- | ଶ୍ରୀ ଗୋର୍ଷଙ୍ଗ ଶବର | - | ସଭ୍ୟ |
| ୨୩- | ଶ୍ରୀ ଡ଼ମ୍ବରୁଧର ସାହୁ | - | ସଭ୍ୟ |
| ୨୪- | ଶ୍ରୀ ରବିନାରାୟଣ ମିର୍ଦ୍ଧା | - | ସଭ୍ୟ |
| ୨୫- | ଶ୍ରୀ ଶ୍ରୀଚରଣ ମହାନ୍ତି | - | ସଭ୍ୟ |



# କଲ୍ୟାଣ ଦେଲି ଭୋଟେ

ଗ୍ରାମରେ : ଅଭିନେତ୍ର ସିନ୍ଧୁ ସିଂ, ଠାକ୍ ମାଝିକର୍ଣ
ଜେନା କୁମାର ଦୃଷ୍ଟିଆ ହରି ନନ୍ଦ ପାର୍ଟିରେ ନେ-
ତାମାନଙ୍କୁ ଅର୍ଥ ଦେଲା ଭୋଟ୍ ନ ଦେଲେ ତାଙ୍କରେ ଆପତ୍ତି
ନାହିଁ ବୋଲି । ହଠାତ୍ ସମୟରେ ନେତାମାନେ ସବୁ
ନେଇ ଖୁସି କରି ଯାଇଥିଲେ । ବୁଝି ସବୁ ପ୍ରକାର -
ଶକ୍ତି । ଯୋଗି ନେଇ ଲୋକ ଦୃଷ୍ଟି ଭୋଟ ଦେଇ,
ଏହା ସହ ନେତା ବୁଝି ଶକ୍ତି ସମୟରେ ଗଢି କରି-
ବାକୁ ଲୋକ, ଓଡ଼ିଶା କରିବୁ ; ବୈଦେଶୀ ହିଁ ।
ଭୋଟ୍ ପ୍ରାପ୍ତି ହୋଇଛନ୍ତି । ସେ ନେଇ ସାଙ୍ଗେ ସାଙ୍ଗେ
ନାହିଁ । କହିଲେ ଅନ୍ତିମ ବାଟ ଶେଷ ହେଉ ଭୋଟ -
ଆଶାର ନିର୍ଦ୍ଦ । ନେଇ ଶକ୍ତି ଯାଇ ବୁଝି ନେଇ
ନାହିଁ ନେଇ ଲୁହ ସିନ୍ଧୁ ଚୌଧୁରୀ ଆଶାର -
ଜାତି ପ୍ରକାଶ ଭୋଟ ଦେବାକୁ ଦିଅ ।

[illegible] ୨୬

[illegible]

[illegible]

### "ବାଣୀ"

ନବ ବରଷରେ ହରଷ ହୁଅ ।
ଲକ୍ଷ୍ୟ ଲଗାଇବ "ଆଜି ଠୁଁ କୁହ" ॥
ଜୀବର ଜନମ ମାୟା ସଂସାର ।
ତଥାପି ପ୍ରତିଜ୍ଞା ଦୃଢ଼ ତୁ କର ॥
ସ୍ୱଧର୍ମ୍ମେ ମନକୁ ମଜାଇ ରଖ ।
ଯୁଗେ ଯୁଗେ ଜୀବ ହୁଏ ଅମଖ ॥
ଗୁରୁ ଦ୍ୱାରେ ସତ୍ୟ କରିଛୁ ବାଯ୍ୟ ।
ନାମ ଦୃଢ଼କର କଟିବ ମାୟା ॥
ଧନ ଯଉବନ ସବୁରି ଭୋଗ ।
ବୃଥା ମଜ୍ଜିଗଲେ ହେବଟି ରୋଗ ॥
ସବୁରି କଥାକୁ ବୁଝି ରହିବ ।
ଜ୍ଞାତିଜନ କଥା ମୁଖେ ବାହିବ ॥

— x • x —




## ଧାରା ଗ୍ରହଣ ପରେ ........

**ଶ୍ରୀଗୁରୁସ୍ୱାମୀଙ୍କୁ** ଗୁରୁଦେବ ରୂପେ ବରଣ କରି ଦୀକ୍ଷା (କର୍ମଧାରା) ଗ୍ରହଣ କରିବା ମାତ୍ରେ ହିଁ ତୁମ୍ଭେମାନେ ଶ୍ରୀଗୁରୁସ୍ୱାମୀଙ୍କର ଶ୍ରୀଚରଣାଶ୍ରୟୀ ହେଉଛ । ଗୁରୁଦେବଙ୍କର ଶ୍ରୀପାଦପଦ୍ମରେ ଆଶ୍ରୟ ଗ୍ରହଣ କରିବା ମାତ୍ରେ ତୁମ୍ଭମାନଙ୍କ ଉପରେ କେତେକ ବିଶେଷ ଦାୟିତ୍ୱ ଆସି ପଡ଼ିଯାଉଛି । ତୁମ୍ଭେମାନେ ନିଜ ଇଚ୍ଛା ଅନୁସାରେ ଧାରା ନେଇ ଯାଉଛ, ମାତ୍ର ଧାରା ଗ୍ରହଣ ପରେ ତୁମ୍ଭମାନଙ୍କର ସେହି ବିଶେଷ କର୍ତ୍ତବ୍ୟ ପ୍ରତି ଆଦୌ ଦୃଷ୍ଟି ରହୁନାହିଁ । ଏହା ଅତ୍ୟନ୍ତ ଦୁଃଖର ବିଷୟ । ଗୁରୁବରଣ କରିବା ଏବଂ ଧାରା ଗ୍ରହଣ କରିବା ଏକ ପିଲାଖେଳ ନୁହେଁ । ତୁମ୍ଭେମାନେ ଯଦି ଧାରାଗ୍ରହଣ ପରେ ତୁମର କର୍ତ୍ତବ୍ୟ ସମ୍ବନ୍ଧରେ ପୁଂଖାନୁପୁଂଖ ଜାଣି ନ ଥିଲ, ତେବେ ଦେଖାଶିଖାରେ ହେଉ କି ଅନ୍ୟ କାହାରି କଥାରେ ପଡ଼ି ହେଉ ଧାରା ନେବାକୁ ଏତେ ବ୍ୟଗ୍ର ହୋଇ କ୍ଷେତ୍ରକୁ ଧାଇଁ ଆସୁଥିଲ କାହିଁକି ? ଆମେ ତ ତୁମକୁ ତୁମ ଘରୁ ଡାକି ଆଣି ଜୋର୍ ଜବରଦସ୍ତ ଧାରା ଧରେଇ ନାହୁଁ । ତୁମେ ଇଚ୍ଛା କରି ଧାରା ଧରିଛ । ଧାରା ଗ୍ରହଣ ସମୟରେ ଶପଥ ସଂକଳ୍ପ ମଧ୍ୟ କରିଛ । ଶପଥ କରି ତାହା ରକ୍ଷା ଓ ପାଳନ ନ କଲେ, ତୁମ୍ଭେମାନେ ନିଶ୍ଚୟ ଗୁରୁଦ୍ରୋହୀ ହେବ ହିଁ ହେବ । ଗୁରୁଗଞ୍ଜନ (ଗର୍ବଗଞ୍ଜନ) ମୋହରେ ପଡ଼ିବ ହିଁ ପଡ଼ିବ । ଆମେ ତୁମକୁ ଦଣ୍ଡ ଦେବୁ ନାହିଁ, ଏହା ନିଶ୍ଚିତ ସତ୍ୟ, ମାତ୍ର କାଳସୂତ୍ରରେ ତୁମେ ଦଣ୍ଡିତ ହେବ ହିଁ ହେବ । ତେଣୁ, ତୁମ୍ଭମାନଙ୍କୁ ସେହି କାଳସୂତ୍ରର ଅକାଳ ମଡ଼କରୁ ରକ୍ଷା କରିବା ପାଇଁ ଆମେ ଏଠାରେ ତୁମ୍ଭଙ୍କୁ କେତେକ ବିଶେଷ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ବନ୍ଧରେ ସଚେତନ କରାଇ ଚେତାବନୀ ଦେଉଅଛୁଁ । ମନରେ ଅନ୍ୟ କିଛି ଭାବ ନ ଆଣି, ତୁମର ସାଧ୍ୟମତେ ଏହା ରକ୍ଷା ଓ ପାଳନ କରିଚାଲ । ଦେଖ, ସକଳ ପ୍ରକାର ଆପଦବିପଦରୁ ତୁମ୍ଭେ ତୁମ୍ଭଙ୍କୁ ନିଶ୍ଚୟ ରକ୍ଷା କରିପାରିବ । ଧିରେ ଧିରେ ମନ ତୁମର ସ୍ଥିର ହୋଇଯିବ, ତୁମେ ଶାରୀରିକ ଓ ମାନସିକ ଶାନ୍ତି ସନ୍ତୋଷ ଓ ଆନନ୍ଦ ଲାଭ କରିପାରିବ । ଦିବ୍ୟ ଅନୁଭୂତି ମଧ୍ୟ ପାଇବ । ବିଶ୍ୱାସ ତୁମ୍ଭର ଦୃଢ଼ ହେବ । ଆମ୍ଭର ନିକଟବର୍ତ୍ତୀ ହୋଇ ଶେଷକୁ ଆମରି କୃପା, କରୁଣା ଓ କଲ୍ୟାଣରୁ ସଦ୍‌ଗତି ଲାଭ କରିବ, ମୁକ୍ତି ମୋକ୍ଷ, ନିର୍ବାଣ ଓ ତୁମର ପରମଲକ୍ଷ୍ୟ-''ଚରମ ପ୍ରାପ୍ତି'' ମଧ୍ୟ ତୁମର ହେବ । ଆଗାମୀ ସତ୍ୟଯୁଗରେ ତୁମ୍ଭେମାନେ ସତ୍ୟକାମ ସତ୍ୟଯୁଗର ସତ୍ୟ ନାଗରିକ ହୋଇ ଏହି ସୃଷ୍ଟିକୁ ସୁନ୍ଦର ଓ ମଧୁର କରି ତୋଳିବ । ତୁମେ ଦିବ୍ୟଜୀବନ ଲାଭ କରିବ । ଆମ ଭାଷାରେ ବିଶ୍ୱାସ ରଖ । ତୁମ୍ଭେ ନିଶ୍ଚୟ ତୁମ୍ଭର ଭଗବାନଙ୍କୁ ଲାଭ କରିବ । ଏବେ ଧାରାଗ୍ରହଣ ପରେ ପ୍ରତ୍ୟେକ ସନ୍ଦେଶପତ୍ରଧାରୀଙ୍କର ବିଶେଷ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ବନ୍ଧରେ ସଂକ୍ଷେପରେ ସୂଚନା ଦେଉଅଛି । ଯଥାସାଧ୍ୟ ଏସବୁ ପାଳନ ଓ ରକ୍ଷା କରିବାପାଇଁ ଆଜିଠାରୁ ଯତ୍ନବାନ ହୁଅ । ସାଧନା ପଥରେ ଆଗେଇ ଚାଲ ।

୧. ତୁମର ପ୍ରଥମ ଓ ପ୍ରଧାନତମ କର୍ତ୍ତବ୍ୟ ହେଉଛି- ଗୁରୁଙ୍କର ଅନୁଶାସନ (ନିୟମ)କୁ ନତମସ୍ତକରେ ସ୍ୱୀକାର କରି ନିର୍ବିଚାରରେ ତାହା ପାଳନ କରିବା । ଆଧ୍ୟାତ୍ମ ଉନ୍ନତିକାମୀ ଶିଷ୍ୟଙ୍କର ଦୁଇ ଦିଗରେ ଦୁଇ ପ୍ରକାର

କର୍ତ୍ତବ୍ୟ ରହିଅଛି । ଗୋଟିଏ ଆଭ୍ୟନ୍ତରୀଣ କର୍ତ୍ତବ୍ୟ ଓ ଅନ୍ୟଟି ବାହ୍ୟିକ କର୍ତ୍ତବ୍ୟ । ସଂଜରେ ଏବଂ ସକାଳରେ (ଏକ ନିର୍ଦ୍ଦିଷ୍ଟ ସମୟରେ) ପ୍ରତିଦିନ ପ୍ରଣାମ, ଗୁରୁବନ୍ଦନା, ପ୍ରାର୍ଥନା, ଧ୍ୟାନ, ମହାମନ୍ତ୍ର ଆଦି ସହିତ ଇଷ୍ଟମନ୍ତ୍ର ଜପ, ସାଧନ, ଭଜନ, ଧ୍ୟାନଧାରଣା, ସାଷ୍ଟାଙ୍ଗ ପ୍ରଣାମ, ଅର୍ଘ୍ୟଫଳ ଧୌତ ଜଳପାନ, ଅର୍ଘ୍ୟଫଳ ଧାରଣ ଆଦି କାର୍ଯ୍ୟ ଆଭ୍ୟନ୍ତରୀଣ ଓ ଆତ୍ମ ଉନ୍ନୟନ ନିମନ୍ତେ ଉଦ୍ଦିଷ୍ଟ । ତୁମ୍ଭେମାନେ ନିଶ୍ଚୟ ଏହା ପାଳନ ଓ ରକ୍ଷା କରିବ । ସନ୍ଦେଶ ପତ୍ରକୁ ଓ ସନ୍ଦେଶପଥକୁ ଗୋପନ ରଖିବ । ସନ୍ଦେଶପତ୍ରକୁ ମନେମନେ ପ୍ରତିଦିନ ପଢ଼ି ମୁଖସ୍ଥ କରିଦେବ । ଅର୍ଘ୍ୟ ତିଥିରେ ବିଧି ମତେ ଅର୍ଘ୍ୟ ନିବେଦନ କରିବ ଓ କ୍ଷେତ୍ରକୁ ମଧ୍ୟେ ମଧ୍ୟେ ଆସି ତାହା ପାଦପଦ୍ମରେ ଦେଇଯିବ ।

ବାହ୍ୟିକ କର୍ତ୍ତବ୍ୟ ହେଉଛି ସେବା । ବାହ୍ୟିକ ସେବା ବଡ଼ ବ୍ୟାପକ । ଗୁରୁ ଶିଷ୍ୟକୁ ଯେଉଁସବୁ ସ୍ଥୂଳକର୍ମର ନିର୍ଦ୍ଦେଶ ଦିଅନ୍ତି, ସେ ସବୁ କର୍ମ ସଂପାଦନ କରିବା ଅନୁଗତ ଶିଷ୍ୟର ଏକାନ୍ତ କର୍ତ୍ତବ୍ୟ । ଆଭ୍ୟନ୍ତରୀଣ କର୍ତ୍ତବ୍ୟ ଦ୍ୱାରା ଚିତ୍ତଶୁଦ୍ଧି ହୁଏ ଏବଂ ବାହ୍ୟିକ କର୍ତ୍ତବ୍ୟ ଦ୍ୱାରା ମନ ଓ ହୃଦୟ ଉଦାର ଓ ପରିବ୍ୟାପ୍ତ ହୁଏ । ବାହ୍ୟିକକର୍ମ ଆଭ୍ୟନ୍ତରୀଣ କର୍ତ୍ତବ୍ୟ ପାଳନରେ ସହାୟକ ହୋଇଥାଏ ଏବଂ ଆଭ୍ୟନ୍ତରୀଣ କର୍ମ ବାହ୍ୟିକ କର୍ମର ଅନୁପୂରକ ଅଟେ । ଏହିପରି ଭାବରେ ଉଭୟ କର୍ମ ଉଭୟ କର୍ତ୍ତବ୍ୟର ପରିପୂରକ ।

ତୁମ୍ଭେମାନେ ଏହିସବୁ କର୍ତ୍ତବ୍ୟପାଳନ ଅତ୍ୟନ୍ତ ନିଷ୍ଠା ଓ ବିଶ୍ୱାସର ସହିତ ସାଧନ କର । ଗଭୀର ଭାବରେ ଏହିସବୁ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ବନ୍ଧରେ ଚିନ୍ତାକର । ଆମେ କହୁଛୁ: ଘୋର ଅନ୍ଧକାର ମଧ୍ୟରେ ତୁମ୍ଭେ ନିଶ୍ଚୟ ଆଲୋକର ସନ୍ଧାନ ପାଇବ । ମହା ଆପଦବିପଦ କାଳରେ ଆମକୁ ତୁମ୍ଭେ ତୁମ ନିକଟରେ ନିଶ୍ଚୟ ପାଇବ । ପାଇବା ପାଇଁ କିଛି କରିବାକୁ ହୁଏ, କିଛି ନ କରି ସବୁ କିଛି ପାଇବାର ଆଶା ରଖିଲେ, ନିଶ୍ଚୟ ନିରାଶ ହେବ । ତେଣିକି ଆମକୁ ଦୋଷ ଦେଲେ, ତୁମର ବା କେଉଁ ଲାଭ ହେବ ??

(୨) ଆମ ପ୍ରକାଶନ ସଂସ୍ଥା- ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି. କଟକଙ୍କ ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ପତ୍ରିକା 'ଚରମ'ର ଗ୍ରାହକ ହୋଇ ପତ୍ରିକା ଆଦରର ସହିତ ଗ୍ରହଣ କର । ପୂର୍ବ ପ୍ରକାଶିତ ପତ୍ରିକାର ସଂଖ୍ୟାମାନ ସଂଗ୍ରହ କରି ଯତ୍ନରେ ରଖ, ପୂଜାକର ଓ ପ୍ରତିଦିନ ଅବସର ସମୟରେ ତାହା ବାରମ୍ବାର ପାଠ କର । ଏହା ସହିତ ମୁହୂର୍ତ୍ତମହୁରା, ଅନିର୍ବାଣ ଦୀପଶିଖା, ଚିନ୍ତନ, ଅଧର ପିୟୁଷ ଏବଂ ଅନ୍ୟାନ୍ୟ ପୁସ୍ତିକାଦି ଚରମଚାଙ୍ଗୁଡ଼ିରୁ କିଣି ସଂଗ୍ରହକର ଓ ମନଦେଇ ପଢ଼ । ବୁଝି ନ ପାରିଲେ ମଧ୍ୟ ପଢ଼ । ବାରମ୍ବାର ପଢ଼, ଯାହା ବୁଝି ନ ପାରୁଛ, ଅନ୍ୟମାନଙ୍କୁ ପଚାରି ତାହା ବୁଝିନିଅ । ଏହାଦ୍ୱାରା ତୁମ୍ଭର ହିଁ ଲାଭ ହେବ । ଆମ କଥାରେ ବିଶ୍ୱାସ ରଖ ।

(୩) ଶାଖା ସତ୍‌ସଙ୍ଗ ବୈଠକରେ ନିୟମିତ ଭାବରେ ନିଷ୍ଠା ଓ ସଦାଚାର ରକ୍ଷା କରି ଯୋଗ ଦିଅ । ଉପଯୁକ୍ତ ବସ୍ତ୍ରାଦି ପରିଧାନ କରି ଶାଖାର ନିୟମ ମାନି ଶାଖାକାର୍ଯ୍ୟରେ ଆନ୍ତରିକତାର ସହିତ ସେବା ଦେଇ ନୀରବରେ ନିଜ ଆସନ ମୁଦ୍ରାରେ ବସ । ଆମେ କହୁଛୁ: ତୁମେ ନିଶ୍ଚୟ ଶାଖାରେ ଆମର ସୂକ୍ଷ୍ମ ଉପସ୍ଥିତି ଅନୁଭବ କରିପାରିବ । ନିୟମ-ଲଂଘନ କରି, ମନକୁ ପାଦପଦ୍ମରେ ଏକାଗ୍ର ନ ରଖି, ସଦାଚାରରେ ନ ରହିଲେ, ଅନୁଭବ ବା କରିବ କିପରି ? ଯେଉଁମାନଙ୍କର ଅନୁଭୂତି ଅଛି, ସେମାନଙ୍କୁ ପଚାରି ବୁଝିନିଅ, ଆମ କଥା ସତ ନା ମିଛ ??

(୪) ପ୍ରତିଦିନ ମୁଷ୍ଟିଭିକ୍ଷା ସଂଗ୍ରହ କରି ରଖ । ମାସରେ ଥରେ ତୁମର ଅର୍ଘ୍ୟଦିବସରେ ତାହା ତୁମ ଶାଖାରେ ବା କ୍ଷେତ୍ରରେ ଆଣି ଦେଇଯାଅ । ଏହା ଦ୍ୱାରା ଦାନର ମହତ୍ତ୍ୱ ତୁମ ଅନ୍ତଃକରଣରେ ଠୁଳ ହେବ ଓ ତୁମେ ଦାରିଦ୍ର୍ୟ ଦୋଷରୁ ମୁକ୍ତି ପାଇଯିବ । ପ୍ରତିଦିନ ମୁଠାଏ ଚାଉଳ ଦେଲେ, ତୁମର କ'ଣ ବିଶେଷ କ୍ଷତି ହୋଇଯିବ ବୋଲି ମନେ କରୁଛ ??

(୫) ଯେ କୌଣସି ଖାଦ୍ୟ / ପାନୀୟ ଗ୍ରହଣ କରବା ପୂର୍ବରୁ ପ୍ରଥମେ ଯଜ୍ଞଭାଗ ସମର୍ପଣ କର । ଏହା ଦ୍ୱାରା ପଞ୍ଚ ମହାଯଜ୍ଞର ଫଳ ତୁମ୍ଭେ ହିଁ ଲାଭ କରିବ । ଶ୍ରୀମଦ୍ ଭାଗବତ୍ ଗୀତାରେ ଅଛି ପରା !

"ଯଜ୍ଞ ଦାନତପଃ କର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍ ।
ଯଜ୍ଞୋଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ ॥

(୬) ସ୍ୱର୍ଣ୍ଣକ୍ଷେତ୍ର ହିଁ ତୁମ୍ଭମାନଙ୍କର କ୍ଷେତ୍ର । କ୍ଷିତିଜ୍ୟୋତିଃ ଆଶ୍ରମ ମଧ୍ୟ ତୁମ୍ଭମାନଙ୍କର ଆଶ୍ରମ । ତେଣୁ କ୍ଷେତ୍ରରେ ବା କ୍ଷେତ୍ର ବାହାରେ ଯେଉଁସବୁ ଆଧାତ୍ମିକ କାର୍ଯ୍ୟମାନ ସଂପାଦନ କରାଯାଉଛି, ତାହା ଜଗତର ମଙ୍ଗଳ ପାଇଁ, ବିଶ୍ୱର କଲ୍ୟାଣ ପାଇଁ । ତୁମ୍ଭେ ବି ତ ଏ ଜଗତରେ, ଏ ବିଶ୍ୱରେ ରହିଛ । ତେଣୁ ତାହା ଦ୍ୱାରା ତୁମ୍ଭମାନଙ୍କର ମଧ୍ୟ ମଙ୍ଗଳ ଓ କଲ୍ୟାଣ ବିଧାନ ହେଉଅଛି । ଏ ସକଳ ଉତ୍ସବାଦି ପାଇଁ ମୁକ୍ତ ହସ୍ତରେ ତୁମର ପାରୁପର୍ଯ୍ୟନ୍ତ ଯଥାସାଧ୍ୟ ଦାନ ଦିଅ । ସେହିପରି ତୁମ୍ଭଶାଖା ପାଇଁ ମଧ୍ୟ ତୁମ୍ଭେ ଦାନ ଦିଅ । ଦାନର ମହତ୍ତ୍ୱ ଯଥେଷ୍ଟ । ଏହି ଦାନ ଦ୍ୱାରା ତୁମର, ତୁମର ପୂର୍ବପୁରୁଷମାନଙ୍କର ଏବଂ ତୁମର ସନ୍ତାନ ସନ୍ତତି ମାନଙ୍କର ଗତିମୁକ୍ତି ଓ ମଙ୍ଗଳ ହେବ ହିଁ ହେବ ।

(୭) ଅବସର ସମୟ ଦେଖି ବିଭିନ୍ନ ଉତ୍ସବ ଓ ସତ୍‌ସଙ୍ଗ ଅଧିବେଶନରେ ଯୋଗ ଦେବା ପାଇଁ ଉନ୍ମୁଖ ହୁଅ । ଧାରାଧରି ଧରା ନ ଦେଇ ଘରକୋଣରେ ବସି ରହିଲେ, ପ୍ରକୃତିର ବିକୃତି ହେବ । ବିକାର ଭାବ ମନ ମଧ୍ୟରେ ଗଦେଇ ଉଠିବ । ବାହାରକୁ ଯେତେ ତୁମ୍ଭିତୋଫାନ କଲେ ମଧ୍ୟ ଅନ୍ତର୍ଦାହ ମଧ୍ୟରେ କାଳ କାଟିବ । ଏପରି ହେଲେ ପ୍ରକୃତ ସୁଖ, ଶାନ୍ତି, ଆନନ୍ଦ ପାଇବ କେଉଁଠୁ ? ଆନନ୍ଦ ଲାଭ ନ କଲେ ଆତ୍ମାର ନିକଟବର୍ତ୍ତୀ ହେବ ବା କିପରି ? ଆତ୍ମାର ନିକଟବର୍ତ୍ତୀ ନ ହେଲେ, ଈଶ୍ୱର ଉପଲବ୍ଧ ହେବନାହିଁ, ହୁଏ ନାହିଁ ।

ଏଥରକ ଏତିକି । ଏଥିରୁ ଅନେକ କିଛି ତୁମ୍ଭେ ପାଇ ପାରିବ । ଶିକ୍ଷା ମଧ୍ୟ କରିପାରିବ । ସନ୍ଦେହ ହେଲେ ପ୍ରମୁଖ ଗୁରୁଭାଇଭଉଣୀଙ୍କଠାରୁ ପଚାରି ବୁଝିବ । ଆମକୁ ଏକାନ୍ତରେ ପଚାରି ବୁଝିଯିବ । ମନେରଖ, ଆମେ ସଦା ତୁମରି ପାଖେ ପାଖେ ଅଛୁଁ । ଯଥା ସମୟରେ ଉପଲବ୍ଧ କରି ପାରିବ ।

-ତୁମ ଠାକୁର ॥

ମନ୍ଦିର ଅଛି ଦିଅଁ ନାହିଁ କାହିଁ
ମନେ ମନେ ଗୁଣି ନିଅ ।
ଶୂନ୍ୟ ଦେଉଳକୁ ପୂର୍ଣ୍ଣ କରିବାକୁ
ଗୁରୁଙ୍କ ଶରଣ ନିଅ ॥
ତୋଳିବି ବୋଲି ମୁଁ ମନେ ପାଞ୍ଚୁଥିଲୁ
ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ।
ତୁହି ଯଦି ମନ ଦେବୁରେ ପାଗଳ
ଆଜି ଗଲେ କାଲି ଅଛି ॥

- ଶ୍ରୀଶ୍ରୀଶ୍ରୀ ଠାକୁର

# ଗୌନ ମୁନି ହୋମ ଦିବସ

**ପାଳିତ ସ୍ଥାନ : ବୈଦ୍ୟନାଥ, ଜିଲ୍ଲା-ମୟୂରଭଞ୍ଜ, ୧୪୦୫ ସାଲ, ସାବିତ୍ରୀ ଅମାବାସ୍ୟା, ବୃଷ ଦି୧୧ନ, ସୋମବାର**

**ଓଡ଼ିଶା କୋହେନୂର ପ୍ରେସ ପଞ୍ଜିକାରେ ପ୍ରକାଶିତ ସ୍ୱର୍ଣ୍ଣକ୍ଷେତ୍ର ଉତ୍ସବ ସୂଚୀ କ୍ରମରେ ଏଥରର ଅର୍ଘ୍ୟ ''ଗୌନ ମୁନି ହୋମ ଦିବସ'' । ଯୁଗ ଯୁଗ ଧରି ତପସ୍ୟା କରିଥିବା ଏକ ମହାନ ଋଷିଙ୍କର ତପସାଧନ ଓ ବ୍ରହ୍ମାଙ୍କର ବରପ୍ରଦାନ ସ୍ମରଣରେ ସ୍ଥୂଳ ଅବତାର ନେଇ ଶ୍ରୀପତି କିପରି ତାଙ୍କର ବଚନ ରକ୍ଷା କଲେ ତାହାହିଁ ଉତ୍ସବର ବିଷୟବସ୍ତୁ । ଆସନ୍ତୁ ସେହି ଅମର ଗାଥା ପାଠ କରି କିଛି ସମୟ ଭାବରାଜ୍ୟରେ ଏକାକାର ହୋଇଯିବା ।**

ଆଜି ପବିତ୍ର ସାବିତ୍ରୀ ଅମାବାସ୍ୟା । ସନାତନ ସଂସ୍କୃତିର ଏକ ଅବିସ୍ମରଣୀୟ ଦିବସ । ଉକ୍ତ ଦିବସରେ ମହାସତୀ ସାବିତ୍ରୀ ତାଙ୍କର କଠୋର ତପ, ଅନନ୍ୟ ଭକ୍ତି, ଦୃଢ଼ମନ ଓ ପତିବ୍ରତାର ତେଜ ଦ୍ୱାରା ମୃତପତି ସତ୍ୟବାନଙ୍କ ଆତ୍ମାକୁ ଯମପତିଙ୍କ ନିକଟରୁ ଫେରାଇ ଆଣି ସ୍ୱାମୀଙ୍କର ମୃତଶରୀରରେ ପୁନଃ ପ୍ରବେଶ କରାଇ ପାରିଥିଲେ । ସେହି ଦିବ୍ୟସ୍ମୃତି ସ୍ମରଣରେ ସନାତନ ଧର୍ମ ଅନ୍ତର୍ଗତ ପ୍ରତ୍ୟେକ ସଧବାନାରୀ ସ୍ୱାମୀଙ୍କର ଦୀର୍ଘାୟୁ କାମନା କରି ଲକ୍ଷ୍ମୀ ନାରାୟଣଙ୍କ ଉପାସନାରେ ଆଜି ନିଜକୁ ସଂପୂର୍ଣ୍ଣ ଭାବରେ ହଜାଇ ଦେଉଛନ୍ତି । ଏହି ପର୍ବ ସତ୍ୟଯୁଗରୁ ଅଦ୍ୟାବଧି ନିରବଚ୍ଛିନ୍ନ ଭାବରେ ପାଳିତ ହୋଇ ଆସୁଅଛି । ସତୀ ସାବିତ୍ରୀ ତାଙ୍କର ଲକ୍ଷ୍ମୀ, ନାରାୟଣ ବ୍ରତ ଘୋର ଜଙ୍ଗଲରେ ପାଳନ କରି ଫଳ, ମୂଳ ନୈବେଦ୍ୟ ଆହାର ସାହାଯ୍ୟରେ ବ୍ରତ ଉଦ୍‌ଯାପନ କରିଥିବାରୁ ସାବିତ୍ରୀ ପୂଜାରେ ଆଜି ପର୍ଯ୍ୟନ୍ତ ଫଳାହାର ମୁଖ୍ୟ ଭୂମିକା ଗ୍ରହଣ କରି ଆସିଅଛି । କିନ୍ତୁ ପ୍ରକୃତି ସ୍ୱରୂପା ବନାନୀ ଓ ତଦନ୍ତର୍ଗତ ବୃକ୍ଷଲତା, ଫଳପୁଷ୍ପ ଆଦିର ସୃଷ୍ଟି ରହସ୍ୟ ଏବେ ମଧ୍ୟ ଅସ୍ପଷ୍ଟ ହୋଇ ରହିଛି । ସେହି ରହସ୍ୟ ଉନ୍ମୋଚନ ତଥା କଳ୍ପ ମୀମାଂସା ସୂତ୍ରର ଏକ ପର୍ଯ୍ୟାୟ ହେଉଅଛି ଆଜିର ଉତ୍ସବ ''ଗୌନମୁନି ହୋମ ଦିବସ ।''

ମହାଶୂନ୍ୟରେ ବୟାଳିଶ କଳ୍ପ ଭୋଗ ହେବା ପରେ ସୃଷ୍ଟି ନିର୍ମାଣ ହୋଇଥିଲା । ତେୟାଳିଶ କଳ୍ପରେ ମର୍ତ୍ତ୍ୟଭୂମି ଗଠନ ହେଲା । ପରମେଶ୍ୱରଙ୍କ ହିରଣ୍ୟଗର୍ଭରୁ ସମସ୍ତଜ୍ଞାନ, ତତ୍ତ୍ୱ ରହସ୍ୟ ଧରାଧାମକୁ ଅବତରଣ କରାଇବାକୁ ସ୍ରଷ୍ଟା ଅନେକ ଜ୍ଞାନୀପୁତ୍ର, କ୍ରିୟାଯୋଗୀମାନଙ୍କୁ ଜନ୍ମ ଦେଲେ । ଯୁଗବାଦ ପ୍ରଚଳିତ ହୋଇ ପ୍ରଥମ ଛନ୍ଦପୁଷ୍ପ ସତ୍ୟଯୁଗ ଭୂଲୋକକୁ ପ୍ରେରିତ ହେବାର ସମୟ ଉପସ୍ଥିତ ହେଲା । ଉକ୍ତ ସନ୍ଧି ମୁହୂର୍ତ୍ତରେ ମର୍ତ୍ତ୍ୟଧାମକୁ ବୃକ୍ଷ, ଲତା, ଉଦ୍ଭିଦ, ଗୁଳ୍ମରାଜି, ଫଳ, ପୁଷ୍ପର ସମ୍ଭାରରେ ପୂର୍ଣ୍ଣ କରି ମର୍ତ୍ତ୍ୟବାସୀମାନଙ୍କୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ତଥା ସୁଖମୟ ଜୀବନ ଧାରଣର ଆଧାର ସୃଷ୍ଟି କରିବା ପାଇଁ ପୂର୍ଣ୍ଣେଶ୍ୱର ଇଚ୍ଛା ପ୍ରକଟ କଲେ । ତାଙ୍କର ଇଚ୍ଛାମତେ ହିରଣ୍ୟଗର୍ଭରେ ତତ୍‌କ୍ଷଣାତ୍ ଏକ ମଣ୍ଡଳ ଉତ୍ପନ୍ନ ହୋଇଗଲା ଓ ମଣ୍ଡଳଟିର ନାମକରଣ କରାଗଲା ''ଗୌନ ମଣ୍ଡଳ'' । ପରବର୍ତ୍ତୀ ଅବସ୍ଥାରେ ଏହି ମଣ୍ଡଳରୁ ସୃଷ୍ଟ ଜୀବ, ଜ୍ଞାନ, ତତ୍ତ୍ୱ ଧାରଣ କରି ଧରିତ୍ରୀରେ ଫଳ, ଫୁଲ, ବୃକ୍ଷ ଆଦିର ଉତ୍ପତ୍ତି କରିବା ପାଇଁ ନିର୍ଦ୍ଦିଷ୍ଟ ଭାବରେ ଅନେକ ମୁନି, ଋଷିମାନଙ୍କୁ ସୃଷ୍ଟି କରାଗଲା । ସେମାନେ ସେମାନଙ୍କର ଏକନିଷ୍ଠ କ୍ରିୟାଯୋଗ ମାଧ୍ୟମରେ ଭୂଲୋକକୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ସଜାଇ ଅଗଣିତ ବୃକ୍ଷ, ଫଳ, ପୁଷ୍ପ ଉତ୍ପନ୍ନ କରାଇଲେ । ସେହି ଯୋଗଜନ୍ମା ମହାମନୀଷୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ମୁନି ହେଉଛନ୍ତି ''ଗୌନ ମୁନି'' ।

ଚଉରାଅଶି କଳ୍ପପରେ ସପ୍ତମ ପୟୋଧି ସତ୍ୟ ଆବିର୍ଭାବ ସମୟରେ ବ୍ରହ୍ମା ବେଦଧ୍ୱନି ମନ୍ତ୍ରଦ୍ୱାରା କର୍ଣ୍ଣପୁଟର ଶୈତିକ ଯାନ ମଣ୍ଡଳରୁ ଏହି ମହତ ପୁରୁଷ ମୁନିବରଙ୍କୁ ସୃଷ୍ଟି କଲେ । ''ଗୌନ ମଣ୍ଡଳ'' ରହସ୍ୟ ଉନ୍ମୋଚନର ବାହକ ହୋଇ ଜନ୍ମ ହୋଇଥିବାରୁ ମଣ୍ଡଳର ନାମ ଅନୁସାରେ ମୁନିଙ୍କର ନାମକରଣ କଲେ ''ଗୌନ ମୁନି'' ।

ଆବିର୍ଭାବ ହେବା ସଂଗେ ସଂଗେ ମୁନିଙ୍କୁ "ଅସ୍ତୁକପୁ" ନାମକ ଏକ ଆକାଶଯାନ ପ୍ରାପ୍ତ ହେଲା ଓ ସେହି ଯାନ ସାହାଯ୍ୟରେ ଭୂଲୋକ ଭ୍ରମଣ କରି ସୃଷ୍ଟି ରହସ୍ୟ ଉନ୍ମୋଚନ ସହିତ ଗୌନମଣ୍ଡଳର ବୀଜ ବପନ କରିବାକୁ ନିର୍ଦ୍ଦେଶ ଦିଆଗଲା । ତଦନୁଯାୟୀ ମୁନିବର ଅସ୍ତୁକପୁ ଯାନ ଦ୍ୱାରା ଶୂନ୍ୟ ପଥରେ ଗତି କରି ବ୍ରହ୍ମାଙ୍କ ଆଜ୍ଞାପାଳନ କରିବାକୁ ଲାଗିଲେ । ବିଧିର ବିଧାନ ଅତ୍ୟନ୍ତ ବିଚିତ୍ର । ପରମେଶ୍ୱର ତାଙ୍କ ଲୀଳା ସଂପାଦନ ପାଇଁ ସମୟେ ସମୟେ ଏପରି ପରିସ୍ଥିତି, ପରିବେଶ ସୃଷ୍ଟି କରନ୍ତି, ଯାହାର ଆଦି, ଅନ୍ତ, କାରଣ ଜାଣିବା କେବଳ ତାଙ୍କ ବ୍ୟତୀତ ଅନ୍ୟ କାହାରି ପକ୍ଷେ ସମ୍ଭବ ହୁଏ ନାହିଁ । ସେହିପରି ଏକ ଅଭାବନୀୟ ଅଚାନକ ପରିସ୍ଥିତିର ସମ୍ମୁଖୀନ ହେଲେ ଗୌନ ମୁନି । ଆକାଶଯାନରେ ଭୂଲୋକ ଭ୍ରମଣ କରୁଥିବା ସମୟରେ "ମହୁରାକ୍ଷ" ନାମକ ଏକ ଭୟଙ୍କର ରାକ୍ଷସର ସମ୍ମୁଖୀନ ହେଲେ । ରାକ୍ଷସ କୌଣସି ବିଚାର ନ କରି ତା'ର ତାମସିକ ପ୍ରବୃତ୍ତିର ସହାୟତାରେ ମୁନିଙ୍କୁ ଭକ୍ଷଣ କରି ଦେଲା । କିନ୍ତୁ ବ୍ରହ୍ମାନନ୍ଦନ ଅଯୋନିସମ୍ଭୂତ ମୁନିଙ୍କର ମୃତ୍ୟୁ ହୋଇପାରିଲା ନାହିଁ । ଅପରପକ୍ଷରେ ମର୍ତ୍ତ୍ୟଭୂମି ରହସ୍ୟ ସଂପର୍କରେ ଅନଭିଜ୍ଞ ଥିବାରୁ ମୁନି ରାକ୍ଷସର ଆଚରଣ ବିଷୟରେ ଜାଣି ପାରିଲେ ନାହିଁ । ରାକ୍ଷସ ଗର୍ଭରେ ନିଜ ସ୍ଥିତିର କାରଣ ମଧ୍ୟ ଅବଗତ ହୋଇ ପାରିଲେ ନାହିଁ । ମାତ୍ର ଅନେକ କଷ୍ଟ, ଯନ୍ତ୍ରଣା ଅନୁଭବ କରିବାରୁ ସେହି ରାକ୍ଷସ ଗର୍ଭରେ ଥାଇ ବ୍ରହ୍ମଗାୟତ୍ରୀ ଜପ କଲେ । ବ୍ରହ୍ମଶକ୍ତିର ପ୍ରଭାବରେ ରାକ୍ଷସ ମହୁରାକ୍ଷ ନିଜର ଭ୍ରମ ବୁଝି ପାରି ଅନୁତପ୍ତ ହେଲା ଓ ମୁନିଙ୍କୁ ତା'ର ନାଭିମଣ୍ଡଳ ପଥ ସାହାଯ୍ୟରେ ଗର୍ଭରୁ ବାହାରକୁ ଆଣିଲା । ନିଜର ପ୍ରବୃତ୍ତିଗତ ପାପକର୍ମ ପାଇଁ କ୍ଷମାଭିକ୍ଷା କରି ମୁନିଙ୍କୁ ଗୁରୁରୂପରେ ବରଣ କରି ରାକ୍ଷସ ଜନ୍ମରୁ ମୁକ୍ତି ପାଇବା ପାଇଁ ତପ ଆଚରଣ ଆରମ୍ଭ କଲା ।

ଗୌନମୁନି ରାକ୍ଷସ କବଳିତ ହୋଇ ପୁନରୁତ୍‌ଥାନ ହେବା ପରେ ବିଷ୍ଣୁଙ୍କ ମାୟାରେ ନିଜର କର୍ମ, କର୍ତ୍ତବ୍ୟ ସଂପୂର୍ଣ୍ଣ ଭାବରେ ଭୁଲିଗଲେ । ତାଙ୍କ ଦ୍ୱାରା ଗୌନ ମଣ୍ଡଳରୁ ପ୍ରାକୃତିକ ସମ୍ଭାର ମର୍ତ୍ତ୍ୟଭୂମିକୁ ପ୍ରେରଣ କରାଇବାକୁ ବ୍ରହ୍ମା ଯେଉଁ ଅଭିଳାଷ କରିଥିଲେ, ତାହା ତାଙ୍କର ବିସ୍ମରଣ ହୋଇଗଲା । ତେଣୁ ବ୍ରହ୍ମ ଅଭିଶାପରେ ଅଭିଶପ୍ତ ହୋଇ ମହାଶୂନ୍ୟରେ ଶୂନ୍ୟ ସତ୍ତା ନେଇ ଘୁରି ବୁଲିଲେ । ଅବର୍ଣ୍ଣନୀୟ ଯନ୍ତ୍ରଣାରେ ଅଧୀର ହୋଇ ଅତି କାରୁଣ୍ୟ ଭାବରେ ବ୍ରହ୍ମାଙ୍କୁ ବାରମ୍ବାର ସ୍ତୁତି କଲେ । ଶେଷରେ ବ୍ରହ୍ମାଙ୍କର ମନ ଦ୍ରବୀଭୂତ ହେଲା । ସେ ମୁନିଙ୍କୁ ଦର୍ଶନ ଦେଇ କହିଲେ, "ଶୂନ୍ୟସତ୍ତା ପରିହାର କରି ସୃଷ୍ଟି ରହସ୍ୟରେ ବୁଡ଼ିଯାଅ । ମାନବ ଜନ୍ମ ନେଇ ମର୍ତ୍ତ୍ୟଭୂମିରେ ଅବସ୍ଥାନ କର । ସେଠାରେ କ୍ରିୟାଯୋଗ ସୂତ୍ରରେ ତପ ଆଚରଣ କରି ଜଗତ୍‌ପାଳକ ବିଷ୍ଣୁଙ୍କର ଆଶୀର୍ବାଦ ପ୍ରାପ୍ତ ହୁଅ । ସେହି ଆଶୀର୍ବାଦରେ ବ୍ରହ୍ମଶାପରୁ ମୁକ୍ତ ହେବ ।"

ଏହାପରେ ମୁନିଶ୍ରେଷ୍ଠ ସେହି ପ୍ରଥମ ନାମ "ଗୌନ"କୁ ଅପରିବର୍ତ୍ତନୀୟ ରଖି ମହର୍ଷି ବିଭୁକନ୍ଦଙ୍କ ଔରସରେ ପତିବ୍ରତା ମହାସତୀ ଅମୃତାମୟୀଙ୍କ ପବିତ୍ର ଗର୍ଭରୁ ଜନ୍ମଗ୍ରହଣ କଲେ । ଜାତିସ୍ମର ହୋଇଥିବାରୁ ବ୍ରହ୍ମାଙ୍କ ନିର୍ଦ୍ଦେଶକୁ ସ୍ମରଣ କରି ତପସ୍ୟା କରିବାକୁ ପବିତ୍ର ସ୍ଥାନ ଅନ୍ୱେଷଣରେ ଗୃହତ୍ୟାଗ କଲେ । ବିଭିନ୍ନ ସ୍ଥାନ ଭ୍ରମଣ କରିବା ସମୟରେ ସତ୍ୟଯୁଗର ଅନ୍ୟତମ ଶ୍ରେଷ୍ଠ ଧାର୍ମିକ ସମ୍ରାଟ ସୂର୍ଯ୍ୟବନ୍ତଙ୍କ ରାଜଧାନୀରେ ପହଞ୍ଚିଲେ । ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଘଞ୍ଚବନାନୀ ପରିବେଷ୍ଟିତ ଉକ୍ତ ରାଜଧାନୀ ଏକ ତପୋଭୂମିରେ ପରିଣତ ହୋଇଥିଲା । କାରଣ ରାଜା ସୂର୍ଯ୍ୟବନ୍ତ ଶିବଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ । ଶିବଙ୍କର ଅନ୍ୟନାମ "ବୈଦ୍ୟନାଥ" ନାମରେ ମୂର୍ତ୍ତି, ମନ୍ଦିର ପ୍ରତିଷ୍ଠା କରି ଭୈରବ ପୂଜାରେ ନିଜକୁ ଉତ୍ସର୍ଗ କରିଥିଲେ । ନିଜର ଆରାଧ୍ୟଙ୍କ ନାମାନୁସାରେ ରାଜଧାନୀର ନାମ "ବୈଦ୍ୟନାଥ" ରଖିଥିଲେ । ଏହି ପବିତ୍ର ଶୈବପୀଠରେ ଅନେକ ମୁନି, ଋଷି, ଯୋଗୀ, ସାଧୁ ଓ ସନ୍ଥମାନେ ଧର୍ମଜ୍ଞ ରାଜା ସୂର୍ଯ୍ୟବନ୍ତଙ୍କ ପ୍ରୋତ୍ସାହନ ପ୍ରାପ୍ତ ହୋଇ ନିର୍ବିଘ୍ନରେ ଯୋଗ, ତପ, ଯଜ୍ଞାନୁଷ୍ଠାନ ଆଦି ଆଧ୍ୟାତ୍ମିକ କ୍ରିୟା ସଂପାଦନ କରୁଥିଲେ । ଗୌନ ମୁନି ଏହି ସ୍ଥାନଟିକୁ ଅତ୍ୟନ୍ତ ପବିତ୍ର ସ୍ଥାନର ମାନ୍ୟତା ଦେଇ ତାଙ୍କ ତପସ୍ଥଳୀ ଭାବରେ ଗ୍ରହଣ କଲେ ଓ କଠୋର ତପସ୍ୟାରେ ନିଜକୁ ହଜାଇ ଦେଲେ । କ୍ରମଶଃ ସତ୍ୟଯୁଗ ଶେଷାଙ୍କରେ

ଉପନୀତ ହେଲା । ଯୁଗ ବିବର୍ତ୍ତମାନ କ୍ରିୟାନୁଯାୟୀ ଧ୍ୱଂସର ଲୀଳା ଆରମ୍ଭ ହୋଇଗଲା । ତଥାପି ମୁନି ତପସିଦ୍ଧ ହୋଇ ଶାପମୁକ୍ତ ହୋଇ ପାରିଲେ ନାହିଁ । ମାନସସନ୍ତାନର ଏତାଦୃଶ ଅବସ୍ଥାରେ ବିବ୍ରତ ହୋଇ ପିତା ବ୍ରହ୍ମଦେବ ପରମେଶ ଶ୍ରୀମନାରାୟଣଙ୍କୁ ପ୍ରାର୍ଥନା କଲେ । ବ୍ରହ୍ମାଙ୍କ ପ୍ରାର୍ଥନା ଗ୍ରହଣ କରି ଦୟାମୟ ଶ୍ରୀହରି ମୁନିଙ୍କୁ ଆଶୀର୍ବାଦ ଦେବାକୁ ସଦୟ ସମ୍ମତି ପ୍ରଦାନ କଲେ । ମାତ୍ର ସିଦ୍ଧି ପ୍ରଦାନ ପୂର୍ବରୁ ମୁନିଙ୍କର ସଂଯମ ପରୀକ୍ଷା ନେବାକୁ ମନସ୍ଥ କରି ଅପ୍‌ସରା ରମ୍ଭା ଓ କେଶରୀଙ୍କୁ ପ୍ରେରଣ କଲେ । ଏହି ପରୀଦ୍ୱୟ ଅପୂର୍ବ ମୋହିନୀବେଶ ଧାରଣ କରି ମୁନିଙ୍କ ଚତୁଃପାର୍ଶ୍ୱରେ ବିଭିନ୍ନ ଆକର୍ଷଣୀୟ ଛନ୍ଦରେ ନୃତ୍ୟ କରି ତାଙ୍କ ତପ ଭଙ୍ଗ କରିବାକୁ ପ୍ରୟାସ କଲେ । ମୁନିଙ୍କର ତପ ଭଙ୍ଗ ହେଲା । ଅପସରାଙ୍କ ରୂପ, ଯୌବନ ମୋହରେ ବଶ ହୋଇ ମୁନିବର ସେମାନଙ୍କ ଅନୁଧାବନ କଲେ । କିନ୍ତୁ ବ୍ରହ୍ମଦେବଙ୍କ କରୁଣାବଳରେ ତାଙ୍କ ମୋହ ତୁଟିଗଲା । ସ୍ଖଳିତ ହୋଇ ଅବନମିତ ହେବା ପୂର୍ବରୁ ତାଙ୍କର ସଂବିତ୍ ଫେରି ଆସିଲା । କ୍ରୋଧରେ ଜର୍ଜରିତ ହୋଇ ଅପ୍‌ସରା ଦ୍ୱୟଙ୍କୁ ଅଭିଶାପ ଦେଇ ପାଷାଣ କରିଦେଲେ । କିନ୍ତୁ ଦୀର୍ଘଦିନର ସାଧନା ଅପୂର୍ଣ୍ଣାଙ୍ଗ ରହିଗଲା । ସଂଯମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ପାରିବା ଗ୍ଲାନିରେ ସେହି ସ୍ଥାନରେ (ଯେଉଁ ଠାରେ ଅପ୍‌ସରା ପାଷାଣ ହୋଇ ରହିଲେ) ପାର୍ଥିବ ଶରୀର ତ୍ୟାଗ କଲେ । ମୁନିଙ୍କ ଅଭିଶାପରେ ଅଭିଶପ୍ତା ନିର୍ଦ୍ଦୋଷା ପରୀଦ୍ୱୟଙ୍କ ଆକୁଳ ନିବେଦନରେ ପରମକାରୁଣିକ ଶ୍ରୀବିଷ୍ଣୁ ସାନ୍ତ୍ୱନା ଦେଇ କହିଲେ, ''ବ୍ରହ୍ମ ଅଭିଶାପ ଖଣ୍ଡନ ହଠାତ୍ ହେବନାହିଁ । ତ୍ରେତୟାଯୁଗରେ ମୁଁ ଶ୍ରୀରାମ ରୂପରେ ବନବାସ କରିବା ସମୟରେ ତୁମମାନଙ୍କୁ ମୁକ୍ତ କରିବି । ସେ ପର୍ଯ୍ୟନ୍ତ ଅପେକ୍ଷାକର ।'' ବ୍ରହ୍ମଲୀଳାର ଶିକାର ହୋଇ ବିଚରା ସଖୀଦ୍ୱୟ ତ୍ରେତୟା ପର୍ଯ୍ୟନ୍ତ ପାଷାଣ ହୋଇ ଅପେକ୍ଷା କଲେ ।

ଯୁଗ ପରିବର୍ତ୍ତନ ହେଲା । ସତ୍ୟ ପରେ ତ୍ରେତୟା ଭୂଲୋକରେ ପ୍ରବେଶ କଲା । ରାଜା ସୂର୍ଯ୍ୟବନ୍ତଙ୍କ ରାଜ୍ୟ, ରାଜଧାନୀ ଭୂଗର୍ଭରେ ବିସ୍ମୃତ ହେଲା ଓ ସେ ସ୍ଥାନ କେବଳ ଅରଣ୍ୟରେ ପୂର୍ଣ୍ଣ ହୋଇ ରହିଲା । ଗୌନମୁନି ନିଜର ପୂର୍ଣ୍ଣତା ପାଇଁ ଉସୁକ ମୁନି ନାମରେ ପୁନର୍ଜନ୍ମ ନେଲେ । ମୁନିଶ୍ରେଷ୍ଠ ଗୌତମଙ୍କୁ ଗୁରୁରୂପେ ଗ୍ରହଣ କରି ତାଙ୍କ ନିକଟରୁ ତ୍ରେତୟାର ବୀଜ ମନ୍ତ୍ର-ଧାରଣ କରି ସତ୍ୟରେ ନିର୍ଣ୍ଣୟ କରିଥିବା ନିଜର ତପୋଭୂମି ''ବୈଦ୍ୟନାଥ''କୁ ଫେରି ଆସିଲେ । ସେତେବେଳେ କିନ୍ତୁ ରାଜା ସୂର୍ଯ୍ୟବନ୍ତ ନ ଥିଲେ କିମ୍ବା ବୈଦ୍ୟନାଥଙ୍କ ମନ୍ଦିର ନ ଥିଲା । ତାଙ୍କର ଅତିପ୍ରିୟ ଶିଷ୍ୟ ଭୂରୀକ୍ଷକ ମୁନି ସେଠାରେ ଆଶ୍ରମ ପ୍ରତିଷ୍ଠା କରି ଯଜ୍ଞାନୁଷ୍ଠାନ ମାଧ୍ୟମରେ ସ୍ଥାନଟିର ପବିତ୍ରତା ଅକ୍ଷୁର୍ଣ୍ଣ ରଖିଥିଲେ । ସ୍ଥାନଟିର ନାମ ''ବୈଦ୍ୟନାଥ'' ପରିବର୍ତ୍ତେ ''ଭୂରୀକ୍ଷକ ଆଶ୍ରମ'' ନାମରେ ପରିଚିତ ହେଉଥିଲା । ସତ୍ୟର ଅସଂପୂର୍ଣ୍ଣ ସାଧନକୁ ପୂର୍ଣ୍ଣ କରିବାକୁ ମୁନି ଉସୁକ ପୁନଶ୍ଚ ଧ୍ୟାନସ୍ଥ ହେଲେ । ଅଭିଶପ୍ତା ଅପ୍‌ସରାମାନଙ୍କୁ ଉଦ୍ଧାର କରିବାପାଇଁ ଗୋଲୋକାଧିପତି ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ପତ୍ନୀ ଜାନକୀଙ୍କ ସହ ତାଙ୍କର ବନବାସ ପର୍ବର ପ୍ରଥମ ସୋପାନରେ ଉକ୍ତ ଅରଣ୍ୟରେ ପହଞ୍ଚିଲେ । ସତ୍ୟରେ ଦାନ କରିଥିବା ବଚନ ରକ୍ଷା କରି ପରମ ଦୟାଳୁ ଶ୍ରୀରାମ ସ୍ୱର୍ଗପରୀ ଦ୍ୱୟଙ୍କୁ ଶାପମୁକ୍ତ କରି ସ୍ୱପୁରକୁ ପ୍ରେରଣ କଲେ । ସତ୍ୟଯୁଗରେ ଗୌନ୍ନ ମୁନିଙ୍କ ତପସ୍ୟା, ଯୋଗଭଗ୍ନ, ଅପ୍‌ସରାଦ୍ୱୟଙ୍କ ଅଭିଶପ୍ତ ଅବସ୍ଥା ତଥା ମୁନିଙ୍କ ପାର୍ଥିବ ଶରୀର ତ୍ୟାଗର ସ୍ମାରକ ରକ୍ଷା କରିବା ଉଦ୍ଦେଶ୍ୟରେ ଭକ୍ତବତ୍ସଳ ରଘୁପତି ଯେଉଁ ଦୁଇଟି ସ୍ଥାନରେ ପରୀଦ୍ୱୟ ଦୁଇଗୋଟି ପ୍ରସ୍ତର ହୋଇ ସତ୍ୟରୁ ତ୍ରେତୟା ପର୍ଯ୍ୟନ୍ତ ଉଭା ହୋଇଥିଲେ, ସେଠାରେ ଦୁଇଟି କୁଣ୍ଡ ସୃଷ୍ଟି କରି ପରମ ପବିତ୍ରତାର ସ୍ପର୍ଶ ଦେଇଗଲେ ଓ ପରୀଦ୍ୱୟଙ୍କ ନାମାନୁସାରେ ସ୍ଥାନଟିର ନାମ ''କେଶରୀ, ରମ୍ଭାକୁଣ୍ଡ'' ରଖିଗଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସେହି କୁଣ୍ଡଦ୍ୱୟରେ ଅନେକ ମୁନି, ଋଷି ଯଜ୍ଞାନୁଷ୍ଠାନ କରି ଜ୍ଞାନପ୍ରାପ୍ତ ହୋଇଥିଲେ । ପ୍ରଭୁଙ୍କର ଉକ୍ତ ସ୍ଥୂଳ ଉପସ୍ଥିତି ସମୟରେ ଶ୍ରୀଗୁରୁଙ୍କ କୃପା ଲାଭ କରି ଉସୁକ ମୁନି (ସତ୍ୟର ଗୌନ୍ନ ମୁନି) ତାଙ୍କର ଦିବ୍ୟରୂପ ଦର୍ଶନ କରି ଜ୍ଞାନପ୍ରାପ୍ତି ପାଇଁ ଭିକ୍ଷା କଲେ । ଯୋଗୀହୃଦରନ୍ହାର ପ୍ରଭୁ ପରମେଶ ମୁନିଙ୍କ କଠୋର ତପରେ ସନ୍ତୁଷ୍ଟ ହୋଇ ଆଶୀର୍ବଚନ ଦେଇ କହିଲେ, ''ହେ ମୁନିଶ୍ରେଷ୍ଠ ! ତୁମ ପ୍ରତି ସମସ୍ତ ପରୀକ୍ଷା ଶେଷ ହୋଇଛି । ମୁଁ ତୁମକୁ ସମସ୍ତ ମଣ୍ଡଳୀୟ ଜ୍ଞାନ ପ୍ରଦାନ କରୁଅଛି । କିନ୍ତୁ ପୂର୍ଣ୍ଣଜ୍ଞାନ ପ୍ରାପ୍ତିର ସମୟ ହୋଇ ନାହିଁ । କାରଣ ସୃଷ୍ଟିତତ୍ତ୍ୱର ଯୁଗବାଦ

ରହସ୍ୟ ସଂପର୍କରେ ତୁମେ ଏବେ ମଧ୍ୟ ଅଚେତନ । ତେଣୁ ଏହି ଶରୀର ତ୍ୟାଗ କରି ନବକଳେବର ଧାରଣ କର । ଯୁଗରହସ୍ୟ ଭେଦ ପାଇଁ ଏହି ସ୍ଥାନରେ ଦ୍ୱାପରରେ ତପସ୍ୟା କର । ଦ୍ୱାପରଯୁଗରେ ମୁଁ କୃଷ୍ଣାବତାର ହୋଇ ମର୍ତ୍ତ୍ୟଧାମକୁ ଅବତରଣ କରିବା ସମୟରେ, ମୋର ସ୍ଥୂଳ ଉପସ୍ଥିତିରେ ତୁମେ ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି-ଏ ଚାରିଯୁଗର ସମସ୍ତ ଲୀଳାରହସ୍ୟ ଜ୍ଞାତ ହୋଇ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହେବ ।'' ଏହାପରେ ଯୁଗ ପରିବର୍ତ୍ତନ ହୋଇଛି । ମୁନିବର ଭସୁକ ଦେହ ତ୍ୟାଗ କରିଛନ୍ତି । କିନ୍ତୁ ତାଙ୍କର ତପ ପ୍ରଭାବରେ ''ବୈଦ୍ୟନାଥ'' (ଭୂରୀକ୍ଷକ ଆଶ୍ରମ) ଓ ''କେଶରୀ, ରମ୍ଭାକୁଣ୍ଡ''ର ସ୍ୱତନ୍ତ୍ରତା ଅମ୍ଳାନ ହୋଇ ରହିଅଛି । ପରିବର୍ତ୍ତନର ଝଲକରେ ''ରମ୍ଭା'' ନାମଟି ଲୁପ୍ତ ହୋଇ କୁଣ୍ଡଟିର ନାମ ଆଜି ମଧ୍ୟ ''କେଶରୀ କୁଣ୍ଡ'' ହୋଇ ରହିଅଛି ଓ ଯୁଗ ଯୁଗାନ୍ତରର ଅମରଗାଥା ସ୍ମରଣ କରାଇ ଦେଉଛି ।

ତ୍ରେତୟା ଯୁଗର ଅବସାନ ହୋଇଗଲା । ଦ୍ୱାପର ମଧ୍ୟଭାଗରେ ଗୋର୍ଣ୍ଣସକ ବ୍ରହ୍ମର୍ଷିଙ୍କ ଶିଷ୍ୟା କାବେରୀ ''ବୈତର୍ଣ୍ଣ'' ଯୋଗରେ ସିଦ୍ଧିପ୍ରାପ୍ତ ହୋଇ ''ବୈତରଣୀ'' ନାମରେ ସମଗ୍ର କୋଶଳ ରାଜ୍ୟରେ ନଦୀ ହୋଇ ପ୍ରବାହିତ ହେଲେ ଓ ପବିତ୍ର କେଶରୀ, ରମ୍ଭା କୁଣ୍ଡକୁ ତାଙ୍କର ଗର୍ଭରେ ସାଇତି ରଖିଲେ । ଗୌନ୍ନ ମୁନି (ତ୍ରେତୟାରେ ଭସୁକ) ''କୌଣଧ୍ୱଜ'' ନାମ ନେଇ ଦ୍ୱାପରରେ ଜନ୍ମ ଗ୍ରହଣ କଲେ ଓ ନିଜର ସାଧନ ପୀଠ ''ବୈଦ୍ୟନାଥ''କୁ ପୁନଃଗମନ କଲେ । ତ୍ରେତୟାରେ ପ୍ରାପ୍ତ ଆଶୀର୍ବାଦ ବଳରେ ଚାରିଯୁଗର ଲୀଳାରହସ୍ୟ ଜ୍ଞାନପ୍ରାପ୍ତ ହେଲେ । ପାଣ୍ଡବମାନଙ୍କର ଅଜ୍ଞାତବାସ କାଳରେ ରାସେଶ୍ୱର ଯଦୁପତି ଶ୍ରୀକୃଷ୍ଣ ସଖାମାନଙ୍କ ନିକଟକୁ ଆସିବାର ଛଳନା କରି କଳ୍ପଯୁଗରୁ ଅପେକ୍ଷାରତ ଭକ୍ତ ଶିରୋମଣି ମୁନିଶ୍ରେଷ୍ଠ ''କୌଣଧ୍ୱଜ''କୁ ଦର୍ଶନ ଦେଇ ପୂର୍ଣ୍ଣଜ୍ଞାନ ପ୍ରଦାନ କଲେ ଓ ଇଚ୍ଛାନୁସାରେ ବର ମାଗିବା ପାଇଁ ସଦୟ ଅନୁମତି ଦେଲେ । ମୁନି ସେତେବେଳକୁ ଆଗାମୀ କଳିଯୁଗର ଅପୂର୍ବ ଲୀଳା ସମ୍ବନ୍ଧରେ ସଚେତନ ହୋଇ ସାରିଥିଲେ । ତେଣୁ ନିବେଦନ କରି ଭିକ୍ଷା ମାଗିଲେ, ''ହେ ସ୍ୱାମୀ ! ଆପଣଙ୍କର ପୂର୍ଣ୍ଣ ଅବତାର ଦର୍ଶନ କରି ପୂର୍ଣ୍ଣାଙ୍ଗ ହେବାପାଇଁ ଏହି ସ୍ଥାନରେ ତିନିଯୁଗ ଅତିକ୍ରମ କରିସାରିଛି । ତେଣୁ କଳି ଶେଷରେ ଆପଣ ଯେଉଁ ଅଭିନବ ଲୀଳା ସଂରଚନ କରିବେ, ସେଥିରୁ ବଞ୍ଚିତ କାହିଁକି ହେବି ? ହେ ଦୀନବଂଧୁ ! ଆଜ୍ଞା ହେଉ, ଆପଣ କଳିର ଅନ୍ତିମ ଚରଣରେ ଯେତେବେଳେ ସଂପୂର୍ଣ୍ଣ ଗୋପନୀୟ ଭାବରେ କେଶବ ନାମ ଗ୍ରହଣ କରି ଯୁଗଲୀଳା କରୁଥିବେ, ସେତେବେଳେ ପୁନର୍ବାର ମୋର ଏହି ସିଦ୍ଧପୀଠକୁ ବିଜେ କରିବେ । କଳିର ପାପଭାରରେ କଳୁଷିତ ହୋଇଥିବା ମୋର ଭକ୍ତ ତପସ୍ଥଳୀକୁ ସଂସ୍କାର କରିବେ । ସେ ଯୁଗର ପ୍ରଧାନ ମୁକ୍ତି ପଥ ସତ୍‌ସଂଗ ଅନୁଷ୍ଠାନ କରାଇ ନିଜେ ସ୍ଥୂଳରେ ମଞ୍ଚାସୀନ ହୋଇ ମୋତେ ଦର୍ଶନ ଦେଇ କୃତାର୍ଥ କରିବେ । ଆପଣଙ୍କୁ ପାଇବାପାଇଁ ସତ୍ୟଯୁଗରୁ ଆଜି ପର୍ଯ୍ୟନ୍ତ ମୁଁ ଯେଉଁ ଜୀବନଚକ୍ର, ସାଧନକ୍ରିୟା, ପରୀକ୍ଷା ସୂତ୍ର ମାଧ୍ୟମ ଦେଇ ଗତି କରି ଆସିଛି, ତା'ର ସ୍ମାରକ ରକ୍ଷା ପାଇଁ ସେ ସମସ୍ତ ପର୍ଯ୍ୟାୟର ଆଧାରରେ ମୋର ସ୍ୱମଣ୍ଡଳ ''ଗୌନ୍ନମଣ୍ଡଳ'' ଉଦ୍ଦେଶ୍ୟରେ ମୋର ନାମରେ ଯଜ୍ଞାହୁତି ପ୍ରଦାନ କରାଇବେ । ଏ ସମସ୍ତ କାର୍ଯ୍ୟ ଯେଉଁଦିନ ବ୍ରହ୍ମଦେବ ମୋତେ ବେଦ ଧ୍ୱନିକ ମନ୍ତ୍ରଦ୍ୱାରା ପ୍ରଥମେ ସୃଷ୍ଟି କରିଥିଲେ ସେହି ତିଥି, ନକ୍ଷତ୍ରରେ ସଂପନ୍ନ କରାଇବେ ।'' ମୁନିବର ଯେତେବେଳେ ଦ୍ୱାପରରେ ଏଠାକୁ ଆସିଥିଲେ, ସେତେବେଳେ ଭୂରୀକ୍ଷକ ମୁନିଙ୍କ ଶିଷ୍ୟ ଭୈରୀଚାନ୍ଦ ମୁନି ଆଶ୍ରମ କରି ପ୍ରତିଷ୍ଠିତ ହୋଇଥିଲେ ଓ ପରମଗୁରୁ ଗୌନ୍ନମୁନିଙ୍କ ସମୟରୁ ସୃଷ୍ଟି ହୋଇଥିବା ଯଜ୍ଞକୁଣ୍ଡକୁ ସୁରକ୍ଷିତ ରଖି ଯଜ୍ଞାହୁତି ପ୍ରଦାନ କରି ଚାଲିଥିଲେ । ଯୁଗପ୍ରଳୟ ଏହି ସ୍ଥାନକୁ ସ୍ପର୍ଶ କରି ପାରି ନ ଥିଲା । ମୁନି ''କୌଣଧ୍ୱଜ'' ଏଠାରେ ପହଞ୍ଚି ପୀଠର ପ୍ରଥମ ନାମ ''ବୈଦ୍ୟନାଥ''କୁ ପୁନର୍ଜୀବିତ କରିଥିଲେ । ସେହିଦିନୁ ଅନେକ ଘାତପ୍ରତିଘାତ, ଉତ୍‌ଥାନପତନ ସତ୍ତ୍ୱେ ସ୍ଥାନଟିର ''ବୈଦ୍ୟନାଥ'' ନାମ ଅମ୍ଳାନ ହୋଇ ରହିଅଛି ।

ଭକ୍ତମାନଙ୍କର ସହ ଖେଳିବାକୁ ଭକ୍ତବତ୍ସଳ ଯେଉଁ ମାୟାଜାଲ ସୃଷ୍ଟି କରିଥାଆନ୍ତି, ପର୍ଯ୍ୟାୟକ୍ରମେ ଭକ୍ତର ନିଷ୍ଠା, ବିଶ୍ୱାସ, ପ୍ରେମ ଓ ଭକ୍ତି ନିକଟରେ ପରାସ୍ତ ହୋଇ ସେହି ଜାଲରେ ନିଜେ ଛନ୍ଦି ହୋଇ ଯାଆନ୍ତି । ଆଜି ତାଙ୍କର ସେହି ଅବସ୍ଥା ହୋଇଛି । ଗୌନ୍ନମୁନିଙ୍କ ସଙ୍ଗରେ ସତ୍ୟଯୁଗରୁ ଯେଉଁ ଖେଳ ଯୁଗଯୁଗ ଧରି ରଚନା

କରିଥିଲେ ତାହାରି ପରିଣାମ ସ୍ୱରୂପ ନିଜେ ଆଜି ଧରା ପଡ଼ିଯାଇଛନ୍ତି । ଦ୍ୱାପରରୁ ଦେଇଥିବା ବଚନ ଅନୁସାରେ ମୁନିଙ୍କର ଭୂଲୋକରେ ପ୍ରଥମ ଆବିର୍ଭାବ ଦିବସ ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ନିଜେ ସ୍ଥୂଳରେ ଅବସ୍ଥିତ ରହି ମୁନିଶ୍ରେଷ୍ଠଙ୍କର ଇଚ୍ଛା ପୂର୍ଣ୍ଣ କରି ତାଙ୍କରି ନାମରେ ଯଜ୍ଞାହୂତି ପ୍ରଦାନ କରାଇଛନ୍ତି । ଭକ୍ତ ସିନା ଯଜ୍ଞାନୁଷ୍ଠାନ କରି ଭଗବାନଙ୍କୁ ଆହୂତି ଦାନ କରନ୍ତି । ଆଜି କିନ୍ତୁ ଭଗବାନ ଭକ୍ତ ନାମରେ ଆହୂତି ପ୍ରଦାନ କରି ଧରାଧାମରେ ''ଭକ୍ତବତ୍ସଳ'' ନାମ ପ୍ରମାଣର ପୁନରାବୃତ୍ତି କରିଛନ୍ତି । ଧନ୍ୟ ସେ ଭକ୍ତ ପ୍ରବର ମୁନିଶ୍ରେଷ୍ଠ ''ଗୌନମୁନି'', ଆଉ ଧନ୍ୟ ଏହି ନଟକୁଟିଆ ଭକ୍ତ ମନଚୋର ଲୀଳାମୟ ଚଗଲା ଠାକୁର !

ସମସ୍ତ କାର୍ଯ୍ୟରେ ପାରଙ୍ଗମ ସେ । ଏହି କାର୍ଯ୍ୟ ସୂକ୍ଷ୍ମରେ ସମାହିତ କରି ଜଗଦ୍‌ବାସୀଙ୍କୁ ଅନ୍ଧକାରରେ ରଖି ପାରିଥାନ୍ତେ । କିନ୍ତୁ ସେ ଯେତିକି କୌଶଳୀ, ତାଙ୍କର ଭକ୍ତମାନେ ତାଙ୍କ ଠାରୁ ଆହୁରି ସତର୍କ । ପଞ୍ଚଦଶ ଶତାବ୍ଦୀର ଭବିଷ୍ୟବକ୍ତା ଯୋଗୀଶ୍ରେଷ୍ଠ ଅଚ୍ୟୁତ ଏହି ସମସ୍ତ ଗୁପ୍ତରହସ୍ୟ ନିର୍ବିକଳ୍ପ ସମାଧିରେ ଦର୍ଶନ କରି ତାଙ୍କର ଅନବଦ୍ୟ କୃତି ''କଳିକଳ୍ପଟୀକା'' ତୃତୀୟଖଣ୍ଡ ଏକାଦଶ ଓ ଦ୍ୱାଦଶ ପୃଷ୍ଠାରେ ତାଙ୍କ ପ୍ରିୟଶିଷ୍ୟ ରାମଦାସଙ୍କୁ କହିବା ଛଳରେ ଉଲ୍ଲେଖ କରି ଯାଇଛନ୍ତି । ସେଥିରେ କିଛି ଅଂଶ ନିମ୍ନରେ ଉଦ୍ଧାର କରାଯାଉଅଛି ।

''କହୁଅଛି ଶୁଣ ତୋତେ ଗୁପତ ବାରତା । ସହିବୁ, ବାହିବୁ କଳିଯୁଗର ଏ କଥା ॥
ଅମା ସାବିତ୍ରୀ ଅନ୍ଧାରେ ଗୌନ ମୁକ୍ତି ଦିନ ।ଏହି ଦିନ ଯୋଗ, ଯଜ୍ଞ ସତ୍ୟର ରତନ ॥
ଯୁଗ ସାଧନ କରିଣ ଦେହ କଷ୍ଟ ଦେଇ । ପ୍ରଭୁନାମ ଗାଇ ଗାଇ ଦେଇଛି ବିତାଇ ॥
ବହୁ ତପ ଫଳେ କୋଶଳର ବନଗାମୀ । ଋଷି ଆସର ସଜାଇ ଗୁପତରେ ନାମୀ ॥''

ଉପରୋକ୍ତ ପଦ୍ୟାବଳୀରେ ମହାପୁରୁଷ ଅଚ୍ୟୁତ ତାଙ୍କ ପ୍ରିୟ ଶିଷ୍ୟ ରାମଦାସଙ୍କୁ ସମ୍ବୋଧନ କରି କହୁଛନ୍ତି, ''ମୁଁ ତୋତେ ଗୁପ୍ତ ବାର୍ତ୍ତା (ଖବର) ଦେଉଛି । କଳିଯୁଗର ଧର୍ମ ଅନୁସାରେ ତୁ ସମସ୍ତ ବିଘ୍ନ ସହିଯିବୁ ଓ ଧର୍ମ ସଂସ୍ଥାପନର କାର୍ଯ୍ୟ ବାହିନେବୁ । ଅମା ଅର୍ଥାତ୍ ଅମାବାସ୍ୟା । ସାବିତ୍ର ଅମାବାସ୍ୟା ହେଉଛି ଗୌନ ମୁନିଙ୍କର ମୁକ୍ତି ଦିବସ । ଯୁଗଯୁଗ ଧରି ଦେହକୁ ଅନେକ କଷ୍ଟ ଦେଇ ପ୍ରଭୁଙ୍କ ନାମ ଗାଇ ଗାଇ ସେ ଅପେକ୍ଷା କରିଛି । ବହୁ ତପ କରି କୋଶଳର ଜଙ୍ଗଲରେ ଅନେକ ଋଷିଙ୍କର ସୂକ୍ଷ୍ମ ଆସର ସଜାଇ ଗୁପ୍ତରେ ସୂକ୍ଷ୍ମସତ୍ତା ନେଇ ସେ ରହିଅଛି । ''କୌଶଳର ଜଙ୍ଗଲ'' ଅର୍ଥ ହେଉଛି, ବର୍ତ୍ତମାନର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱରର କିଛି ଅଂଶ, ଅବିଭକ୍ତ କଟକ ଜିଲ୍ଲାର କିଛି ଅଂଶ ଓ ସମ୍ବଲପୁରର କିଛି ଅଞ୍ଚଳକୁ ନେଇ ତ୍ରେତୟାର କୋଶଳ ରାଜ୍ୟ ଗଠନ ହୋଇଥିଲା । ତେଣୁ ଏହି ପବିତ୍ରପୀଠ ''ବୈଦ୍ୟନାଥ'' କୋଶଳ ସଭ୍ୟତା ଅନ୍ତର୍ଗତ ବୋଲି ମହାପୁରୁଷ ସୂଚନା ଦେଇଅଛନ୍ତି ।

''ବୃଷ ଏକାଦଶ ଜ୍ୟେଷ୍ଠ ଚାରି ସୋମବାର । ଅମାବାସ୍ୟା, ମହତୀ, କୃତ୍ତିକା, ଶନିଶ୍ଚର ॥''

ଏଠାରେ ମହାପୁରୁଷ ପର୍ବଟିର ତିଥି, ବାର, ନକ୍ଷତ୍ର ଓ ଚନ୍ଦ୍ର ସ୍ଥିତିର ସୂଚନା ଦେଇଛନ୍ତି । ଉକ୍ତଦିନ ବୃଷମାସ ଏଗାରଦିନ, ଜ୍ୟେଷ୍ଠମାସ ଚାରିଦିନ ହୋଇଥିବ । ବାର ସୋମବାର ହୋଇଥିବ । ଅମାବାସ୍ୟା ତିଥି ହୋଇଥିବ । ଅଲଭ୍ୟ ମହତୀ ସ୍ନାନ ଯୋଗ ପଡ଼ିଥିବ । କୃତ୍ତିକା ନକ୍ଷତ୍ର ଯୁକ୍ତ ହୋଇ ଶନିଶ୍ଚର ଚନ୍ଦ୍ର ହୋଇଥିବ । ''ଶନିଶ୍ଚର ଚନ୍ଦ୍ର''ର ଅର୍ଥ ହେଉଛି, ଯେଉଁ ରାଶିରେ ଏହିଦିନ ଶନି ମହାଗ୍ରହ ଅବସ୍ଥାନ ହୋଇଥିବେ, ସେହି ରାଶିରେ ଚନ୍ଦ୍ର ଚଳନ ଥିବ । ଆଜି ଶନି ମେଷ ରାଶିରେ ଅବସ୍ଥାନ କରୁଛନ୍ତି । ତେଣୁ ମହାପୁରୁଷ କହିଛନ୍ତି କୃତ୍ତିକା ନକ୍ଷତ୍ରଯୁକ୍ତ ହୋଇ ଚନ୍ଦ୍ର ମେଷ ରାଶିରେ ଥିବେ ।

''ବେନିବାର ମିଶାଇ ଶତେକ ପାଶେ ଥୋଇ । ତିନିଦୁଇ ଯୋଗକରି ସାଲ ଆସିବଇ ॥''

ଉକ୍ତ ପଦ୍ୟାଂଶରେ ମହାପୁରୁଷ ଓଡ଼ିଆରେ ଗୃହୀତ ସାଲର ଉଲ୍ଲେଖ କରିଅଛନ୍ତି । ବେନି ଅର୍ଥାତ୍ ଦୁଇ । ଦୁଇରେ ବାର ମିଶାଇ ଶତେକ ପାଖରେ ରଖିବୁ । ଅର୍ଥାତ୍ ୨+୧୨=୧୪ । ୧୦୦ ପାଖରେ ରଖିଲେ ୧୪୦୦ ।

ତିନିରେ ଦୁଇ ମିଶାଇ ୧୪୦୦ରେ ଯୋଗ କରିବୁ । ୩+୨=୫, ୫+୧୪୦୦=୧୪୦୫ । ସୁତରାଂ ସାଲ ହୋଇଥିବ ୧୪୦୫ ।

ସଂପୂର୍ଣ୍ଣ ଦିବସର ସୂଚନା : ୧୪୦୫ ସାଲ, ବୃଷ ଦି୧୧ନ, ଜ୍ୟେଷ୍ଠ ଦି୪ନ, ସାବିତ୍ରୀ ଅମାବାସ୍ୟା, ମହତୀ ସ୍ନାନ ଯୋଗ, କୃତ୍ତିକା ମେଷରେ ଚନ୍ଦ୍ର ସ୍ଥିତି, ସୋମବାର । ଆଜି ହେଉଛି ସ୍ଥିରୀକୃତ ସେହି ପବିତ୍ର ଦିବସ ।

ଏହିଦିନ କେଶବ ଯେ, ପୀଠ ତୋଳିଯିବ । ବୈଦ୍ୟନାଥ ପାଶେ, ଗୌନ୍ନ ହୋମ ଯାଗ ହେବ ॥

ସୂକ୍ଷମରେ ମୁନି, ଋଷି ମୁକତି ଲଭିବେ । ମଉନେ ବସି ପୁରୁଷ କରମ କରିବେ ॥

ମୁରୁଖ ଜନ ଯେ ଟାହି ଟାପରା କରନ୍ତି । ପଣ୍ଡିତ ଲୋକଙ୍କ ମନେ ସନ୍ଦେହ ଆଣନ୍ତି ॥

ମହାପୁରୁଷ କହୁଛନ୍ତି ଏହିଦିନ ଅର୍ଥାତ୍ ପୂର୍ବ ପଦରେ ସ୍ଥିରୀକୃତ ହୋଇଥିବା ଦିବସରେ କେଶବ ପୀଠ ତୋଳିଯିବେ । ବୈଦ୍ୟନାଥ ପାଶେ ଅର୍ଥାତ୍ ସତ୍ୟଯୁଗରେ ପୂଜିତ, ପ୍ରତିଷ୍ଠିତ ''ବୈଦ୍ୟନାଥ''ଙ୍କ ନିକଟରେ ଗୌନ୍ନ ହୋମ ଯଜ୍ଞ ହେବ । ବୈଦ୍ୟନାଥଙ୍କ ସଂପର୍କରେ ଓ ସ୍ଥାନଟିର ମହିମା ସଂପର୍କରେ ପୂର୍ବ ପୃଷ୍ଠାମାନଙ୍କରେ ବିଶଦ୍ ବର୍ଣ୍ଣନା ହୋଇଅଛି । ଉକ୍ତ ପବିତ୍ର ଦିବସରେ ସୂକ୍ଷ୍ମରେ ଏହି ସ୍ଥାନରେ ଓ ତାର ନିକଟବର୍ତ୍ତୀ ଅଞ୍ଚଳରେ ଯୁଗଯୁଗଧରି ଅପେକ୍ଷା କରିଥିବା ଅନେକ ମୁନି, ଋଷି ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇ ବ୍ରହ୍ମଙ୍କ ସହିତ ମିଳିତ ହେବେ । ଏଠାରେ କଳି ଅବତାର ଠାକୁର ଶ୍ରୀକେଶବଙ୍କୁ ମହାପୁରୁଷ ''ପୁରୁଷ'' ନାମରେ ଅଭିହିତ କରିଛନ୍ତି । ପୁରୁଷ ଏହିଦିନ ଏହିସ୍ଥାନରେ ମଉନ ହୋଇ ମଞ୍ଚାସୀନ ହେବେ ଓ ସୂକ୍ଷ୍ମରେ ଉଦ୍ଧାର କାର୍ଯ୍ୟ ସମାପ୍ତ କରିବେ । ଉକ୍ତ ମହାମିଳନକୁ ମୂର୍ଖଜନମାନେ ଅବିଶ୍ୱାସ କରି ଥଟ୍ଟା କରିବେ । ପଣ୍ଡିତମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ମନରେ ସନ୍ଦେହ ଭାବ ଆଣିବେ ।

''ଏହିଠାରେ ଉଭାହୋଇ କାର୍ଯ୍ୟ ସମ୍ଭାଳିବୁ । ଖଳ, ବଳ ଜନକୁ ତୁ ଭୟ ନ କରିବୁ ॥

ସତ୍‌ସଂଗ ବାରତାରେ ଦେଉଛି ବତାଇ । ମନେ ରଖିଥିବୁ ବାବୁ ଅଚ୍ୟୁତି କହଇ ॥

ଉକ୍ତ ପଦ୍ୟରେ ମହାପୁରୁଷ ଅଚ୍ୟୁତ ଶିଷ୍ୟ ରାମଦାସଙ୍କୁ ନିର୍ଦ୍ଦେଶ ଦେଇ କହୁଛନ୍ତି, ''ତୁ ଏହିଠାରେ ସୂକ୍ଷ୍ମରେ ଉପସ୍ଥିତ ରହି ଉକ୍ତ ମହତ କାର୍ଯ୍ୟକୁ ସମ୍ଭାଳି ନେବୁ । ଖଳ ବଳ ଅର୍ଥାତ୍ ଦୁଷ୍ଟ ବ୍ୟକ୍ତିମାନଙ୍କୁ ଭୟ କରିବୁ ନାହିଁ । ଯେଉଁ ଗୁପ୍ତରହସ୍ୟ କହିଲି ତାକୁ ମନେ ରଖିଥିବୁ ।

ଏହାହିଁ ''ଗୌନ୍ନ ମୁନି ହୋମ ଦିବସର''ର କାରଣ । ସତ୍ୟଯୁଗରୁ ପ୍ରତିଷ୍ଠିତ ଏହି ମହାନ୍ ଶୈବପୀଠ ଆଜି ଶ୍ରୀହରିଙ୍କ ଉପସ୍ଥିତିରେ ମର୍ତ୍ତ୍ୟଗୋଲୋକରେ ପରିଣତ ହୋଇଛି । ଉକ୍ତ ଅପୂର୍ବ ମିଳନର ପ୍ରଭାବରେ ସ୍ଥାନଟିର ପ୍ରତି ଧୂଳିକଣା ଆଜି ପବିତ୍ରତାର ଗୌରବଲାଭ କରି ଆଗାମୀ ଯୁଗଯୁଗ ପାଇଁ ''ସିଦ୍ଧପୀଠ''ର ମର୍ଯ୍ୟାଦା ପ୍ରାପ୍ତ ହୋଇଅଛି । ଏହି ଦୁର୍ଲଭ ମୁହୂର୍ତ୍ତରେ ଯିଏ ଉପସ୍ଥିତ ଅଛନ୍ତି ତଥା ଉକ୍ତ ଅମର ଗାଥାକୁ ଯିଏ ପ୍ରେମ, ଭକ୍ତି ଓ ବିଶ୍ୱାସର ସହ ଶ୍ରବଣ, ମନନ ଓ କଥନ କରିବେ ତାଙ୍କର ଜନ୍ମ ଜନ୍ମାନ୍ତରର ସମସ୍ତ ପାପକର୍ମ ଧ୍ୱଂସ ହୋଇ ମନ, ପ୍ରାଣ ବିଭୁପାଦପଦ୍ମରେ ସମର୍ପିତ ହେବ ଏଥିରେ କୌଣସି ସନ୍ଦେହ ନାହିଁ ।

ମଙ୍ଗଳମୟଙ୍କ ମଙ୍ଗଳ ଇଚ୍ଛା ହିଁ ପୂର୍ଣ୍ଣ ହେଉ ।

**ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!**

**ସ୍ୱର୍ଣ୍ଣକ୍ଷେତ୍ର**

ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ, ମାହାଙ୍ଗା

# ଆଶ୍ରମ ସନ୍ଦେଶ

ତା୧୪।୮।୯୮ରିଖ ଶୁକ୍ରବାର : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଶ୍ରୀକୃଷ୍ଣ "ଜନ୍ମାଷ୍ଟମୀ" ଉତ୍ସବ ଯଥାବିଧି ପାଳନ କରାଯାଇଥିଲା ।

ତା୨୬।୮।୯୮ରିଖ ବୁଧବାର : ଆଶ୍ରମ ପରିସରରେ ଶ୍ରୀଗଣେଶପୂଜା ଅନୁଷ୍ଠିତ କରାଯାଇଛି । କେନ୍ଦୁଝର କେନ୍ଦ୍ରିୟ ଶାଖା ଅନ୍ତର୍ଗତ ବାଉରୀପଦା ଶାଖାର ନୂତନ ଶାଖାଗୃହ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା ଓ ସତ୍‌ସଙ୍ଗ ଅନୁଷ୍ଠାନ କରାଯାଇଅଛି ।

ତା୩୦।୮।୯୮ରିଖ ରବିବାର : ଶ୍ରୀଗୁରୁସ୍ୱାମୀ "ଇନ୍ଦ୍ରୋତ୍ସବ-ମର୍ତ୍ତ୍ୟାବତରଣ ଉତ୍ସବ" ଉପଲକ୍ଷେ ସପ୍ତା ବ୍ୟାପି ଭାଗବତ ପାଠର ଶୁଭାରମ୍ଭ ପ୍ରତ୍ୟେକ ଶାଖାରେ କରାଯାଇଛି ।

ତା୦୩।୯।୯୮ରିଖ ଗୁରୁବାର : ଶ୍ରୀଠାକୁରଙ୍କର ମର୍ତ୍ତ୍ୟାବତରଣ ସ୍ମରଣେ ଆଜିଠାରୁ ସ୍ୱର୍ଣ୍ଣକ୍ଷେତ୍ର ପରିସର ମଧ୍ୟରେ ଷଷ୍ଠୀ ଦେବୀଙ୍କ ପୂଜା, ହୋମ ଓ ନାମସଂକୀର୍ତ୍ତନ ଆରମ୍ଭ ହୋଇଅଛି ।

ତା୦୪।୯।୯୮ରିଖ ଶୁକ୍ରବାର : ଶ୍ରୀଠାକୁରଙ୍କର ବରପ୍ରାପ୍ତ ସପ୍ତର୍ଷିମାନଙ୍କର "ଅଭିଷ୍ଟ ଯଜ୍ଞ" ଓ ମର୍ତ୍ତ୍ୟାବତରଣ "ସ୍ମୃତିଯଜ୍ଞ"ର ଅଙ୍କୁରାରୋପଣ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଛି ।

ତା୦୫।୯।୯୮ରିଖ ଶନିବାର : ପୂଜାର୍ଚ୍ଚନା ଓ ଯଜ୍ଞାହୁତି ଆରମ୍ଭ ।

ତା୦୬।୯।୯୮ରିଖ ରବିବାର : ଶ୍ରୀଠାକୁରେ ସହସ୍ରାଧିକ ଭକ୍ତ, ଅନୁଗତ, ଶିଷ୍ୟଙ୍କର ନିବେଦନ ଗ୍ରହଣ କରି ମଞ୍ଚାସୀନ ହୋଇଥିଲେ । ତାଙ୍କର ମର୍ତ୍ତ୍ୟାବତରଣ ଉପଲକ୍ଷେ ପୂଜାର୍ଚ୍ଚନା ଗ୍ରହଣ କରିଥିଲେ । ସହାସ୍ୟ ବଦନରେ ଭକ୍ତମାନଙ୍କୁ ପୂର୍ଣ୍ଣ ଦର୍ଶନ ଦେଇ ଧନ୍ୟ କରିଥିଲେ । ଯଜ୍ଞାହୁତି ଚାଲିଥିଲା ।

ତା୦୭।୯।୯୮ରିଖ ସୋମବାର : ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା ।

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି